ରେ ମିଉନିସିପାଲିଟୀର ସେହି କର୍ମଚାରୀମାନେ ପୁଲିସଦଳ ଏବଂ ମେହନ୍ତର ଗାଡ଼ିମାନଙ୍କ ସହିତ ଉପସ୍ଥିତ ହେଲେ । ମାତ୍ର ମେହନ୍ତରମାନେ ପ୍ରଧାନ ଛତା ଓ ଯହିଁରେ ହୋମକୁଣ୍ଡ ଓ ଯଜ୍ଞ ଅଗ୍ନି ରହିଅଛି ତାହାକୁ ଛୁଇଁବାକୁ ଭୀତ ହୋଇ ବାହାରି ଗଲେ । ସେଠାରେ ଥିବା ବୈଷ୍ଣବମାନେ ସେହିଠାରେ ପ୍ରତିବନ୍ଧର ଦାରୁଣ କଷ୍ଟରେ ଉତ୍ତମାନ ପଡ଼ିରହି ଯେଉଁ କଷ୍ଟ ସହିଲେ ଏବଂ ତାହାଙ୍କ ଅବସ୍ଥା ଦେଖି ହିନ୍ଦୁମାନଙ୍କ ମନରେ ଯେଉଁ ଅସହ୍ୟ କଷ୍ଟ ହୋଇଥିଲା ତାହା ବର୍ଣ୍ଣନାତୀତ । ଆରଦିନ ସକାଳେ ମିଉନିସିପାଲିଟୀର ଚେଅରମାନ ସ୍ୱୟଂ ସେଠାରେ ଉପସ୍ଥିତ ହୋଇ ବାବାଜିମାନଙ୍କ ଉପରେ ଯଥୋଚିତ ରାଗାନ୍ୱିତ ହୋଇ ଧର୍ମପାଦୁକାମଣ୍ଡିତ ପଦାଘାତଦ୍ୱାରା ସେହି ପବିତ୍ର ସ୍ଥାନକୁ କଳଙ୍କିତ କରି ଚାଲିଗଲେ । ସେହିଦିନ ସନ୍ଧ୍ୟା ସମୟରେ ସେଠାରେ ନିତ୍ୟ ହୋମ କରୁଥିବା ସୁଦାମଗୋସ୍ୱାମୀ ବାବାଜିଙ୍କ ନାମରେ ଦଣ୍ଡବିଧି ଆଇନର ଧା ୧୮୬ ଓ ୧୮୮ ସୁଲକ୍ଷିତ ସରକାରୀକାର୍ଯ୍ୟରେ ବାଧା ଦେବା ଅଭିଯୋଗର ସମନ ଜାରି ହେଲା । ବାବାଜି ଟ ୧୦୦୧ ଙ୍କାର ଜାମିନରେ ଅଛନ୍ତି । ଗତ ମାସ ତା ୧୨ ରୁଣରେ ମକଦ୍ଦମା ଧାର୍ଯ୍ୟ ହୋଇଥିଲା ଫଳ ଜଣା ପଡ଼ି ନାହିଁ । ଏହି ଘଟଣାରେ ପୁରୀର ଅବାଳବୃଦ୍ଧବନିତା ଅସହ୍ୟ ମନୋବେଦନା ଭୋଗ କରୁଅଛନ୍ତି ଏବଂ ସର୍ବତ୍ର ଏହି ଚର୍ଚ୍ଚା ଲାଗିଅଛି । ପତ୍ରପ୍ରେରକ ମହାଦୁଃଖରେ କହିଅଛନ୍ତି କି ଅମ୍ଭ ଶାସନର ଫଳ କି ଏହିପରି ହେଲା ଏବଂ କରଦାତାମାନେ ଯାହାଙ୍କୁ କମିଶନର ନିର୍ବାଚନ କରିଥିଲେ ସେମାନେ କି ଏହିପରି କରଦାତାଙ୍କ ସମ୍ମାନ ରକ୍ଷା କଲେ ? ରକ୍ଷକମାନେ ଯେସ୍ଥଳେ ଭକ୍ଷକ ହେଲେ ସେସ୍ଥଳେ ତାହାଙ୍କୁ ଏ ଦୁଃଖ ଶୁଣାଯିବ । ଅମ୍ଭେମାନେ କରଦାତାମାନଙ୍କୁ ଏତିକି ସାନ୍ତ୍ୱନା ଦେଉଅଛୁଁ କି ସେମାନେ ଭବିଷ୍ୟତରେ ନିର୍ବାଚନବିଷୟରେ ଯଥୋଚିତ ସାବଧାନ ହେବେ ।

---

ଓଡ଼ିଶା ସଂସ୍କୃତ ସମିତିର ସମ୍ପାଦକ ବାବୁ ଜଗନ୍ନାଥ ବସୁଙ୍କଠାରୁ ସେହି ସମିତିର ସନ ୧୮୯୩-୯୪ ସାଲର ବାର୍ଷିକ ବିବରଣ ପ୍ରାପ୍ତହେବାରୁ ଅମ୍ଭେମାନେ ତାହାଙ୍କଠାରେ କୃତଜ୍ଞତା ସ୍ୱୀକାର ପୂର୍ବକ ସର୍ବସାଧାରଣଙ୍କ ଗୋଚରାର୍ଥେ ତାହା ନିମ୍ନେ ପ୍ରକାଶ କଲୁଁ, ଯଥା—

ମହାମାନ୍ୟ ଗବର୍ଣ୍ଣମେଣ୍ଟ ଯେଉଁ ସଦଭିପ୍ରାୟରେ ମହାମହୋପାଧ୍ୟାୟ ମହେଶଚନ୍ଦ୍ର ନ୍ୟାୟରତ୍ନଙ୍କୁ ଓଡ଼ିଶା ପ୍ରଦେଶକୁ ପ୍ରତିନିଧିରୂପେ ପ୍ରେରଣ କରିଥିଲେ, ଗବର୍ଣ୍ଣମେଣ୍ଟଙ୍କ ସେହି ସଦଭିପ୍ରାୟ ଅନୁସାରେ ଓଡ଼ିଶାପ୍ରଦେଶସ୍ଥ ସଂସ୍କୃତ ଟୋଲମାନଙ୍କ ଅବସ୍ଥା ଉନ୍ନତ କରି ଏ ପ୍ରଦେଶରେ ସଂସ୍କୃତ ଅଲୋଚନାର ଉତ୍ସାହବୃଦ୍ଧି କରିବା ଉଦ୍ଦେଶରେ ୧୮୯୩ ମସିହା ଫେବୃୟାରୀ ମାସ ୨୪ ତାରଖରେ ଓଡ଼ିଶା ସଂସ୍କୃତସମିତି ସ୍ଥାପିତ ହେଲା । ଏହି ସମିତିର ପ୍ରତିଷ୍ଠା ଉପଲକ୍ଷରେ ଯେଉଁ ସଭା ହୋଇଥିଲା ସେଥିରେ ଓଡ଼ିଶାବିଭାଗର କମିଶନର ଶ୍ରୀଯୁକ୍ତ ଏଚ୍, ଜି, କୁକ୍ ଏସ୍କୋୟାର ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ, ଏବଂ ଅନେକ ସମ୍ଭ୍ରାନ୍ତ ଭଦ୍ରମହୋଦୟ ଉପସ୍ଥିତ ଥିଲେ । ଉକ୍ତ ଅଧିବେଶନରେ ଓଡ଼ିଶା ପ୍ରଦେଶର ଭିନ୍ନ ୨ ଅଞ୍ଚଳର ସମ୍ଭ୍ରାନ୍ତ ଓ ଉଚ୍ଚପଦସ୍ଥ ଭଦ୍ରବ୍ୟକ୍ତିମାନେ ସମିତିର ସଭ୍ୟ ମନୋନୀତ ହେଲେ, ଏବଂ ୧୬ ଜଣ ସଭ୍ୟ ନେଇ ଗୋଟିଏ କାର୍ଯ୍ୟନିର୍ବାହକ କମିଟୀ ଗଠିତ ହେଲା । ଏହି କମିଟୀର ସଭାପତି ପଦରେ କଟକର ଡିଷ୍ଟ୍ରିକ୍ଟ ଜଜ ଶ୍ରୀଯୁକ୍ତ ବି, ଏଲ, ଗୁପ୍ତ ଏସ୍କୋୟାର ମହୋଦୟ, କୋଷାଧ୍ୟକ୍ଷ ପଦରେ ଶ୍ରୀଯୁକ୍ତ ବାବୁ ହରବଲ୍ଲଭ ଘୋଷ ବି, ଏଲ, ମହାଶୟ, ଏବଂ ସମ୍ପାଦକ ପଦରେ ଶ୍ରୀଯୁକ୍ତ ବାବୁ ଜଗନ୍ନାଥ ବସୁ ମହାଶୟ ନିଯୁକ୍ତ ହେଲେ ।

ବର୍ଣ୍ଣିତ ବର୍ଷମଧ୍ୟରେ କାର୍ଯ୍ୟନିର୍ବାହକ କମିଟୀର ଛଅଗୋଟି ଅଧିବେଶନ ହୋଇଥିଲା, ଏବଂ ଅନେକଗୁଡ଼ିଏ ପ୍ରୟୋଜନୀୟ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସମିତିର କାର୍ଯ୍ୟନିର୍ବାହ ଓ ପ୍ରଥମ ସଂସ୍କୃତ ପରୀକ୍ଷାର କାର୍ଯ୍ୟ ଚଳାଇବା ନିମନ୍ତେ ନିୟମାବଳୀ ଗଠିତ ହେଲା । ସଦରକଟକ ଏବଂ କଟକ ପୁରୀ ଜିଲ୍ଲାରେ ଅବସ୍ଥିତ ଟୋଲମାନଙ୍କର ସେଲସ୍ଟ, ଏବଂ ପ୍ରଥମ ସଂସ୍କୃତ ପରୀକ୍ଷା ପ୍ରଥମଥର ଗୃହୀତ ହେଲା ।

ପୁରୀ ଜଗନ୍ନାଥସମିତି ଓଡ଼ିଶା ସଂସ୍କୃତସମିତିର ଶାଖା ଅଟେ, କିନ୍ତୁ ଗତବର୍ଷ ପୁରୀ ଜିଲ୍ଲାସ୍ଥ ଟୋଲମାନଙ୍କର ପ୍ରଥମ ସଂସ୍କୃତପରୀକ୍ଷା ସ୍ୱତନ୍ତ୍ରଭାବରେ ଗୃହୀତ ହୋଇଥିଲା । ବାଲେଶ୍ୱର ସଂସ୍କୃତସମିତି ଓଡ଼ିଶା ସଂସ୍କୃତସମିତିର ଶାଖା ନୁହେ, କିନ୍ତୁ ବାଲେଶ୍ୱର ଜିଲ୍ଲାର ପ୍ରଥମ ସଂସ୍କୃତପରୀକ୍ଷାର୍ଥୀମାନେ ଗତବର୍ଷ ଓଡ଼ିଶା ସଂସ୍କୃତସମିତି କର୍ତ୍ତୃକ ନିର୍ଦ୍ଧାରିତ ନିୟମାନୁସାରେ ପରୀକ୍ଷିତ ହୋଇଥିଲେ । ଓଡ଼ିଶା ସଂସ୍କୃତସମିତି ଜଗନ୍ନାଥ ସଂସ୍କୃତସମିତିକୁ ଏକଶତ ଟଙ୍କା ସାହାଯ୍ୟ କରିଥିଲେ ।

ବର୍ଣ୍ଣିତ ବର୍ଷରେ ସମିତିର ମୋଟ ଆୟ ଟ ୬୫୦ ଙ୍କା ହୋଇଥିଲା, ଏବଂ ମୋଟ ବ୍ୟୟ ଟ ୧୯୨ ଙ୍କା ହୋଇଥିଲା । ଅବଶିଷ୍ଟ ଟ ୪୫୮ ଙ୍କା ମଧ୍ୟରୁ ଟୋଲର ଶିକ୍ଷକ ଓ ଛାତ୍ରମାନଙ୍କୁ ପୁରସ୍କାର, ଏବଂ ପରୀକ୍ଷକମାନଙ୍କୁ ପାରିଶ୍ରମିକ ବିତରଣ କରିବାରେ ସମ୍ପ୍ରତି ଟ ୩୨୨ ଙ୍କା ବ୍ୟୟ ହୋଇଅଛି ।

ପ୍ରଥମ ସଂସ୍କୃତ ପରୀକ୍ଷା ଗତ ମାର୍ଚ୍ଚ ମାସରେ ଗୃହୀତ ହୋଇଥିଲା । ୨୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ ଜଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ।

ଶ୍ରୀ ମଧୁସୂଦନ ରାଓ
ଜଏଣ୍ଟ ସେକ୍ରେଟେରୀ

ଉପରଲିଖିତ ବିବରଣ ଅବଶ୍ୟ ସନ୍ତୋଷଜନକ ଅଟେ । ମାତ୍ର ଆୟବ୍ୟୟର ବିସ୍ତାରିତ ବର୍ଣ୍ଣନା ଅର୍ଥାତ କେଉଁ ସୂତ୍ରରୁ କେତେ ଆୟ ହେଲା ଏବଂ କେଉଁ ବିଷୟରେ କେତେ ବ୍ୟୟ ହେଲା ତାହା ଲେଖା ନ ଥିବାରୁ ରିପୋର୍ଟଟି ଅସମ୍ପୂର୍ଣ୍ଣ ବୋଲିବାକୁ ହେବ । ଦାତା ଏବଂ ଗ୍ରହୀତାମାନଙ୍କ ଉତ୍ସାହ ବର୍ଦ୍ଧନ ଏବଂ ଅପର ଲୋକଙ୍କର ପ୍ରବୃତ୍ତି ଜନ୍ମାଇବା ନିମନ୍ତେ ଆୟବ୍ୟୟର ବିସ୍ତାରିତ ବର୍ଣ୍ଣନା ଅମ୍ଭମାନଙ୍କ ବିବେଚନାରେ ନିତାନ୍ତ ଆବଶ୍ୟକ ଅଟେ ।

---

## ନିମ୍ନଶିକ୍ଷା ଓ ଜିଲ୍ଲାସମିତି ।

ଜିଲ୍ଲାସମିତିମାନଙ୍କର ବାର୍ଷିକ ରିପୋର୍ଟ ସମାଲୋଚନା କରିବା କାଳରେ ମାନ୍ୟବର ବଙ୍ଗୀୟ ଲେଟେନାଣ୍ଟ ଏହି ମତ ପ୍ରକାଶ କରିଥିଲେ କି ଗୋଟିଏ ୨ ଜିଲ୍ଲାରେ ନିମ୍ନ ଶିକ୍ଷାର ସମ୍ପୂର୍ଣ୍ଣ ବନ୍ଦୋବସ୍ତ ନ କରି କୌଣସି ଜିଲ୍ଲା ସମିତି ଉଚ୍ଚଶିକ୍ଷାରେ ସ୍ଥାନୀୟ ଆୟର କୌଣସି ଅଂଶ ବ୍ୟୟ କରିବେ ନାହିଁ । କାରଣ ଉଚ୍ଚଶିକ୍ଷା ସାଧାରଣ ଟିକସଦାତାଙ୍କ ପ୍ରୟୋଜନର ଅତୀତ ଅଟେ ଏବଂ ଯେଉଁମାନେ ଏ ପ୍ରକାର ଶିକ୍ଷା ଲୋଡ଼ନ୍ତି ସେମାନେ ତହିଁର ବ୍ୟୟଭାର ଗ୍ରହଣ କରିବେ । ଏହି ମତ ପ୍ରକାଶ କରିବା ଦିନରୁ କେଉଁ ଜିଲ୍ଲାରେ ନିମ୍ନ ଶିକ୍ଷା ନିମନ୍ତେ

Split by PDF Splitter
Digitized by srujanika@gmail.com

Split by PDF Splitter



ପୂର୍ବେ କେତେକେ ବ୍ୟୟ ହେଉଥିଲା । ଏବଂ ଜିଲ୍ଲା-ସମିତି ବସିବା ଦିନରୁ ବର୍ତ୍ତମାନ କେତେକେ ବ୍ୟୟ ହେଉଅଛି ତାହାର ଗୋଟିଏ ତାଲିକା ପ୍ରସ୍ତୁତ ହୋଇ ଉଦ୍ଦିଷ୍ଟରେ ଅବଗତ ହୋଇଅଛନ୍ତି ଯେ ଜିଲା ସମିତିର ଆୟ ଶତକଡ଼ା ଟ ୧୬୯ କା ବଢ଼ିଥିବା ସ୍ଥଳେ ନିମ୍ନ ଶିକ୍ଷାର ବ୍ୟୟ ବୃଦ୍ଧି ଶତକଡ଼ା ଟ ୩୯ କାରୁ ଅଧିକ ହୋଇ ନାହିଁ । ପୁଣି ସମସ୍ତ ଜିଲାର ଫଳ ସମାନ ନୁହେ । ଅର୍ଥାତ କେତେକ ଜିଲାରେ ବୃଦ୍ଧି ହୋଇଥିବା ସ୍ଥଳେ ଅନ୍ୟ କେତେକ ଜିଲାରେ ଊଣା ହୋଇଅଛି । ଏ ଛଡ଼ା କେବଳ ଗତବର୍ଷର ପ୍ରତ୍ୟେକ ଜିଲା-ସମିତିର ମୋଟ ଆୟ ଏବ ନିମ୍ନ ଶିକ୍ଷାର ବ୍ୟୟ-ଦୃଷ୍ଟିରେ ଜଣାଯାଏ ଯେ କେତେକ ଜିଲାରେ ମୋଟ ଆୟର ଶତକଡ଼ା ଟ ୩୯ କାଠାରୁ ଟ୧୯ କା ପର୍ଯ୍ୟନ୍ତ ନିମ୍ନ ଶିକ୍ଷାରେ ବ୍ୟୟିତ ହୋଇଅଛି; ପୁଣି ଅନ୍ୟ କେତେକ ଜିଲାର ବ୍ୟୟ ଶତକଡ଼ା ଟ୩୯ କାଠାରୁ ଟ୯୯ କା ପର୍ଯ୍ୟନ୍ତ ଅଟେ । ସର୍ବାପେକ୍ଷା ବାଲେଶ୍ୱରର ବ୍ୟୟ ଅଧିକ ଅର୍ଥାତ ଶତକଡ଼ା ଟ୩୩ କା ଅଟେ । କଟକ ଏବଂ ପୁରୀର ବ୍ୟୟ ଶତକଡ଼ା ଟ୨୯ ଓ ଟ୨୩ ରୁ ଊଣା ନୁହେ । ଓଡ଼ିଶା ପରି ପଶ୍ଚାତ୍‌ପଦ ବଙ୍ଗର ଜିଲାରେ ନିମ୍ନ ଶିକ୍ଷାରେ ସର୍ବାପେକ୍ଷା ଅଧିକ ବ୍ୟୟ ହେବାର ଦେଖି ମାନ୍ୟବର ଲେଫ୍ଟେନାଣ୍ଟ ବଡ଼ ଆନନ୍ଦିତ ହୋଇଅଛନ୍ତି । ପକ୍ଷାନ୍ତରେ ଯେ ସବୁ ଜିଲାର ବ୍ୟୟ ଶତକଡ଼ା ଟ୧୦ କାରୁ ଊଣା ସେସମସ୍ତ ଜିଲା ସମିତିଙ୍କଠାରୁ ଏତେ ଊଣା ବ୍ୟୟ ହେବାର କାରଣ ଜାଣିବାକୁ ଇଚ୍ଛା କରୁଅଛନ୍ତି ଅବଶ୍ୟ କୌଣସି ୨ ଜିଲାରେ ଅର୍ଥର ଅଭାବ ହେତୁରୁ ନିମ୍ନ ଶିକ୍ଷାରେ ଆଶାନୁରୂପ ବ୍ୟୟ ହୋଇ ନାହିଁ ଏବଂ ସେସମସ୍ତ ପଶ୍ଚାତ୍‌ପଦ ଜିଲାର ଅବସ୍ଥା ବିବେଚନା ଅନ୍ୟାନ୍ୟ ଜିଲା ଶିକ୍ଷା ଉଦ୍ଦେଶ୍ୟର ନିର୍ଦ୍ଦିଷ୍ଟ ଟଙ୍କାରୁ ଅନ୍ତତଃ ୨ ସାହାଯ୍ୟ ଦେବାର ବନ୍ଦୋବସ୍ତ ମାନ୍ୟବର ଲେଫ୍ଟେନାଣ୍ଟ କରୁଅଛନ୍ତି ।

ଉପରଲିଖିତ ମନ୍ତବ୍ୟରୁ ପ୍ରକାଶ ଯେ ମାନ୍ୟବର ଲେଫ୍ଟେନାଣ୍ଟ ନିମ୍ନ ଶିକ୍ଷାଦାନର ପ୍ରଚୁର ବନ୍ଦୋବସ୍ତ କରିବାକୁ ବଡ଼ ଇଚ୍ଛାକ ଅଛନ୍ତି । ମାତ୍ର ସେ ଜିଲାସମିତିମାନଙ୍କୁ ଯେଉଁ ନୀତି ଶିକ୍ଷା ଦେଉଅଛନ୍ତି ସେ ନିମ୍ନ ଶିକ୍ଷାର ସମ୍ପୂର୍ଣ୍ଣ ବନ୍ଦୋବସ୍ତ ନ ହେବା ଯାଏ କୌଣସି ଜିଲାସମିତି ସ୍ଥାନୀୟ ଖାତିର କୌଣସି ଅଂଶ ଉଚ୍ଚଶିକ୍ଷାରେ ବ୍ୟୟ କରିବେ ନାହିଁ ତାହା ବଡ଼ ଶୋଚନୀୟ ଓ ଅସମ୍ଭବ ଅଟେ । ଜିଲା ସମିତିମାନେ ଆପଣା ୨ ର ସମସ୍ତ ଆୟ ନିମ୍ନ ଶିକ୍ଷାରେ ବ୍ୟୟ କଲେ ସୁଦ୍ଧା ସମସ୍ତ ଲୋକଙ୍କୁ ନିମ୍ନ ଶିକ୍ଷାଦାନର ବିଧାନ କରି ପାରିବେ ନାହିଁ । ସୁତରାଂ ଫଳେ ତାହାଙ୍କ କଥାର ଅର୍ଥ ଏହି ହେଉଅଛି ଯେ ଉଚ୍ଚଶିକ୍ଷାରେ ଜିଲା ସମିତିମାନେ କିଛି ବ୍ୟୟ କରିବେ ନାହିଁ । ଅର୍ଥାତ ଉଚ୍ଚଶିକ୍ଷା ଆଦୌ ନ ହେବା ଲେଫ୍ଟେନାଣ୍ଟଙ୍କର ଅଭିପ୍ରାୟ । ଉଚ୍ଚଶିକ୍ଷା ବିନା ଜାତିର ଅସମ୍ଭବ ଓ ଶାସନକର୍ତ୍ତା ଜାତିର ବିଦ୍ୱେଷୀ ହେବା ବଡ଼ ଦୁଃଖର ବିଷୟ । ଏପରି ନିୟମ କରିବାଦ୍ୱାରା ଆମ୍ଭମାନଙ୍କର ମୂଳଶିକ୍ଷା ମଧ୍ୟ ରକ୍ଷା ପାଉ ନାହିଁ । ଜିଲା ବୋର୍ଡମାନଙ୍କ ସ୍ଥାନୀୟ ଅବସ୍ଥା ବିବେଚନାରେ ଯେଉଁ ବିଷୟରେ ଯେତେ ବ୍ୟୟ କରିବା ଆବଶ୍ୟକ ତାହା ସ୍ଥିର କରିବେ । ଯେବେ ସେମାନଙ୍କୁ କେବଳ ନିମ୍ନଶିକ୍ଷାରେ ଅଧିକ ବ୍ୟୟ କରିବାକୁ ବାଧ୍ୟ କରାଯାଏ ତେବେ ସେମାନଙ୍କୁ ସ୍ୱାଧୀନ ବିବେଚନା କରିବାର ଅବକାଶ ଦିଆ ଯିବାର କୁହାଯାଇ ନ ପାରେ । ପ୍ରକୃତରେ ଏହା ନିମ୍ନ ଶିକ୍ଷା ବିସ୍ତାରନିମନ୍ତେ ଜିଲାସମିତି ଗଠିତ ହୋଇ ନାହିଁ କିମ୍ବା କେହିଁ ନିମନ୍ତେ ଲୋକଙ୍କଠାରୁ ପଥପ୍ରଦେଶୀୟ କର ଆଦାୟ କରାଯାଉ ନାହିଁ ଅତଏବ ଅନ୍ୟାନ୍ୟ ପ୍ରୟୋଜନକୁ ଉପେକ୍ଷା କରି ନିମ୍ନ ଶିକ୍ଷାରେ ଅଧିକ ବ୍ୟୟ କରିବାକୁ ଉପଦେଶ ଦେବା ନ୍ୟାୟସଙ୍ଗତ ନୁହେ ।

---

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଆଦୌ ବୃଷ୍ଟି ହୋଇ ନାହିଁ କୋଦସାଇ ... କେବଳ ... ଧାନ ମାତ୍ର ... ପଡ଼ିଅଛି । ... ଏବ ଶ୍ରୀଷ୍ମ ଅସହ୍ୟ ହୋଇଅଛି । ... ଅତ୍ୟନ୍ତ ... ହୋଇଅଛି ।

ଅମ୍ଭମାନଙ୍କ କଲେକ୍ଟର ସାହେବ ଆଗାମୀ ... ସମ୍ବନ୍ଧ ... ସ୍ଥିର ହୋଇଅଛି ।

ଏ ନଗରର ... ଅତ୍ୟନ୍ତ ... । ... ଓ ... ଅନେକ ... ପଡ଼ିଅଛି । ... ନିତ୍ୟ ... ହୋଇଅଛି ।

... ଏ ... ନିକଟରେ ... ଅଧିକ ... ହୋଇଅଛି ।

... ବାହାଦୁର ... ହୋଇ ନାହିଁ । ... ଯେ ... ଆଦୌ ନାହିଁ ।

କଲିକତା ହାଇକୋର୍ଟ ... ।

ମଧ୍ୟମାସ ତା ୧୨ ସପ୍ତାହରୁ ... ହୋଇଅଛି । ଆଗାମୀ ନଭେମ୍ବରମାସ ତା ୨୨ ଦିନରେ ... । ମାନ୍ୟବର ପ୍ରିନ୍ସେପ ଓ ମାନ୍ୟବର ... ବିଚାରପତିମାନେ ... କାର୍ଯ୍ୟ କରିବେ ।

... ପାଠଶାଳା ... ଅବସ୍ଥିତ ହୋଇଅଛି । ... ଏ ସୁଦ୍ଧା ପ୍ରସ୍ତୁତ ହୋଇଅଛି । କୌଣସି ... ମାତ୍ର ... ବାହାର କରିଅଛନ୍ତି ... ମାସ ... ତା ୧୦।୧୨ ... । ... କୌଣସି ... ।

... ଦେଖିଅଛନ୍ତି ଯେ ... ମଧ୍ୟରେ ... । ... ଏକଥା ... ପ୍ରକାଶ ।

... ଠାରେ ... ହୋଇଥିବାର ସମ୍ବାଦ ମିଳିଲା । ... ସେଠା ... ସେମାନଙ୍କୁ ... କରିଥିଲେ । ... ୧୪ ... ଏବ ... ୧୫୦ ... ପଡ଼ିଅଛନ୍ତି ।

... ଠାରେ ... ହୋଇ ଅଛନ୍ତି । ... ସେଠା ... ।

... ଠାରେ ... ବୃଦ୍ଧି ହୋଇ ... ସମ୍ବାଦ ମିଳିଲା । ... ହୋଇଥିବାର ... ।

... ଠାରୁ ... ଦେଖାଯାଏ । ... ୧୮୯୮ ... ଟ ୨,୭୦,୪୭,୦୦୦ ... ହୋଇଅଛି ଏବ ... ସମୟ ମଧ୍ୟରେ ଟ ୨,୮୬,୬୮,୦୦୦ କା ହୋଇଅଛି ।

... ତା ୧୧ ଦିନରେ କଲିକତା ... ପ୍ରଭାତ ... । ଏହା ... ହୋଇଅଛି ।

... ସମ୍ବାଦ ମିଳିଲା ଯେ ... ।

... ତା ୭ ... ତା ୯ ... ।

... ସମ୍ବାଦ ମିଳିଲା ଯେ ... ସେ ... ହୋଇଅଛନ୍ତି ... ।

... ୧୦୦ ... ।

Digitized by srujanika@gmail.com

...ସ୍କୁର ଅଦାଲତରେ କଡ଼ କୌତୁକଜନକ । ଅଭିଯୋଗରେ ଜଣେ ମୁସଲମାନ ବା- ଏ ମୋହର ପାଇ ତାକୁ ଅସ୍ୱୀକାର କରିବା ... ୧ ୪ ଧାରେ ନାଲିସ କରି ଟଙ୍କା ଅଙ୍କରେ ଶୋମୁଦ୍ରିକା ସମୟରେ ସୁପ୍ରସନ୍ନଚିତ୍ତ ହୋଇ ଗୃହୀତ ହେଲା । କଲିକତାରେ ଅନୁଲିପିରୂପେ ପ୍ରଶ୍ନୋତ୍ତର ହୋଇଥିବାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇ- ଅଛି, ଯଥା;—

ମେଜିଷ୍ଟ୍ରେଟ ।—ତୁମ୍ଭେ ମୋହର ନେଇଥିଲ ?

ଅସାମୀ ।—ହଜୁର ମୁଁ ନେଇ ନାହିଁ ।

ମେ ।—ତୁମ୍ଭେ ଏହା କାହୁଁ ପାଇଲ ?

ଅ ।—ହଜୁର ମୁଁ ତାହା ବାଟରେ ପାଇଲି ।

ମେ ।—ଅନ୍ୟ ତାକୁ କହିବ ବଣ୍ଟ ଟଙ୍କା ଅସ୍ୱୀକାର କଲ ? ତୁମ୍ଭର ସଙ୍ଗୀତ ଜମିକୁ କଷ କହୁଛ ?

ଅ ।—ହଜୁର ସତ୍ୟଜାତି ଏହି ।—ମୁଁ ନଳବଜାରରେ ଯା- ଉଥିଲି, କୌତୁହଳମେ ସଡ଼କ କୋଣରେ ଏହି ଚକ୍‌ଚ- କଣ ମୁଦ୍ରା ପଡ଼ିଥିବାର ଦେଖି ଉଠାଇ ନେଇ ଚାଲି- ଯାଉଥିଲି । ମାତ୍ର ତଠାରୁ ମୋର ଚକ୍ରେକ ଦ୍ରୁତ କାର୍ଯ୍ୟ ଘଟନା ହେଲା । ( ଅଦାଲତରେ ଉଚ୍ଚ ହାସ୍ୟ )

ମେ ।—ହାଁ ! ତୁମ୍ଭର କେଉଁ ରୂପେ ବାଧା ପାଇଲ ?

ଅ ।—ମୁଁ ଜାଣିଥିଲି ଯେ ମେ ମୁଦ୍ରା ମୋହର ନୁହେ ମୁଁ ବସ୍ତ୍ରରେ ଏହା ଅଛ କାଟାରେ ବୋଲି ଥିବ, ଏଣୁ ଏହାକୁ ମୋହର ଲେଖିବାର ଅଧିକାର ନାହିଁ । ଏମାକୁ କାଟରେ ପୋଡ଼ାଇ ଦେବା ମଧ୍ୟ ଉଚିତ ସଙ୍ଗତ ନୁହେ କାରଣ ତାହା ହେଲେ କେହି ଶଳ୍ପିକ ଲୋକ ତାହା ବୋଧ- କରି ନେବ । ( ଅଦାଲତରେ ପୁନର୍ବାର ଉଚ୍ଚହାସ୍ୟ ) ସୁତରାଂ ମୋର ବୁଦ୍ଧି ହଜିଗଲା ।

ମେ ।—ତହୁଁ କଣ କଲ ?

ଅ ।—ଶେଷକୁ ମୁଁ ଠିକ କଲି ଯେ ମୁଦ୍ରା ମୋହର ନ ଥିବା ସ୍ଥଳେ ତାକୁ କହିବ କଣ ମୂଲ୍ୟ ଟଙ୍କା କୌଣସି ବାଟଖର୍ଚ୍ଚ ସମ୍ପନ୍ନ ଚଳାଇଦେବା ବୁଦ୍ଧିମାନଙ୍କର କାର୍ଯ୍ୟ । ( ଅଦାଲ- ତରେ ଘୋର ଉଚ୍ଚହାସ୍ୟ । ) ମୁଁ ତାହା କହିବ କଲି ଏବଂ ମୋହର ଯାହା ମାତ୍ର ଥିଲା ତାହା ପୂର୍ବ କରି- ଥାଇ ମାତ୍ର ପୁଲିସ ମୋତେ ଧରି ଏଠାକୁ ଆଣିଛି ।

ମେଜିଷ୍ଟ୍ରେଟ ଏ କୌତୁକଜନକ କଥାରେ ପରମ ପ୍ରୀତ ହୋଇ ଦଣ୍ଡରେ ଅସାମୀ ଯେଉଁ ଷୋଳଟଙ୍କା ମୁଦ୍ରା ଜରିମାନା କରି ପାଇଥିଲା ତେତେ ଅର୍ଥଦଣ୍ଡ ତାହାଠାରୁ ନେଇ ମୁଦ୍ରାକୁ ଅଟକ କରି ଆସାମୀକୁ ଛାଡ଼ିଦେଲେ ।—କଲିକତା ଉତ୍ତମ ହୋଇଅଛି ।

କଟକ ଗିର୍ଜାଘରରେ ଯେତେ, ଥାନ ଅଛି ତାହାକୁ ରିପ୍ୟାରରେ ମାଲଲେ ବାଟ ଲଗିଛି ।

ଅନାମଦେଶର ସ୍ୱଜାଙ୍କର ଦୋ ୧୦୦ ଟ ଯା ଅଛନ୍ତି । ଏମାନଙ୍କ ଯେଉଁ ଶ୍ରେଣୀକୁ ଅଣାଯାଇଅଛି, ତାହା ଦକ୍ଷି- ଣାଂଶର ଦୋ ୧ ଟି ଶ୍ରେଣୀରେ ବିଭକ୍ତ କରାଯାଇଅଛି । ନାମ କଲାକାର ଅର୍ଥାତ ମେଚ୍ଛ "ବଡ଼ ନଗ ମଧ୍ୟ ଦେଖନ୍ତି ।

## ପତ୍ରପ୍ରେରକଙ୍କ ପ୍ରତି ।

କେହି ପଥଦର୍ଶକ—ଆପଣ ଯେଉଁ ପ୍ରସ୍ତା- ବାର ବିବରଣ ଲେଖିଅଛନ୍ତି ତାହା ସର୍ବସାଧା- ରଣଙ୍କ ଠାରେ ପ୍ରକାଶର ଯୋଗ୍ୟ ମାତ୍ର ଆପଣ ଆପଣାର ନାମ ଓ ପରିଚୟ ଗୋପନ କରିବାରୁ ଉପେକ୍ଷିତ ହେଲା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁ ।

ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋ- ଦୟ ସମୀପେଷୁ ।

ମହାଶୟ !

କେନ୍ଦ୍ରାପଡ଼ା ଟାଉନର ମଧ୍ୟମଶ୍ରେଣୀ ଇଂରାଜୀ ବିଦ୍ୟାଳୟସ୍ଥ ଉଚ୍ଚଶ୍ରେଣୀରେ ପଢ଼ଣର ଦେଖି- ବାକୁ ମଧ୍ୟବର୍ତ୍ତୀ ଲୋକଙ୍କର ଯେ କପର ଅନିଷ୍ଟ ହୋଇଅଛି ତାହା କାହାର ଦୃଷ୍ଟିଆକର୍ଷଣ କରୁ ନାହିଁ ସେମାନେ ନିଜ ନିଜ ବାଳକମାନଙ୍କୁ ବହୁ ଅଭ୍ୟାସ ଓ କଷ୍ଟରେ ୩ୟ ୨ୟ ବର୍ଷରୁ ବା ୧ମ ଶ୍ରେଣୀ ପର୍ଯ୍ୟନ୍ତ ପଠନ କରାଇ ଅର୍ଥାଭାବରୁ ରହିତ କରୁଅଛନ୍ତି । ସେହି ସେହି ବାଳକମାନେ ଉତ୍ତୀର୍ଣ୍ଣ ନୋହିବାରୁ ନା ଏବୃତ୍ତି ନା ସେବୃତ୍ତି କୌଣସି ବୃତ୍ତି ନ ଥାଇ ଉଦର ପୋଷଣରେ ଅକ୍ଷମ ହୋଇ ଦବା ଲଣି ଅଣୁ ବିସର୍ଜନ କରି କରି ସ୍ୱାଲିୟାକୁ ଠେଲୁଛନ୍ତି । "ଏକଗୋଟିଏ ମାଇନର ସ୍କୁଲ ହୁଅନ୍ତା କି" ଏହି ଜନରବ ସତସ୍ୱର ବ୍ୟାପ୍ତ ହୋଇ ଆକାଶମଣ୍ଡଳ ପ୍ରତିଧ୍ୱନିତ କରୁ- ବାରୁ ସ୍ୱଦେଶହିତୈଷୀ ପ୍ରବର ଜମିଦାର ଶ୍ରୀ ବାବୁ କଳିଙ୍ଗମ ଭ୍ରମରବର ରାୟ ମହୋଦୟଙ୍କ ଶ୍ରୁତିଗୋଚର ହୁଅନ୍ତେ ଏହି ଗୁରୁତର ଅଭାବ ଦୂରୀକରଣାର୍ଥ ବାବୁ ମହାଶୟ ବ୍ରତପରାୟଣ ହୋଇ ନିଜ ଯତ୍ନ ଓ ଅର୍ଥବ୍ୟୟରେ ଅନ୍ୟୂନ ତ ୪ ବର୍ଷ ହେଲା ଅର୍ଥାତ୍ ସନ ୧୮୯୦ ସାଲ ଅଗଷ୍ଟମାସ ପହିଲାରୁ ମାସିକ ଟ ୨୫ ଲେଖାଏ ଅର୍ଥିକ ସାହାଯ୍ୟ ଦେଇ ଓ ନିଜେ ସମ୍ପାଦକ ହୋଇ ଟାଉନର ଶେଷ ସୀମାରେ ଇଛାପୁର- ଗ୍ରାମରେ ଏକଗୋଟି ମଧ୍ୟମଶ୍ରେଣୀ ବିଦ୍ୟାଳୟ ସ୍ଥାପନ କରାଇ ଅଦ୍ୟାବଧି ଚଳାଇ ଆସୁଅଛନ୍ତି । ସ୍କୁଲଟି ଚିରସ୍ଥାୟୀ ହେବା ନିମନ୍ତେ ବାବୁ ମହୋ- ଦୟ ବହୁପରିଶ୍ରମରେ ଶିକ୍ଷାବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ ସାହାଯ୍ୟ ପ୍ରାର୍ଥନା ନିମନ୍ତେ ବହୁବାର ଆବେଦନ କଲେହେଁ ଅଦ୍ୟାବଧିର ବିଷୟ ଯେ ସେମାନଙ୍କର ଏଥିପ୍ରତି ଅଦୌ ଭ୍ରୂକ୍ଷେପ ହେଉ ନାହିଁ । ପୁଣି ଶୁଣିବାରେ ଆସୁଅଛି କେହି କେହି ବକ୍ତୃତ କି ସ୍କୁଲଟି ସର୍ବାଙ୍ଗ ଗଠିତ ହୋଇ ବହୁକାଳ ଉତ୍ତମରୂପେ ଚଳିଲେ ଗଭ- ର୍ଣ୍ଣମେଣ୍ଟ ସାହାଯ୍ୟ ଦାନରେ କେବେ କେବେ କୁଣ୍ଠିତ ହେବେ ନାହିଁ । ଯେତେବେଳେ ଏପରି ମହାର୍ଘ ସମୟରେ ବାବୁ ମହୋଦୟ ଏକାକୀ ମାସିକ ଟ ୩୦ ଙ୍କା ଲେଖାଏ କ୍ରମାଗତ ତ ୪ ବର୍ଷ ଦେଇ ଚଳାଇ ଆସିଲେ ଏବଂ ଦୁଇ ଗୋଟି ଥର ମଧ୍ୟ ଉତ୍ତୀର୍ଣ୍ଣତା ଲାଭ କଲେ ସେତେ- ବେଳେ ସ୍କୁଲଟି ସର୍ବାଙ୍ଗ ଗଠିତ ହୋଇ ନାହିଁ ବା ଉତ୍ତମରୂପେ ଚଳୁ ନାହିଁ ଏହା କେଉଁ ଜାଣିବା ବ୍ୟକ୍ତି ସ୍ୱୀକାର କରିବ । ଯେଉଁ ସମୟରେ ଏ- ଠାରେ ବିଦ୍ୟାଳୟଟି ପ୍ରତିଷ୍ଠିତ ହୋଇଥିଲା ଠିକ ସେହି ସମୟରେ ଯାଜପୁର ଟାଉନରେ ମଧ୍ୟ ଏକଗୋଟି ଏହିପରି ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ସେଠାରେ ଏପରି କେହି ପ୍ରଧାନ ଲୋକ ସମ୍ପାଦକ ନ ଥିବା ସ୍ଥଳେ ପ୍ରାୟ ବର୍ଷେ ହେବ ସରକାରୀ ସାହାଯ୍ୟ ମିଳୁଅଛି । ବୁଝି ଦେଖିଲେ କେନ୍ଦ୍ରାପଡ଼ା ଟାଉନ ଯାଜପୁର ଅପେକ୍ଷା କୌଣସି ଗୁଣରେ କମ ନୁହେ, ବରଂ ଓଡ଼ିଶାର ସବଡିଭିଜନମାନଙ୍କରେ ସର୍ବୋଚ୍ଚ ସ୍ଥାନ ପାଇଅଛି ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଏପରି ସ୍ଥଳେ ସ୍ଥାନୀୟମାନଙ୍କର ଦୁରଦୃଷ୍ଟ ବ୍ୟତୀତ ଆଉ କିଛି ବୋଲାଯାଇ ନ ପାରେ । ହା ଭଗବାନ ! ଆଉ କି ଦଶା ଫେରିବ ନାହିଁ; ଶନି ଦୃଷ୍ଟି କି ଯିବ ନାହିଁ ! କେତେକାଳ ଦ୍ୱାରା ମହାତ୍ମାଙ୍କର କୋପଦୃଷ୍ଟି ପଡ଼ିଥିବ ? ବାବୁ ମହୋଦୟ ସୂର୍ଯ୍ୟବଂଶୀ ସଦୃଶ ଧନର ସମ୍ମୁଖୀନ ହୋଇ ଅଛିପାଏ ଭବିଷ୍ୟରେ ସ୍କୁଲଟିକ ରକ୍ଷା କରୁ ଅଛନ୍ତି । ଧନ୍ୟ ସାହସ ! ଧନ୍ୟ ! ସମ୍ପ୍ରତି ଶିକ୍ଷାବିଭାଗୀୟ କର୍ମଚାରୀମାନଙ୍କର ଦୃଷ୍ଟିଗୋଚର ହୋଇ ଯଥାର୍ଥ ବିଚାର ହୋଇଲେ ଜନସାଧା- ରଣରେ ଅନ୍ୟାୟ ବୋଲି ପ୍ରକାଶ ହୋଇ ପଡ଼ିବ ।

ଏକାନ୍ତ ବଶମ୍ବଦ

ଶ୍ରୀ——

## ପ୍ରେରିତପତ୍ରର ସଂକ୍ଷେପ ମର୍ମ ।

ଶ୍ରୀରଘୁନାଥଦାସ ଗୋସ୍ୱାମୀ ଅସ୍ଥାବଧଙ୍କ ଶାଟପୁର ଲେଖିଅଛନ୍ତି କି ଅଲତିପରଗନା ମୃଣ୍ମାଲ ଗ୍ରାମରେ ଜଣେ ଗୌଡ଼ଙ୍କୁ ସାଲରେ କୋଣାରସର୍ପ ଦଂଶନ କରିବାରୁ ଅଚେତନ ହୋଇ ପଡ଼ିଥିଲା । ଗ୍ରାମବାସିମାନେ ତାହାର ଅବସ୍ଥା ଦେଖି ଉତ୍କଟବଳ ଅଲଙ୍କାବାଦ ସାଲପୁରରେ ବସ୍ତ୍ରମାଳ ଶ୍ରୀ ଶ୍ୟାମସୁନ୍ଦର ଠାକୁ- ରଙ୍କ ଚରଣତୁଳସୀ ଗନ୍ଧସ୍ୱରୂପ ତାହା ପାଣି- ରେ ଦେଇ ଠାକୁରଙ୍କ ନାମରେ ଛାଡ଼ିଦେବାରୁ ଅର୍ଦ୍ଧଘଣ୍ଟା ମଧ୍ୟରେ ବିଷ ଦୂର ହୋଇ ସେ ବ୍ୟକ୍ତି ପ୍ରାଣ ପାଇଲା ।

ପାଇକମୁଦ ସ୍କୁଲର ହେଡ଼ ପଣ୍ଡିତ ଶ୍ରୀ ଜୟକୃଷ୍ଣ ମିଶ୍ର ଲେଖିଅଛନ୍ତି କି ପୂର୍ବେ ଡାକପୋଷ୍ଟ- ଅଫିସର ଜଣେଡାକପିଅନ ପ୍ରତିଦିନ ପାଇକମୁଦକୁ ଆସି ଡାକର ଚିଠି ପାଉଥିଲା ଇତ୍ୟାଦି ଦେବା

ହେବା କରୁଥିଲା । ଉକ୍ତ ଜଗିରୁ ସେହି ନିଜର ପ୍ରାପ୍ୟ ଲିକାମ ପର୍ଯ୍ୟନ୍ତ ଟ ୭।୮ କରି ଥରେ ଅସୁଥିଲା । ସମ୍ପ୍ରତି ଉକ୍ତମାସ ହେଲା ଆଉ କୌଣସି ଆୟ ନାହିଁ । ଏଥିରୁ ପାଠକବୃନ୍ଦ ଜାଣି-ବେ କି ସମ୍ପତ୍ତିରୁ ନୌକା ବଳା ଚଳିବାକୁ ଦିବାର ଅନ୍ୟ ଉପାୟ ନ ଥିବାରୁ ଲୋକେ ଏ-ଠାରୁ ଯାଇ ଜଳା ଡାକଘରେ ବାରବାର କରିବାକୁ ଅକ୍ଷମ । ଡାକ ବିଭାଗର ସୁପ୍ରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ଏ ବିଷୟରେ ଏକ ଅବେଦନ ପତ୍ର ପଠାଯାଇ ଅଛି ମାତ୍ର ଅଦ୍ୟାପି ତହିଁର ଉତ୍ତର ଅସି ନାହିଁ ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ସଦାଶିବ ଦାସ | କଟକ | ଟ ୧୮ |
| „ ଯୋଗୀନ୍ଦ୍ର ମିଶ୍ର | „ | ଟ ୧୯ |
| „ ରଘୁନାଥ ମିଶ୍ର | „ | ଟ ୧୯ |
| „ କ୍ଷୀରୋଦ ଅଧିକାରୀ ପ୍ରଧାନ ହିନ୍ଦୁ | | ଟ ୩୯ |
| „ ଧର୍ମନିଧି ସାହୁ ହି ମାନଖିଆ | | ଟ ୩୯ |
| „ ଦାମୋଦର ଦାସ | କଟକ | ଟ ୪୯ |
| „ ଜଗଦ୍ବନ୍ଧୁ ଘୋଷ | „ | ଟ ୧୯ |
| „ ଗୁରୁଚରଣ ଦାସ | „ | ଟ ୧୯ |
| „ ଜଗନ୍ନାଥ ପଟ୍ଟନାୟକ | ମେଦିନୀ | ଟ ୩୯ |
| „ ଶାରଦାଚରଣ ଦାସ | ଜଗତସିଂହପୁର | ଟ ୪୯ |
| „ ରାମପ୍ରସାଦ ସିଂହ | କଟକ | ଟ ୧୯ |
| „ ନରସିଂହ ପ୍ରଧାନ | | ଟ ୩୯ |

## ବିଜ୍ଞାପନ ।

ସଦର କଟକ ସାହେବଜାଦାବଜାରରେ ଅମର ପ୍ରାପ୍ୟ ଦୁଇଶ୍ରେଣୀ ଖାସମହାଲ ଜମି ଓ ତହିଁ ଉପରେ ଏକ ଚଳା ଘର ବିକ୍ରୟାର୍ଥ ଅଛି । ଯାହାର ଆବଶ୍ୟକ ହେବ ସେ ଅମ୍ଭ ନିକଟରେ ପତ୍ର ଲେଖିଲେ ସବିଶେଷ ଅବଗତ ହେବେ ।

ଶ୍ରୀ ଦାମୋଦର ମିଶ୍ର

ଅବକାରୀ ଅଫିସ—ହାବଡ଼ା

ପ୍ରବୋଧଚନ୍ଦ୍ରିକା (ବ୍ୟାକରଣ) ମୂଲ୍ୟ ଟ ୦।୵୬ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

## ନୀଳାଦ୍ରିମହୋଦୟ ।

ପ୍ରଥମଖଣ୍ଡ ।

(ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଯାତ୍ରା ନୀତ ଏହି ଗ୍ରନ୍ଥରେ ବିଶେଷରୂପେ ବର୍ଣ୍ଣିତ ଅଛି) ।

ମୂଲ୍ୟ ପ୍ରତିଖଣ୍ଡକୁ ଟ ୦।୵

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

## NOTICE.

Wanted a Revenue Munshi for No. 2 Sub-Divisional office at Akhoyapada on a salary of Rs. 20 per mensem. No one need apply who has not some previous experience of the work of a P. W. Revenue Sub-Division. Applications with copies of testimonials will be received by the undersigned up to 25th instant.

M. H. Arnott.

Akhoyapada 10th September 1894. } *Executive Engineer Akhoyapada and Jajpur Division.*

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପା-ନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

| | |
|---|---|
| ନାଡ଼ୀଜ୍ଞାନ, ମୂତ୍ର, ଉଦର ଲକ୍ଷଣ | ଟ ୦ / |
| ପର୍ଯ୍ୟାୟ ମୁକ୍ତାବଳୀ | ଟ ୦ ⁄ |
| କୃଷ୍ଣସ୍ତବ ଶ୍ଳୋକ ଅର୍ଥସହିତ | ଟ ୦ ୶ |
| ମାଳ୍ୟବନ୍ତ ତରଙ୍ଗିଣୀ | ଟ ୦ ୧ ୬ |
| ରୁକ୍ମିଣୀ ହରଣ | ଟ ୦ ୶ |
| ନାଡ଼ୀଜ୍ଞାନବୃତ୍ତ (ଜ୍ୟୋତିଷଶାସ୍ତ୍ର) | ଟ ୦ / |
| ଶ୍ରୀ ରାମଚନ୍ଦ୍ରଙ୍କ ବନଗମନ (ସୁଲଳିତ ବସନ୍ତତିଳକାଯୁକ୍ତ ଗୀତ) | ଟ ୦ ৷৴ |
| ପଞ୍ଚଭଗାବତାମୃତ ଅର୍ଥସହିତ | ଟ ୦ ୧୯ |

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବି-ଲାତ, ରେଶମୀ ଓ ଖଇର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି ପ୍ରତ୍ୟେକ ଲୁଗାର ଉଚିତ ଦର ସେହି ଲୁଗା ଉପରେ ଲେଖା ଅଛି ଯଦ୍ବାରା ଗ୍ରାହକମାନଙ୍କ ପ-କ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ଲେଖା ଥିବା ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ହେବାହେତୁ ଅଧିକ ବା ଊଣା ହୋଇ ପାରେ ନାହିଁ ।

ଅତ୍ୟାବଶ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକ-ମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ନ୍ୟାଯ୍ୟମୂଲ୍ୟ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲ ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଅନୁଗ୍ରହଃ ପୂର୍ବକ ଅଗ୍ରୀମ ପଠାଇଲେ ପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଛପଫର୍ଦ୍ଦ ।

| ଜିନିଷର ନାମ | | ମୂଲ୍ୟ |
|---|---|---|
| ଅଷ୍ଟମେଣ୍ଟ ପେନସିଲ | ଗୋ ୧ | ଟ ୦ ⁄ |
| ଲାଲ ଓ ନୀଳ ପେନସିଲ | ଗୋ ୧ | ଟ ୦ ୵୫ |
| ଓଡ଼ିଆ ପେନସିଲ | ଡ ୧ | ଟ ୦ ৷৴ |
| ନକସା କାଗଜ | ଦ ୧ | ଟ ୦ ৷৴ |
| ଫୁଲସ୍କେପ କାଗଜ ସରୁଆ | ଦ ୧ | ଟ ୦ ୵୩ |
| ଏକାଳ ରୁଲବାଲା | ଦ ୧ | ଟ ୦ ୵୬ |
| ଏକାନ ମୋଟା | ଦ ୧ | ଟ ୦ ୵୩ |
| ଫାନସୀନୋଟପେପର ଓ | | |
| ଲଫାଫା | ଦ ୧ | ଟ ୬ । |
| ଡାକକାଗଜ ସରୁଆ | ଦ ୧ | ଟ ୦ ୶ |
| ଏକାନ ମଧ୍ୟମ | ଦ ୧ | ଟ ୦ / |
| ଲଫାଫା ସରୁଆ ସ୧୦୦ ଟ ୦ ୵୶ | ଗୋ ୨୫ | ଟ ୦ ৵୩ |
| ଏକାନ ମଧ୍ୟମ ସ୧୦୦ ଟ ୦ ৷৴ | ଗୋ ୨୫ | ଟ ୦ ୯ |
| ବାଲିକାଗଜ ୧୬ ପତି | ଦ ୧ | ଟ ୦ ୵୩ |
| ସୀହାଳି | ବୋ ୧ | ଟ ୦ ୵ |
| ଏକାନ ସୁନ୍ଦର ଏବାଲୁ ଅଧ-ବୋତଲ ଜଳରେ ଗୋଳାଇ ଚୂଇବା ପରେ ଛାଣି ନେଲେ ଉତ୍ତମ ସିହାଳି ପ୍ରସ୍ତୁତ ହେବ | ବ ୧ ଗ୍ରୁସ | ଟ ୦ ୵୬ |
| ସ୍ଲେଟ ପେନସିଲ | ବ ୧ | ଟ ୦ ৷৴ |
| ରବର | ଖ ୧ | ଟ ୦ ৷৴୩ |
| ହଂସପକ୍ଷୀ କଲମ | ଗୋ ୨୫ | ଟ ୦ ⁄ |
| ଲିଖା କଲମ (ନିବ) ସରୁଆ | ଡ ୧ | ଟ ୦ ୶ |
| ଏକାନ ମୋଟା | ଡ ୧ | ଟ ୦ ୧୯ |
| ଏକାନ ବଡ଼ମାଇଲକୋଲନ | ଗୋ ୧ | ଟ ୦ ୧୬ |
| କାଠଦୁଆତ ଢାକୁଣି ସହିତ (ଛୋଟସାଇଜ) | ଗୋ ୧ | ଟ ୦ । |
| ଏକାନ ସାଧାରଣ | ଗୋ ୧ | ଟ ୦ ୶ |
| କଲାଫିତା ସରୁଆ | ଖ ୧ | ଟ ୵୩ |
| କୋସ୍ପ୍ୟାର ବେଗ ସୁତସହିତ | ଗୋ ୧ | ଟ ୦ ୵୩ |
| ନନ୍‌ହେଲ | ଗୋ ୧ | ଟ ୦ ୶ |
| ମୁଣ୍ଡପଥରର ଫଳିଚୁଡ଼ା ଓ ଲୁସେଲନକ୍ସାବାଲା | ଗୋ ୧ | ଟ ୬ । |
| ଲେବେଣ୍ଡର | ଗୋ ୧ | ଟ ୧୯ |

Digitized by srujanika@gmail.com

| | |
|---|---|
| ମେନ୍ସର ଅଏଲ | ଗୋ ୧ ୫ ୦ ୪ |
| ସାବୁନ ସବୁଷା | ଖ ୧ ଟ ୦/୧ |
| ଫୁଲଦାନ୍ନ | ଗୋ ୧ ୫ ୧୶ |
| ଦେବାଲଗିର ମଡାଦ୍ୟା | ଗୋ ୨ ଟ ୬। |
| ଏକର ଏକଡାଳଅ | ଗୋ ୧ ଟ ୨ |
| ଫେକ | ଗୋ ୧ ଟ ୨ |
| ଅସ୍ତ୍ରଷ୍ଟେ | ଗୋ ୧ ଟ ୶ ୨ |
| ଡାସ | ଡ ୧ ଟ ୦ /୦ |
| ସାନପଗଡ଼ୀ | ଗୋ ୧ ଟ ୫ ୧ |
| ବନାରଶୀ ସର୍ତ୍ତ ନସ | ଖ ୧ |

ପିତଳର ଏହାକୁ କୌଣସି ଘାତରେ ଲଗି ନଅଁରେ ଭରିଲାଇ କୋଠା ଘରର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ ୧ ଟ ୦

କଟକ ଚୌଧୁରୀ ବଜାର } ଅରଡରଅନୁ ବର କମ୍ପାନୀ

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ବିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶହ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲ, ଖେମଟା, ଟପା, ଠୁମରୀ ପ୍ରଭୃତି ସୁମଧୁର-ସ୍ବରର ଅତକ୍ଲିଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପା ଡୁକ୍ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁଯିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## NOTICE.

*A COMPLETE KEY*

(Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c.)

To

Lethbridge's Easy Selections,
(Minor course 1895)

BY

AKSHOY KUMAR GHOSE

AND

HARA CHAND GHOSH

in the press

Price per copy Re. 1—0—0
Postage one anna extra for muffasal.
To be had of the Secretary Printing Company Cuttack

## ବେଦନାର ଅଉ କଷ୍ଟ ପାଅ ନା ।

ଆମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କମ୍ପା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡଯାଇଁ କମ୍ପା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାର ଦ୍ଵାରା ଝୁନ୍ ଝୁନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ ବନ୍ଧା ଛୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ବିଜୁଳୀ ପ୍ରାୟ ଚଞ୍ଚଳ ଉପଶମ ହୁଅଇ । ସମସ୍ତ ସଂସାର ଲୋକଙ୍କର ଏହା ଶିଶି ଘରେ ରଖିବାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତର ଔଷଧ ବସ୍ତୁ ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିଙ୍କଠାରୁ ମିଳଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ କା ପାଇଁ ଟ ୦୶ ଦୁଇଅଣା, ଡାକମାସୁଲ ଟ ୦। ଗୁ ଚରିଅଣା ମାତ୍ର ।

କେ, ସି, ରାୟ ।
ନ ୪୭ ନମ୍ବର ନେବୁତଲା ଲେନ,
ବହୁବଜାର । କଲିକତା ।—

## ରାଗ-ରସଦୀପକ: ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରବାଲ
ନୟାସଡ଼କ କଟକ

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍ତମ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦।୵ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କଠାରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ବରର ଦକ୍ଷିଣୀ ଓ ଝୁଲ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପଞ୍ଚାପେକ୍ଷା ଊଣା ମୂଲ୍ୟରେ ଅଲ୍ପଦିନ ନିମନ୍ତେ ବିକ୍ରୟ କରୁଅଛୁ । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

| | |
|---|---|
| ବର୍ଷାକାଳ ବର୍ଣ୍ଣନା (ଶ୍ରୀମତୀ ସୁଲକ୍ଷଣା ଦେବୀ-ଭାରତୀ) | ଟ ୦ ୧୯ |
| ଲକ୍ଷଲେଖା (ଉପେନ୍ଦ୍ରଭଞ୍ଜ ଭାରତୀ) | ଟ ୦।୶ |
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ ପଲ୍ଲବର୍ଦ୍ଧିତ ସଂସ୍କରଣ | ଟ ୦ ।୵ |
| ଏହାର ଦ୍ଵିତୀୟ ଏହାର | ଟ ୦ ୶ |
| ଏହାର ତୃତୀୟ ଏହାର | ଟ ୦ ୶ |
| ଏହାର ଚତୁର୍ଥ ଏହାର | ଟ ୦ ୶ |
| ଜୀବନତତ୍ତ୍ଵ | ଟ ୦ / |
| ଇତିହାସ ଶେଷ | ଟ ୦ / |

କଟକ ୨୭।୭।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

Split by PDF Splitter
Digitized by srujanika@gmail.com

# ଜାଦୁର ଅବ୍ୟର୍ଥ ମହୌଷଧ

(ବିଶେଷ ପରୀକ୍ଷିତ)

ମୂଲ୍ୟ ପ୍ରତିଡବା ଟ ୦।୵ ମାସୁଲ ଟ ୦। ଅଣା

ଏହି ଔଷଧ ବ୍ୟବହାରରେ ସର୍ବ ପ୍ରକାରର ଦାଦୁରୋଗ ଏକାବେଳକେ ଆରୋଗ୍ୟ ହୋଇ ଯାଏ। ଥରେ ଆରୋଗ୍ୟ ହେଲେ ସେ ସ୍ଥାନରେ ଆଉ ହୁଏ ନାହିଁ ଏହାକୁ ବ୍ୟବହାର କଲେ ଚର୍ମ ମାତ୍ର ଜ୍ୱାଳା ଯନ୍ତ୍ରଣା ହୁଏ ନାହିଁ ଏବଂ ଏହା ନିର୍ଦ୍ଦୋଷ ଅଟେ। ଏଥିରେ ନାନାପ୍ରକାର ଚର୍ମ-ରୋଗ ନଷ୍ଟ ହୁଏ। ଏହି ଔଷଧରେ ଦୁଇଠାରୁ ଅଧିକ କେତେକ ଯୋଗ ଅଧିକ ଫଳପ୍ରଦ ଦ୍ରବ୍ୟ ମିଶ୍ରିତ ହେବାରୁ ଏହାର ଉପକାରିତା-ଗୁଣ ଅଦ୍ଭୁତ ଆଶ୍ଚର୍ଯ୍ୟ ପ୍ରଦ ହୋଇ ଅଛି। ଯେଉଁମାନେ ଏହି କ୍ଲିଷ୍ଟ ରୋଗରେ କଷ୍ଟ ପାଉ ଅଛନ୍ତି ଅନ୍ତତଃ ଥରେ ମୋ ମଲମର ପରୀକ୍ଷା କରିବା ଉଚିତ, ଏହାକୁ ବ୍ୟବହାର କରି ବହୁଲୋକ ରୋଗମୁକ୍ତ ହୋଇ ଅଛନ୍ତି ଏବଂ ଅନେକ ପ୍ରଶଂସା ପତ୍ର ସୁଦ୍ଧା ଦେଇ ଅଛନ୍ତି। ଔଷଧ ବ୍ୟବହାର ବିଧି ଔଷଧ ସହିତରେ ପଠା ଯାଇ ଥାଏ।

ଶ୍ରୀ ରାମଚରଣ ସେନ।
ଦେବ ଉତ୍କଳ ପ୍ରେସ୍; ବାଲେଶ୍ୱର।

---

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଦୂର ହୋଇଅଛି; ଯାହା ଲୋକେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାନ୍ତି ଏବଂ ନାନାବିଧ ଔଷଧ ସେବନ କରି ହତାଶ୍ୱାସ ହୋଇଥାନ୍ତି, ସେମାନେ ଥରେ ଏହି ମହୌଷଧ ସେବନ କରି ପରୀକ୍ଷା କର; ଅବଶ୍ୟ ଆରୋଗ୍ୟ ଲାଭ କରିବ। ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ। ହଜାର ରୋଗୀ ଓ ଯେଉଁମାନଙ୍କୁ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି। ଏହା କେବେହେଁ ନିଷ୍ଫଳ ହୋଇ ନାହିଁ। ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିର କରି ଅଛନ୍ତି ଯେ, "ଗନରୋଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ। ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ମୂତ୍ରାଗ୍ରେ ଦାଗଲଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହ୍ରାସତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଆରୋଗ୍ୟ ହେବ। ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ। ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ।

ମୂଲ୍ୟ ପ୍ରତି ଶିଶି ଟ ୨ ଙ୍କା ପ୍ୟାକିଂ ଟ ୦।୵ ଅଣା। ଡାକମାସୁଲ ଟ ।୵ ଅଣା

ଭାରତର ଏକମାତ୍ର ଏଜେଣ୍ଟ।
ଜେ, ପି, ରାୟ
ନଂ ୫୬ ନମ୍ବର ନେବୁତଲା ଲେନ
କଲିକତା।

---

# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦିକ କେମିକାଲ ମ୍ୟାନୁଫ୍ୟାକ୍ଚରିଂ କୋମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ
କଲିକତା, ବେଙ୍ଗଲ।

ରେଜିଷ୍ଟରୀକୃତ ମୂଳଧନ ଟ ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସହର ଓ ମଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି। ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛା କରନ୍ତି, ସେମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ।

ଏଠାରେ ହିଷ୍ଟିରୀ, କାଶ, ଜ୍ୱର, ଇନଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ [illegible] ଓ [illegible] ପୀଡ଼ାସବରେ ବିଶେଷ ଉପକାରୀ "ଔଷଧ ମଧ୍ୟ" ବିକ୍ରୟାର୍ଥ ପ୍ରସ୍ତୁତ ଥାଏ।

ଶୋଭନ-କୁନ୍ତଳ-ତୈଳ;—ଶିରଶୀତଳ ଓ ସୌରଭ ଅତୁଲ୍ୟ ସାମଗ୍ରୀ। ଏହାଦ୍ୱାରା ଚନ୍ଦ୍ର ହେବା ମସ୍ତିଷ୍କବିକୃତିର ନାଶ ଏବଂ କେଶର ଉନ୍ନତି ହୁଏ।

୧ ଶିଶିର ମୂଲ୍ୟ ଟ ୧୲ ଖରଚ୍ଚ ଟ ୦।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ। ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ ୦।୵ ଡାକଖର୍ଚ୍ଚ ଟ ୦।୵

କୁନ୍ତଳ-ବୃଦ୍ଧି-ତୈଳ;—ନୂତନ ଶିରଃପୀଡ଼ାର ଔଷଧ। ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ।

୧ ଶିଶିର ମୂଲ୍ୟ ଟ ୧୲ ଖର୍ଚ୍ଚ ଟ ୦।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜିଷ୍ଟରୀ ହୋଇଅଛି। ଏହା ୨୦୦୦ ଅଂଶରେ ବିଭକ୍ତ। ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦ ଟଙ୍କା। ୧।୵ କିସ୍ତିରେ ଟ ୨୫ ଟଙ୍କା ହିସାବରେ ଆଦାୟ ହୋଇଅଛି। ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି। ଏବେ କେବଳ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି। ଗ୍ରାହକମାନେ ସତ୍ୱର ନାମଧାମ ସହ ଆବେଦନ କରିବେ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟରୀ ଏବଂ ମ୍ୟାନେଜର


---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦।୵ |
| ଅର୍ଦ୍ଧସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦।୵ ରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କୁ ପଠାଇବାକୁ ହେବ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର [illegible] ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

| | | |
|---|---|---|
| ଭା ୨୯ ଗ<br>ସଂ ୩୮ ଖ୍ୟା | ତା ୨୨ ରିଖ ମାହେ ସେପ୍ଟେମ୍ବର ସନ ୧୮୯୪ ମସିହା । ମୁ ୭ ଓ ୮ ଅଶ୍ୱିନ ସନ ୧୩୦୨ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩<br>ପଶ୍ଚାଦେୟ ଟ ୬ |


ଆଜ ଦୁର୍ଗୋତ୍ସବ ପର୍ବର ଆରମ୍ଭଦିନ । ଏହି ଉପଲକ୍ଷରେ ଆଗାମୀ ଶୁକ୍ରବାରଠାରୁ ଅକ୍ଟୋବରମାସ ତା ୨ ରିଖ ମଙ୍ଗଳବାରପର୍ଯ୍ୟନ୍ତ ଦେବାନୀ ଅଦାଲତ କଚେରୀମାନ ବନ୍ଦ ହେବ ।

———

ଅଫଗାନରାଜ୍ୟରେ ଅସ୍ତ୍ର ପ୍ରସ୍ତୁତ ହେଉଅଛି । ସେହିଅସ୍ତ୍ର କପରି ହେଉଅଛି ପରୀକ୍ଷାନିମନ୍ତେ ଗାଜିପୁରର ଅପୂଏଜଣ୍ଟଙ୍କ ନିକଟକୁ ନମୁନା ପଠାଯାଇଅଛି । ଜଳସ ଭଲ ହେଲେ ଭାରତଗବର୍ଣ୍ଣମେଣ୍ଟ ଏହା ଅମଦାନୀ କରିବେ ପରା ।

———

ଜଗୀଆ ମାନପୋତାନିବାସୀ ପେନସନପ୍ରାପ୍ତ ସବଜଜ ବାବୁ କୈଳାସଚନ୍ଦ୍ର ମୁଖୁର୍ଯ୍ୟା ଚିକିତ୍ସାଳୟର ଉନ୍ନତିନିମନ୍ତେ ଅର୍ଦ୍ଧଲକ୍ଷ ଟଙ୍କା ଦାନ କରିଅଛନ୍ତି । ଏଦାନ ଅତିପ୍ରଶସ୍ତ ଅଟେ ଏବଂ ଏହା ସଦ୍ବ୍ୟୟରୂ ବ୍ୟବସ୍ଥା ହେଲେ ବଡ଼ ଉପକାର ହେବ ।

———

ଢାକାଠାରୁ ଜଣେ ମଉଲବୀ ପେସବାରକୁ ଆସି ପ୍ରକାଶକଲା ଯେ ତମ୍ବାଖୁର ବ୍ୟବହାର କୋରାନରେ ନିଷେଧ ଥିବାରୁ ଯେଉଁ ମୁସଲମାନ ଧୂଆଁ ଖାଏ ସେ କାଫର ସେ ଏହି ବିଷୟରେ ସ୍ଥାନୀୟ ମୁଲ୍ଲାଙ୍କ ସହିତ ତର୍କ କରିବାକୁ ପ୍ରସ୍ତୁତ ଥିବାର ଘୋଷଣା ହେଲା । ତର୍କ ବିତର୍କ ଉପସ୍ଥିତ ହେଲେ ଦଙ୍ଗା ହେବାର ଅନୁମାନ କରି ସ୍ଥାନୀୟ କର୍ତ୍ତୃପକ୍ଷମାନେ ମଉଲବିଙ୍କର ଘୋଷଣା ରହିତ କଲେ ଏବଂ ତାହାଙ୍କର ଗତିବିଧି ଉପରେ ଦୃଷ୍ଟି ରଖିବା କାରଣ ପୁଲିସ ନିଯୁକ୍ତ ହୋଇ ଅଛନ୍ତି । ବିଦ୍ୟା ଓ ସ୍ୱାଧୀନତାର ବୃଦ୍ଧି ସମୟରେ ପୁଲିସ ବନ୍ଧୁ କେଉଁଅଡ଼େ କେତେ ସମ୍ଭାଳିବେ ।

———

ବିଲାତିଲୁଗା ଆମଦାନୀ ମାସୁଲରୁ ଛାଡ଼ ପାଇବାର ଦେଖି କଲିକତାର କାଗଜ ଏବଂ ଲୁଣ-କଡୁଆପ୍ରଭୃତି ବ୍ୟବସାୟୀମାନେ ଭାରତୀୟ ଷ୍ଟେଟ-ସେକ୍ରେଟାରୀଙ୍କ ନିକଟରେ ସେମାନଙ୍କର ଦ୍ରବ୍ୟ ଉକ୍ତ ମାସୁଲରୁ ଛାଡ଼ ପାଇବା କାରଣ ଆବେଦନ କରିଅଛନ୍ତି । ସେମାନେ କହନ୍ତି ଯେ ମାସୁଲ ହେତୁ ସେମାନଙ୍କର ଦ୍ରବ୍ୟ ଭାରତବର୍ଷରେ ଅଧିକ ବିକ୍ରୟ ହେଉ ନାହିଁ ଏବଂ ସେଥିପାଇଁ ସେମାନଙ୍କର ବଡ କ୍ଷତି ହେଉ ଅଛି । ସେକ୍ରେଟେରୀମହୋଦୟ ବଡ଼ ହରବରରେ ପଡିଅଛନ୍ତି । ବାସ୍ତବରେ ସକଳ ଦ୍ରବ୍ୟପ୍ରତି ସମାନ ବିଚାର କରିବା ଉଚିତ । ବିଲାତର ଲୁଗାବାଲାମାନେ ଶାଣୁଆ ହେଲେ ବୋଲି ତାହାଙ୍କ ଦ୍ରବ୍ୟକୁ ଛାଡ଼ିଦେଇ ଗବର୍ଣ୍ଣମେଣ୍ଟ ବଡ ଦୁର୍ବଳତା ପ୍ରକାଶ କରିଅଛନ୍ତି ।

———

ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସାମନ୍ତ ଖିଲତ ପାଇବାଉତ୍ତାରୁ ଏଠା ଭଦ୍ରଲୋକଙ୍କ ଅନୁରୋଧରେ ବହୁଦିନ ଏଠାରେ ଅବସ୍ଥିତି କରି ଗତ ସୋମବାର ଆପଣାନିବାସ ଖଣ୍ଡପଡ଼ାକୁ ପ୍ରସ୍ଥାନ କଲେ । ଆମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ଖଣ୍ଡପଡ଼ାର ରାଜା ତାହାଙ୍କୁ ଯଥୋଚିତ ସମାଦରସହିତ ଗ୍ରହଣ କରିଥିବେ । ସାମନ୍ତ ମହୋଦୟ ଯେଉଁ ସମ୍ମାନ ପାଇଅଛନ୍ତି ତଦ୍ୱାରା ରାଜାଙ୍କର ଗୌରବ ବୃଦ୍ଧିହୋଇ ଅଛି କାରଣ ଦେଶ ବିଦେଶରେ ଏହିକଥା ପ୍ରଚାରହୋଇ ଅଛି ଯେ ଖଣ୍ଡପଡ଼ା ରାଜବଂଶୀୟ ଏକବ୍ୟକ୍ତି ଜ୍ୟୋତିଷଶାସ୍ତ୍ରରେ ବିଶେଷ ପାଣ୍ଡିତ୍ୟ ପ୍ରକାଶ କରି ଗବର୍ଣ୍ଣମେଣ୍ଟରୁ ଉପାଧିଲାଭ କରିଅଛନ୍ତି । ବିଦ୍ୟାବିଷୟରେ ଓଡ଼ିଶା ଗଡ଼ଜାତମଧ୍ୟରେ ଖଣ୍ଡପଡ଼ା ଶ୍ରେଷ୍ଠ ହେଲା । ଏ ପୁଣ୍ୟାତି ସେଠା ରାଜାଙ୍କର ଅଟେ ।

———

ଉଅଳା ନଗରରୁ ଚଳିତମାସ ତା ୮ ରିଖରେ ତାରସମ୍ବାଦ ଆସିଅଛି ଯେ ସେଠାରେ ବସିଥିବା ସ୍ୱାସ୍ଥ୍ୟସମିତିରେ ତିନି ପୂର୍ବଦିନ ଆଫୁ ବ୍ୟବହାର ବିଷୟରେ ତର୍କ ବିତର୍କ ହୋଇଥିଲା । ବକ୍ତାମାନେ ଏକବାକ୍ୟରେ ପ୍ରକାଶ କଲେ ଯେ ଆଫୁବିରୋଧି ଦଳର ଆନ୍ଦୋଳନ ଭାରତବାସିଙ୍କ ସ୍ୱଭାବ ଓ ରୀତିରେ ଅଯଥା ହସ୍ତକ୍ଷେପ ଭିନ୍ନ ଆଉ କିଛି ନୁହେ । ଡାକ୍ତର କେନ ସାହେବ କହିଲେ ଯେ ସେ ହାକିମଙ୍କ ଅଧୀନ ଜିଲା ମାନଙ୍କରେ ଆଫୁର ମୂଲ୍ୟ ସେ ସ୍ୱୟଂ ଅନୁଭବ କରି ଦେଖି ଅଛନ୍ତି

Digitized by srujanika@gmail.com

ନ ଉପଯୁକ୍ତ ଆହାର ନ ପାଇବା ଦେଶୀୟ ଲୋକମାନେ ଜ୍ୱର ଭୋଗକରୁଥିବା କାଳରେ ସୁଦ୍ଧା ଅଳ୍ପ ବ୍ୟବହାର ଦ୍ୱାରା ଦୈନିକ କାର୍ଯ୍ୟ ନିର୍ବାହ କରିବାକୁ ସମର୍ଥ ହୁଅନ୍ତି । ବାସ୍ତବରେ ଅନ୍ନକ୍ଲେଶ ଭାରତବାସିଙ୍କର ପ୍ରଧାନ ଦୁଃଖ ତହିଁର ପ୍ରତୀକାର ନ ଲୋଡ଼ି ଯେଉଁମାନେ ଅନ୍ୟବାଟରେ ଭାରତର ହିତ କରିବାପାଇଁ ବ୍ୟସ୍ତ ସେମାନେ କେବଳ ଶସ୍ତାରେ ହିତୈଷୀ ବୋଲାଇବା ଲୋଡ଼ୁଅଛନ୍ତି ।

—*—

ଅମ୍ଭମାନଙ୍କ ପୁରୀ ସମ୍ବାଦଦାତା ଲେଖିଅଛନ୍ତି ଯେ ଗତ ତା ୧୬ ରଖରେ ବଡ଼ଛତା ସମ୍ପର୍କୀୟ ଫୌଜଦାରୀ ମୋକଦମାରେ ବାଦୀଙ୍କ ଆସାମି ହାଜର ହେଲାରୁ ବିଶ୍ୱରୂପଙ୍କ ମୁଦେଇ ପକ୍ଷର ପ୍ରମାଣ ନ ନେଇ ଆସାମିର ସଫାଇ ନେଲେ । ଆସାମିର ମୁକ୍ତାର କହିଲା ଯେ ହାଇକୋର୍ଟରେ ମିଉନିସିପାଲଟୀ ଡିକ୍ରୀ ପାଇଥିବା ପ୍ରତ୍ୟକ୍ଷେ ଯଥା ସମୟରେ ବୟନାମା ନେଇ ଦଖଲକାର ନ ଥିବା ଏବଂ ମୁଦେଇ ସରକାରୀ ଲୋକ ନ ଥିବାସ୍ଥଳେ ଆସାମିପ୍ରତି ସରକାରୀ କାର୍ଯ୍ୟରେ ବାଧା ଦେବାର ଅଭିଯୋଗ ହୋଇ ନ ପାରେ । ବିଶ୍ୱରୂପଙ୍କ ମହାଶୟ ମୋକଦମା ସ୍ଥଗିତ ରଖି ବଡ଼ଛତା ସ୍ଥାନାନ୍ତରିତ ହେବାର ସ୍ୱୟଂ ଦେଖିଲେ ସେସନଜଜଙ୍କର ଆଦେଶ ଦେବେ । ସେହି ଦିନ ଅପରାହ୍ଣ ୫ ଘଣ୍ଟା ସମୟରେ ମିଉନିସିପାଲଟୀର କର୍ମଚାରୀମାନେ ମେହନ୍ତରଙ୍କଦ୍ୱାରା ଛତାମାନ ଉଠାଇ ନେଇ ଜଗନ୍ନାଥବଲ୍ଲଭଠାରେ ରଖିଦେଲେ । ଅରଦଳ କଟେରୀ ବନ୍ଦ ଥିବାରୁ ଆସାମୀ କୋଠିରେ ହାଜର ହେଲା । ମାତ୍ର ବିଶ୍ୱରୂପଙ୍କ କହିଲେ ଯେ ଏପରିକି ମୋକଦମା ଫଏସଲ କରିବେ । ଗତ ବୁଧବାର ପର୍ଯ୍ୟନ୍ତ ଫଏସଲ ହୋଇ ନ ଥିଲା । ଛାତାଙ୍କମାନେ ଦୁର୍ଭାଗ୍ୟରେ ସେହିସ୍ଥାନରେ ପଡ଼ି ରହି ଅଛନ୍ତି । ଏଣେ ମିଉନିସିପାଲଟୀର ଚେଅରମାନ ଛତା ଉଠାଇବାରେ ତ୍ରୁଟି ହେବା ହେତୁ କଲ୍ୟାଣୀ ଅମଲା ପ୍ରଭୃତିଙ୍କଠାରୁ କଇଫିୟତ ତଲବ କରିଅଛନ୍ତି । ବଡ଼ଛତା ଉପରେ ଏତେ କ୍ରୋଧ କରି ସାଧାରଣ ହିନ୍ଦୁଙ୍କ ମନରେ ଦୁଃଖ ଦେବାର ଅଭିପ୍ରାୟ ବୁଝାଯାଉ ନାହିଁ । ମୋକଦମାର ରାଏ ପ୍ରକାଶ ହେଲେ ସମସ୍ତ ଜାଣି ବାର ଆଶା ଅଛି ।

————

ବଙ୍ଗପ୍ରଦେଶର ଇଂରାଜୀ ଟୀକାବିଭାଗର ସନ ୧୮୯୩।୯୪ ର କାର୍ଯ୍ୟ ବିବରଣ ପାଠକରି ମାନ୍ୟବର ବଙ୍ଗୀୟ ଲେପ୍ଟେନାଣ୍ଟ କହୁଅଛନ୍ତି ଯେ ଏ ବିଭାଗର କାର୍ଯ୍ୟ ପ୍ରାୟ ସର୍ବାପେକ୍ଷା ଅସନ୍ତୋଷଜନକ ଅଟେ ଏବଂ ଦୁଃଖର ବିଷୟ ଯେ କର୍ମଚାରମାନେ ଏହିକଥା ହୃଦୟଙ୍ଗମ କରିବାର କୌଣସି ଚିହ୍ନ ରିପୋର୍ଟରୁ ପ୍ରକାଶ ପାଉ ନାହିଁ । ଜମ୍ବା ସାନିଟାରୀ କମିଶନର ଏଥିର କାରଣ ଅନୁସନ୍ଧାନ ବା ପ୍ରତିକାର ପକ୍ଷରେ ବହୁମାତ୍ର ବିଶେଷ ଚେଷ୍ଟା କରି ନାହାନ୍ତି । ଟୀକା ନେଇ ଥିବା ଲୋକଙ୍କ ସଂଖ୍ୟା ଗତବର୍ଷଠାରୁ ଅଧିକ ହେବା ଦୂରରେ ଥାଉ କିଛି ଊଣା ପଡ଼ି ଅଛି ଏବଂ ଅନ୍ୟାନ୍ୟ ଜିଲ୍ଲାମଧ୍ୟରେ କଟକ ଓ ପୁରୀର ଫଳ ନିତାନ୍ତ ମନ୍ଦ ଅଟେ । ଅନ୍ୟାନ୍ୟ ପ୍ରଦେଶରେ ବଳପୂର୍ବକ ଟୀକା ଦିଆଯିବାର ବିଧାନ ନ ଥିବା ପ୍ରତ୍ୟକ୍ଷେ ଅନେକଲୋକ ଟୀକା ନେଉଅଛନ୍ତି । ବଙ୍ଗଳାରେ ସେପରି ନ ହେବାର ହେତୁ କ'ଣ ? ଲେପ୍ଟେନାଣ୍ଟଙ୍କ ବିବେଚନାରେ ସମ୍ଭବତଃ ଇଂରାଜୀଟୀକା ବସନ୍ତରୋଗର ପ୍ରକୃତ ନିବାରକ ବୋଲି ଦେଶୀୟ ଲୋକଙ୍କର ବିଶ୍ୱାସ ହୋଇ ନାହିଁ ସୁତରାଂ ସେମାନେ ଟୀକା ଲୋଡ଼ୁ ନାହାନ୍ତି । ଅତଏବ ଯେଉଁକାରଣରୁ ଏହି ଅବିଶ୍ୱାସ ଜାତ ହୋଇ ଅଛି ତାହା ବୁଝାଇଦେବା ସ୍ୱାସ୍ଥ୍ୟକମିଶନରଙ୍କର ପ୍ରଧାନକାର୍ଯ୍ୟ ଅଟେ । ଯଦ୍ୟପି ରିପୋର୍ଟଲିଖିତମତେ ଅଧିକାଂଶ ଟୀକା ସଫଳ ହୋଇଅଛି ତେବେ ଲୋକେ ଅବଶ୍ୟ ତହିଁର ଫଳ ପ୍ରତ୍ୟକ୍ଷ କରିପାରିବେ ଅର୍ଥାତ୍ ବସନ୍ତରୋଗରୁ ରକ୍ଷା ପାଇବାର ଦେଖାଯିବ ଏବଂ ଟୀକା ନେବାକୁ ସମସ୍ତେ ଲୋଡ଼ିବେ । ଲେପ୍ଟେନାଣ୍ଟ ବାହାଦୂରଙ୍କର ଏହି ଯୁକ୍ତି ଅମ୍ଭମାନଙ୍କ ମନକୁ ବଡ଼ ଲାଗିଅଛି । ବାସ୍ତବରେ ଇଂରାଜୀଟୀକାପ୍ରତି ଅନେକ ଲୋକଙ୍କର ଅବିଶ୍ୱାସ ଅଦ୍ୟାପି ରହିଅଛି ଏବଂ ମୋଫସଲବାସିମାନେ ପଇସା ଖରଚ କରି ଲୁଚାଇ ଦେଶୀଟୀକା ନେଉଅଛନ୍ତି ତଥାଚ ଇଂରାଜୀଟୀକା ପାଖ ପଶିବାକୁ ନାରାଜ । ଫଳଦେଖାଇ ଲୋକଙ୍କ ମନାଇବା ସ୍ୱାସ୍ଥ୍ୟକମିଶନରଙ୍କର ପ୍ରଧାନକାର୍ଯ୍ୟ ସନ୍ଦେହ ନାହିଁ ।

————

ସ୍ୱାମି ବିବେକାନନ୍ଦ ଗତବର୍ଷ ଏହି ସମୟରେ ଆମେରିକାର ଚିକାଗୋ ନଗରରେ ଯେଉଁ ଧର୍ମସଭା ବସିଥିଲା ତହିଁରେ ନାନାଧର୍ମ ସମ୍ପ୍ରଦାୟର ପ୍ରତିନିଧିଙ୍କ ମଧ୍ୟରେ ହିନ୍ଦୁ ଧର୍ମର ପ୍ରତିନିଧି ସ୍ୱରୂପ ସ୍ୱାମୀ ବିବେକାନନ୍ଦ ଉପସ୍ଥିତ ହୋଇ ଆର୍ଯ୍ୟଧର୍ମସମ୍ବନ୍ଧରେ ଗୋଟିଏ ବକ୍ତୃତା କରିଥିବା ଓ ତାହା ସମ୍ବନ୍ଧରେ ଆଦର ସହିତ ଗୃହୀତ ହୋଇଥିବା କଥା ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଁ ଅଛୁଁ । ସେହି ସମୟରୁ ସ୍ୱାମିଜି ଆମେରିକାରେ ଆର୍ଯ୍ୟଧର୍ମ ପ୍ରଚାରରେ ବ୍ରତୀ ଅଛନ୍ତି ଏବଂ ଏଥି ମଧ୍ୟରେ ଅନେକଙ୍କର ମନ ଆକର୍ଷଣ କରି ଅଛନ୍ତି । ଏପର୍ଯ୍ୟନ୍ତ କେହି ହିନ୍ଦୁ ଏମନ୍ତ ଯୋଗ୍ୟତା ସହିତ ବିଦେଶରେ ଧର୍ମପ୍ରଚାର କରି ନ ଥିଲେ । ସ୍ୱାମୀ ମହୋଦୟ ଏ କାର୍ଯ୍ୟରେ ପ୍ରଥମ ବ୍ରତୀ ହୋଇ ଆଶାତୀତ ରୂପେ କୃତକାର୍ଯ୍ୟ ହେବାରୁ ଏଥିପାଇଁ ତାହାଙ୍କ ଗୁଣ ଗ୍ରହଣ ପୂର୍ବକ ତାହାଙ୍କୁ ଧନ୍ୟବାଦ ଦେବାନିମନ୍ତେ ଗତ ମାସ ତା ୫ ରଖ ଅପରାହ୍ଣକାଳରେ କଲିକତା ଟାଉନହଲରେ ଗୋଟିଏ ବୃହତ୍ ସଭା ହୋଇଥିଲା । ନଗରବାସୀ ମାନ୍ୟଗଣ୍ୟ ଅନେକ ହିନ୍ଦୁ ସଭାରେ ଉପସ୍ଥିତ ହୋଇଥିଲେ ଏବଂ ରାଜା ପ୍ୟାରୀମୋହନ ମୁଖର୍ଜ୍ୟା ସଭାପତିର ଆସନ ଗ୍ରହଣକରିଥିଲେ । ସୁସଙ୍ଗତ ମର୍ମରେ ଏକ ନିର୍ଦ୍ଧାରଣ ଲିପିବଦ୍ଧ ହୋଇ ତହିଁର ପ୍ରତିଲିପି ମାନ ଶିକାଗୋ ଧର୍ମସଭାର ସଭାପତି ଏବଂ ସ୍ୱାମି ବିବେକାନନ୍ଦଙ୍କ ନିକଟକୁ ପଠାଯିବାର ଧାର୍ଯ୍ୟ ହେଲା । ତହିଁ ସଙ୍ଗେ ସ୍ୱାମିମହୋଦୟଙ୍କ ନିକଟକୁ ଖଣ୍ଡିଏ ପ ସଭାପତିଙ୍କ ସ୍ୱାକ୍ଷରରେ ପଠାଇବାର ସ୍ଥିର ହୋଇ ସଭା ଭଙ୍ଗହେଲା ।

ସ୍ୱାମୀ ବିବେକାନନ୍ଦ ବଙ୍ଗାଳୀ ଏକ ସମ୍ଭ୍ରାନ୍ତ ହିନ୍ଦୁ ବଂଶୋଦ୍ଭବ । ସେ ବାଲ୍ୟକାଳରେ ଇଂରାଜୀ ଶିକ୍ଷା କରି ବି, ଏ, ପାଶକଲା ଉତ୍ତାରୁ ଶିକ୍ଷାବିଭାଗରେ ଗୋଟିଏ ଉଚ୍ଚବେତନର ପଦ ଭୋଗ କରୁଥିଲେ । ସେ ଯଥା ସମୟରେ ବିବାହ ଲଭିଥାନ୍ତେ । ମାତ୍ର ତାହାଙ୍କର ଧର୍ମବୃତ୍ତି ପ୍ରବଳ ହେବାରୁ ସଂସାରଧର୍ମ ତ୍ୟାଗ କରି ସନ୍ନ୍ୟାସୀ ହେଲେ ଏବଂ କର୍ତ୍ତବ୍ୟ ଅନୁରୋଧରେ ଅନାହୂତ ରୂପେ ଶିକାଗୋ ଧର୍ମସଭାକୁ ଯାଇ କ୍ରମଶ ଉତ୍ତେଜିତ ହୋଇ ଅମ୍ଳଥିବା ହିନ୍ଦୁଧର୍ମ ସଚେତନ କରିବାର କାରଣ ହୋଇ ଅଛନ୍ତି । ଏହାଙ୍କର ବୟସ ବର୍ତ୍ତମାନ ୩୦ ବର୍ଷ ଅଟେ ।

————

Split by PDF Splitter
Digitized by srujanika@gmail.com

## ଇନ୍‌କମଟିକସ ।

ସନ ୧୮୯୩।୯୪ ସାଲର ବଙ୍ଗୀୟ ଇନ୍‌କମଟିକ୍ସ ବିଭାଗର ବାର୍ଷିକ ବିବରଣରୁ ପ୍ରକାଶ ଯେ ସେ ବର୍ଷ ଏବଂ ତହିଁ ପୂର୍ବବର୍ଷର ଆୟ ବ୍ୟୟ ନିମ୍ନଲିଖିତ ରୂପ ଅଟେ । ଯଥା;

| | ସନ ୧୮୯୨।୯୩ | ସନ ୧୮୯୩।୯୪ |
|---|---|---|
| ଅଙ୍କ | ଟ ୫୨୨୫୩୬୬ | ଟ ୫୩୪୮୪୫୩ |
| ବ୍ୟୟ | ଟ ୨୮୦୧୨୧ | ଟ ୨୬୬୨୨୨ |

ଏଥିରୁ ଦେଖାଯାଉଅଛି ଯେ ପୂର୍ବ ବର୍ଷାପେକ୍ଷା ଏ ବର୍ଷ ଏକଲକ୍ଷ ଟଙ୍କାରୁ ଅଧିକ ଆୟ ବୃଦ୍ଧି ହୋଇଅଛି । ହାବଡ଼ା, ଚବିଶପ୍ରଗନା, ଖୁଲନା, ଦାରଜିଲିଂ, ମଇମନସିଂହ, କଟକ ଓ ସିଂହଭୂମ ଏହି ସାତଜିଲ୍ଲା ଛଡ଼ା ଆଉ ସମସ୍ତ ଜିଲ୍ଲାରେ ଆୟ ବୃଦ୍ଧି ହୋଇଅଛି । ଅଧିକାଂଶ ସ୍ଥଳରେ ଆୟ କର ବୃଦ୍ଧି ହେବାର ଦେଖି ସ୍ୱଭାବତଃ ମନରେ ହୋଇପାରେ ଯେ ବଙ୍ଗଳାର ସୌଭାଗ୍ୟ ବୃଦ୍ଧି ହୋଇଅଛି ମାତ୍ର ତାହାତ ଦେଖିବାରେ ଆସୁ ନାହିଁ । ଟିକସବନ୍ଦୋବସ୍ତକାରମାନେ ସମଧିକ ସାବଧାନ ଓ ବ୍ୟଗ୍ରତା ପୂର୍ବକ କାର୍ଯ୍ୟ କରିବାରୁ ଏ ଫଳ ଘଟିବାର ରିପୋର୍ଟରୁ ଜଣାଯାଏ । ପ୍ରକୃତରେ ଲୋକଙ୍କର ଆୟ ବୃଦ୍ଧି ହେଉଛି ଆଉ ଗତ ତୁଳବର୍ଷରୁ ଯେଉଁ କଷ୍ଟରେ ଅଛନ୍ତି ଅବଦଳ ନାହିଁ । ଅଫିସରମାନେ ଅକିବୁକାପ୍ରକାରେ ଏହା ତାହା ଉପରେ ଟିକସ ଦାୟ ପକାଇ ଦେବାରୁ ଅପଭ୍ୟା ଟିକସର ଯୋଗ୍ୟ ନ ଥିବା କେତେକ ଲୋକ ତାହା ଦେବାକୁ ବାଧ୍ୟ ହେଉଅଛନ୍ତି । ନ ହେଲେ ଭିଟାମାଟି ଉଚ୍ଛନ୍ନ ହେବ । ସୁତରାଂ ସରକାରଙ୍କର ଆୟ ବୃଦ୍ଧି ହେଉଅଛି । ଯେବେ ଉଚିତ ବନ୍ଦୋବସ୍ତ ହେଉଥାନ୍ତା ତେବେ ପ୍ରକାଶ୍ୟ ନିଷ୍ଫଳ ହେଉଥିଲେ ସ୍ୱତ୍ୱା ଲୋକେ ଏତେ ଆପତ୍ତି କରନ୍ତେ ନାହିଁ । ସନ ୧୮୯୨।୯୩ ସାଲରେ ୧୧୬୪୦ ଆପତ୍ତି ଦାଖଲ ଓ ତହିଁମଧ୍ୟରୁ ୪୨୦୫ ସଫଳ ହୋଇଥିଲା ବର୍ତ୍ତିତ ବର୍ଷରେ ୧୨୨୬୯ ଆପତ୍ତି ଦାଖଲ ହୋଇ ତହିଁ ମଧ୍ୟରୁ ୪୫୯ ସଫଳ ହେଲା । ମାନ୍ୟବର ଲେଫ୍‌ଟେନାଣ୍ଟ ଯଥାର୍ଥ କହୁଅଛନ୍ତି ଯେ ଏତେ ଆପତ୍ତି ଅଫିସରମାନଙ୍କର ସୁକ୍ଷ୍ମାବର କଥା ନୁହେ ଏବଂ ବସ୍ତୁମତ ହେସାବ ନ ଥିବାରୁ ବ୍ୟକ୍ତିବିଶେଷର ଲାଭ ଠିକ କରିବା କଷ୍ଟ ଏ କଥାରୁ ତାହା ଭଲି ସ୍ୱତ୍ୱା ସ୍ପଷ୍ଟ ଦେଖାଯାଉଅଛି ଯେ ଅନେକ ସ୍ଥଳରେ ଟିକସ ବନ୍ଦୋବସ୍ତ କାର୍ଯ୍ୟ ଲଘୁତର ଏବଂ ଅଯଥାର୍ଥ ଥିଲା । ଏଥିପାଇଁ ଅଫେସରମାନଙ୍କ କାର୍ଯ୍ୟ ସୂକ୍ଷ୍ମରୂପେ ଅନୁସନ୍ଧାନ କରିବାକୁ ଆଦେଶ ଦେଇଅଛନ୍ତି । ଟିକସ ଓସୁଲ ନିମନ୍ତେ ପ୍ରାୟ ୬ ହଜାର ଓ୍ୟାରଣ୍ଟ ବାହାରିଥିଲା ୨୨୯୦ ଜମିର କୋରକ୍ଲା ପରୁଥିଲା ତାଷି ହୋଇ ଜ ୨୮ ମିବରେ ମାଲ ବିକ୍ରୟଦ୍ୱାରା ଟିକସ ଆଦାୟ ହୋଇଥିଲା । ନିୟମ ଅନ୍ୟଥା ହେବାର କାରଣ ଏହି ଯେ ଅଧିକାଂଶ ଲୋକଙ୍କର ଅପଣାର ଦ୍ରବ୍ୟ ସମ୍ପତ୍ତି ପ୍ରତି ମମତା ଅଧିକ ଥିବାରୁ ସାଧମତେ ନିଲାମ କରିଲ ଦଥନ୍ତି ନାହିଁ ନଭୁବା ଅଳ୍ପ ସ୍ଥଳରେ ନିଲାମ ହେଲା ବୋଲି ଏମନ୍ତ ବୋଲିଯାଇ ନ ପାରେ ଯେ ଅଧିକାଂଶ ଲୋକ ସଙ୍ଗତି ଥିବା ସତ୍ତ୍ୱେ ଇଚ୍ଛାପୂର୍ବକ ଟିକସ ଦେବାକୁ ହେଳା କରିଥିଲେ। ପ୍ରକୃତରେ ଏହା ଟିକସ ଘଟିତ ଅତ୍ୟାଚାରର ଅନ୍ୟତର ପ୍ରମାଣ ଅଟେ ।

---

## ଗ୍ରାମ୍ୟସମିତି ।

ଅମ୍ଭଶାସନ ବିଷୟକ ସନ ୧୮୮୫ ସାଲର ୩ ଆଇନରେ ଯଦ୍ୟପି ଚ ଗ୍ରାମ୍ୟସମିତି ବସାଇବାର ବ୍ୟବସ୍ଥା ଅଛି ମାତ୍ର ତାହା ପ୍ରଚଳନ ହେଉ ଏପର୍ଯ୍ୟନ୍ତ ତାହା ହୋଇ ନାହିଁ । ମାନ୍ୟବର ବଙ୍ଗୀୟ ଲେଫ୍‌ଟେନାଣ୍ଟ ଏ ବିଷୟରେ ବିଭିନ୍ନ ମତ ଦେଖି ଗତ ବାର୍ଷିକ ରିପୋର୍ଟରେ ଲେଖିଥିଲେ ଯେ ଜିଲ୍ଲା ଓ ଲୋକାଲ ସମିତିମାନଙ୍କର କାର୍ଯ୍ୟ ଅନ୍ତତ କେତେକ ବର୍ଷ ଦେଖା ନ ଗଲେ ଗ୍ରାମ୍ୟସମିତି ଗଢ଼ିବାର ସୁବିଧା ଦେଖା ଯାଉ ନାହିଁ । ମାତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏଥିରେ ଐକ୍ୟ ନ ହୋଇ କହିଲେ ଯେ ସ୍ଥାନୀୟ ସ୍ୱାସ୍ଥ୍ୟବିଧାନ ପ୍ରଭୃତି ଅବଶ୍ୟକୀୟ କାର୍ଯ୍ୟ ସକାଶେ ଗ୍ରାମ୍ୟସମିତି ନିତାନ୍ତ ଆବଶ୍ୟକ ଏବଂ ଅନ୍ୟାନ୍ୟ ପ୍ରଦେଶରେ ଗ୍ରାମ୍ୟସମିତି ବସିଥିବା ପ୍ରତ୍ୟକ୍ଷେ ବଙ୍ଗପ୍ରଦେଶରେ ତାହା ଅଚଳ ହେବାର କୌଣସି କାରଣ ଦେଖା ଯାଉ ନାହିଁ । ଅନ୍ତତଃ ବଙ୍ଗଳାର ଭିନ୍ନ ଭିନ୍ନ ଜିଲ୍ଲାମାନଙ୍କରେ ପରୀକ୍ଷା କରି ଦେଖିବାର ଉଚିତ । ଏହି ପରାମର୍ଶର ବଶବର୍ତ୍ତୀ ହୋଇ ମାନ୍ୟବର ଲେଫ୍‌ଟେନାଣ୍ଟ ବର୍ଦ୍ଧମାନପ୍ରେସିଡେନ୍‌ସୀ ଢାକା ଏବଂ ଚଟ୍ଟଗ୍ରାମ ବଙ୍ଗଦେଶର ଏହି ଗୋଟିଏ ଭିନ୍ନ ବିଭାଗର କେତେକ ସ୍ଥାନରେ ଅର୍ଥାତ ପ୍ରତ୍ୟେକ ସବଡିଭିଜନର ଦୁଇ ତିନି ସ୍ଥାନରେ ଗ୍ରାମ୍ୟସମିତି ବସାଇବାର ସ୍ଥିର କରି ନିମ୍ନଲିଖିତ ନିୟମାନୁସାରେ କାର୍ଯ୍ୟ ନିର୍ବାହର ବ୍ୟବସ୍ଥା କରିଅଛନ୍ତି ।

ଅପାତତଃ ସହର ସଦୃଶ ବଡ଼ ଗ୍ରାମ ଅଥବା ନିକଟବର୍ତ୍ତି ଦୁଇ ତିନି ଗ୍ରାମ ମିଶି ଗୋଟିଏ ଗ୍ରାମରେ ଗ୍ରାମ୍ୟସମିତି ସ୍ଥାପିତ ହେବ । ସମିତିର ସଭ୍ୟ ଚୌକିଦାରୀ ପଞ୍ଚାୟତ ଏବଂ ଅନ୍ୟ ଲୋକଙ୍କ ମଧ୍ୟରୁ ନିଯୁକ୍ତ ହେବେ ଓ ସେମାନେ ଆପଣାର ଚେୟାରମାନ ବାଛିନେବେ । ପ୍ରତ୍ୟେକ ସମିତିର ଅଧୀନରେ ଗୋଟିଏ ଲେଖାଏଁ କାଞ୍ଜିହାଉସ ରହିବ । ତହିଁର ଆୟ ଏବଂ ଜଳାଶୟ ଇତ୍ୟାଦି ଖୋଲାଇବା ବା ମରାମତ କରିବା ନିମନ୍ତେ ଯେଉଁ ଟିକସ ଆଦାୟ ହେବ ସେ ଆୟ ଏବଂ ମାନ୍ୟବର ଲେଫ୍‌ଟେନାଣ୍ଟ ବା ଜିଲ୍ଲା ବୋରଡ ଯେତେ ଟଙ୍କା ଦେବେ ସେ ସମସ୍ତ ସମିତିର ଆୟ ହେବ ଓ କାଞ୍ଜିହାଉସର କାର୍ଯ୍ୟନିର୍ବାହ ଓ ପୁଷ୍କରିଣୀ ନାଳ ଇତ୍ୟାଦି ପରିଷ୍କାର କରିବାରେ ସେ ଟଙ୍କା ବ୍ୟୟ ହେବ । ସମିତିର କାର୍ଯ୍ୟ ଚଳାଇବା ସକାଶେ କୌଣସି ମୋହରର ମହରୁମା ରହିବ ନାହିଁ ଏବଂ ଠିକ ଅମଲା ମଧ୍ୟ ରହିବେ ନାହିଁ । ସମିତିର ସଭ୍ୟମାନଙ୍କ ମଧ୍ୟରୁ ହେସାବାଦ ଲେଖିବାର ଭାର ଏକଜଣ ନେବେ ଏବଂ ନୋଟିସ ପ୍ରଭୃତି ଯାହା ଯେତେବେଳେ ଜାରି କରିବାର ଆବଶ୍ୟକ ହେବ ଚୌକିଦାର ଦ୍ୱାରା ତାହା ଜାରି ହୋଇ ପାରିବେ କାରଣ ଦେଖିବାକୁ ହେବ ଯେମନ୍ତ ଚୌକିଦାରମାନଙ୍କର ପୁଲିସ କାର୍ଯ୍ୟରେ ବ୍ୟାଘାତ ହେବ ନାହିଁ । ସତ୍ତ୍ୱନିମନ୍ତେ ସ୍ୱାସ୍ଥ୍ୟରକ୍ଷା ଓ ପାନୀୟଜଳ ଯୋଗାଇବା ଗ୍ରାମ୍ୟ ସମିତିଙ୍କର ପ୍ରଧାନ କାର୍ଯ୍ୟ ହେବ । ସଂକ୍ଷେପରେ ଗ୍ରାମ୍ୟସମିତିର ସଭ୍ୟମାନେ ଟିକସ ଧାର୍ଯ୍ୟ ଓ ତାହା ଉସୁଲ କରି ଗ୍ରାମର ଅଭାବ ମୋଚନ ଏବଂ ହିତ ସାଧନ କରିବେ ସମସ୍ତ ଆୟ ବ୍ୟୟର ହେସାବ ଆପଣାହାତରେ ଲେଖି ରଖାଇବେ ଏବଂ ତଜ୍ଜନ୍ୟ ସିଆଦାର ସାହାଯ୍ୟ ସ୍ୱତ୍ୱା ପାଇବେ ନାହିଁ କାର୍ଯ୍ୟ ସନ୍ତୋଷଜନକ ନ ହେଲେ ଅବଶ୍ୟ ଯଥା ନିୟମରେ ପୁରସ୍କାର ପାଇବେ । ବଡ଼ ସୁନ୍ଦର ବନ୍ଦୋବସ୍ତ ! ଅବଶ୍ୟ ଦେଶହିତୈଷିତାର ପରୀକ୍ଷା ନିମନ୍ତେ ମାନ୍ୟବର ଲେଫ୍‌ଟେନାଣ୍ଟ ଏ ବ୍ୟବସ୍ଥା ବାହାର କରି ଅଛନ୍ତି ଏବଂ ତହିଁସଙ୍ଗେ ଅଉ ଗୋଟିଏ କର ବସାଇବାର ବ୍ୟବସ୍ଥା କରି ଅମ୍ଭଶାସନର ସୁଫଳ ପୂର୍ଣ୍ଣମାତ୍ରାରେ ଲୋକଙ୍କୁ ଦେବାକୁ ବସି ଅଛନ୍ତି । ସ୍ୱାସ୍ଥ୍ୟକର ବସିବାର ଯେ କଥା ହେଉଥିଲା ଏହି ବାଟେ ତାହା ସଫଳ କରି ଅମ୍ଭମାନଙ୍କ ଶାସନକର୍ତ୍ତା ଇଲିଏଟ ବାହାଦୁର ଚତୁରତାର ପରିକାଷ୍ଠା ଦେଖାଇ ଅଛନ୍ତି । ଏଥି ଉପରେ ଅଉ କଥା ନାହିଁ ।

---

Split by PDF Splitter
Digitized by srujanika@gmail.com

## ପୁସ୍ତକପ୍ରାପ୍ତି ।

ଅମ୍ଭେମାନେ ନିମ୍ନଲିଖିତ ପୁସ୍ତକମାନ ଉପହାର ପାଇବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ।

ବନ୍ଦ୍ୟପୁଷ୍ପାଞ୍ଜଳୀ ୨ୟାଞ୍ଜଳୀ—ଏ ପୁସ୍ତକ ବାବୁ ସନାତନ ଦାସ ଜମିଦାରଙ୍କଦ୍ୱାରା ରଚିତ, ଏନଗର ଉତ୍କଳ ପ୍ରେସରେ ମୁଦ୍ରିତ ଏବଂ ବାବୁ ସୁଦାମଚନ୍ଦ୍ର ଭାଦୃଙ୍କ ନାମରେ ଉତ୍ସର୍ଗିତ । ଏହାର ପ୍ରଥମାଞ୍ଜଳୀ ପ୍ରକାଶ ସମୟରେ ଯାହା କହିଅଛୁଁ ତଦପେକ୍ଷା ଅଧିକ କହିବାର ନାହିଁ । କେବଳ ଏତକ କହିଲେ ଯଥେଷ୍ଟ ହେବ ଯେ ପ୍ରଥମଭାଗଠାରୁ ଏଭାଗ କିଛି ବଡ଼ ଏବଂ ଗୁଣରେ ବରଂ ସରସ ଅଟେ ।

ତୁଳସୀସ୍ତବକ ।—ଏ ପୁସ୍ତକ ସୁପରିଚିତ କବି ବାବୁ ରାଧାନାଥରାୟଙ୍କ ଦ୍ୱାରା ବିରଚିତ ଏବଂ ଏନଗରର ରାୟପ୍ରେସରେ ମୁଦ୍ରିତ । ଏହା ଆଠମଲ୍ଲିକର ମହାରାଜାଙ୍କ ନାମରେ ଉତ୍ସର୍ଗିତ ହୋଇଅଛି । ଉତ୍ସର୍ଗପତ୍ରରୁ ପ୍ରକାଶ ଯେ ଭାଷାନୁରାଗ ଓ ସାହିତ୍ୟଗ୍ରାହକତା ଓଡ଼ିଶାରୁ ପଳାଇ ବାମଣ୍ଡାରେ ଆଶ୍ରୟ ନେବାର କବିଙ୍କର ଧାରଣା ଥିଲା ମାତ୍ର ତାହାଙ୍କ ପ୍ରକାଶିତ ମହାଯାତ୍ରା ନାମକ କାବ୍ୟ ସମ୍ବନ୍ଧରେ ଆଠମଲ୍ଲିକର ମହାରାଜା ତାହାଙ୍କୁ ଉତ୍ସାହପ୍ରଦପତ୍ର ଲେଖିବାରୁ ସେ ଭ୍ରମ ଭାଙ୍ଗିଗଲା ଓ କୃତଜ୍ଞତାସ୍ୱରୂପ ସେହି କାବ୍ୟଟି ଶେଷ କରି ମହାରାଜାଙ୍କୁ ଭେଟି ଦେଇ ଥାନ୍ତେ ମାତ୍ର ସ୍ୱାସ୍ଥ୍ୟ ଶାନ୍ତି ଓ ଅବସର ଅଭାବରୁ ତାହା କରି ନ ପାରି ତୁଳସୀସ୍ତବକ ନାମକ ଏହି କ୍ଷୁଦ୍ରପୁସ୍ତକ ଉପହାର ଦେଇଅଛନ୍ତି ଏବଂ ଅତ୍ୟନ୍ତ ବିନମ୍ରଭାବ ପ୍ରକାଶନିମନ୍ତେ ସେପରି ନାମ ଦେଇଅଛନ୍ତି । କବି ଏକବାକ୍ୟରେ ଦୁଇରାଜାଙ୍କର ପ୍ରଶଂସା କରି ବଡ଼ ଚତୁରତାର ପରିଚୟ ଦେଇଅଛନ୍ତି ଏବଂ ଆଠମଲ୍ଲିକର ମହାରାଜାଙ୍କ ହେତୁ ଓଡ଼ିଶାର ସମ୍ମାନ ରକ୍ଷା ପାଇଲା ଏଥିପାଇଁ ଅମ୍ଭେମାନେ ମଧ୍ୟ ତାହାଙ୍କ ସଙ୍ଗେ ଯୋଗ ହୋଇ କୃତଜ୍ଞତା ପ୍ରକାଶ କରୁଅଛୁଁ । ସେ ଯାହା ହେଉ ତୁଳସୀସ୍ତବକ ଅତି କ୍ଷୁଦ୍ର ( ପୃ ୧୬ ଖା ମାତ୍ର ) ପଦ୍ୟପୁସ୍ତକ ହେଲେହେଁ ନାମର ସାର୍ଥକତା ଆନନ୍ଦଜନକରୂପେ ପ୍ରତିପନ୍ନ କରଅଛି । କଥାରେ କହନ୍ତି ତୁଳସୀ ଦୁଇ ପତ୍ରରୁ ବାସେ । ଏଥିରେ ମଧ୍ୟ ବର୍ଷା ଓ ଶରତ ଏହି ଦୁଇ ଋତୁର ବର୍ଣ୍ଣନା ହୋଇ କବିଙ୍କର ସୌରଭ ପ୍ରକାଶ କରୁଅଛି । ମାତ୍ର ବର୍ଣ୍ଣନାର ଭଙ୍ଗୀରେ ନୂତନତ୍ୱ ଲକ୍ଷଣ ରହିଅଛି ଅର୍ଥାତ୍ ପ୍ରାୟ ପ୍ରତିପଦରେ ବର୍ଣ୍ଣିତକାଳର ଗୋଟିଏ ଘଟନା ସଙ୍ଗେ କବି ଗୋଟିଏ ନୀତି ବା ଉପଦେଶ ବାକ୍ୟ ଉପମାସ୍ୱରୂପ ଏମନ୍ତ ସୁନ୍ଦରରୂପେ ଖଞ୍ଜି ଦେଇଅଛନ୍ତି ଯେ ସାଧାରଣ ରଚନାରେ ସେପରି ଦେଖାଯାଏ ନାହିଁ । ସକଳସ୍ଥଳେ ଦୃଷ୍ଟାନ୍ତମାନ ସମ୍ପୂର୍ଣ୍ଣ ସଫଳ ହୋଇ ନ ଥିଲେହେଁ ସ୍ଥୂଳରେ ଏହା କବିଙ୍କର ଉପଯୁକ୍ତ ହୋଇଅଛି ନିଃସନ୍ଦେହ ବୋଲିଯାଇ ପାରେ । ଅମ୍ଭେମାନେ ସର୍ବସାଧାରଣ ଏହାକୁ ପାଠ କରିବା କାରଣ ଅନୁରୋଧ କରୁଅଛୁଁ । ପରଶେଷରେ ଅମ୍ଭମାନଙ୍କର ଗ୍ରନ୍ଥକାରଙ୍କଠାରେ ଅନୁରୋଧ ଏହି କି ଖଣ୍ଡଗ୍ରନ୍ଥ ରଚନାଦ୍ୱାରା ଶକ୍ତିର ଅପବ୍ୟୟ ନ କରି ଗୋଟିଏ ପୁସ୍ତକ ସମ୍ପୂର୍ଣ୍ଣ କରିବାର ଚେଷ୍ଟା କରିବେ । ସ୍ୱାସ୍ଥ୍ୟ ଓ ଅବକାଶର ଅଭାବସତ୍ତ୍ୱେ ରଚନା ଛାଡ଼ି ନ ଥିବାରୁ ଏକଥା କହୁ ଅଛୁଁ । ଈଶ୍ୱର ତାହାଙ୍କର ଅଭାବ ଦୂର କରି ଆରମ୍ଭ କରିଥିବା ଗ୍ରନ୍ଥମାନ ସମାପ୍ତ କରିବାର ଶକ୍ତି ପ୍ରଦାନ କରନ୍ତୁ ।

---

# ସାପ୍ତାହିକସମ୍ବାଦ ।

ଏ ସପ୍ତାହରେ ମଧ୍ୟ ଗତସପ୍ତାହପରି ଅନେକ ସ୍ଥାନରେ ଏବଂ ସାମାନ୍ୟରେ ବୃଷ୍ଟି ହୋଇଅଛି । ସେ ଫଳରେ ବୃଷ୍ଟିର ପରିମାଣ କିଛିଅଧିକ ଥିଲା ।

ବର୍ତ୍ତମାନ ଏ ନଗରର ସ୍ୱାସ୍ଥ୍ୟ ଭଲ ଅଛି ।

ରବିବାରର ରାତ୍ରି ଗତ ସପ୍ତାହରେ ଏ ନଗରରଜମିଦାରୀରେ ଆସିଥିଲେ । ଅତ୍ୟ ସୁରଜ୍ୟଙ୍କ ବଳେ କଲେ । ରାଜା ଏଠାର ଲଂଗର ଏବଂ ଦେଶୀୟ ତାଳମ ଓ ଅନ୍ୟାନ୍ୟ ଉତ୍ସବ ଦେଖି ସାକ୍ଷାତ ଓ ଆଳାପ କରି ସୌଜନ୍ୟର ପରିଚୟ ଦେଇ ଅଛନ୍ତି ।

ଆମମାନଙ୍କର କଲେକ୍ଟର ସାହେବ ଗତ ରବିବାର ମୋଫସଲ ଗସ୍ତରୁ ଫେରି ଆସିଅଛନ୍ତି ।

ଏଠାର ଡିଷ୍ଟ୍ରିକ୍ଟ ବୋର୍ଡର ଭାଇସଚେୟାରମାନ ବାବୁ ମଧୁସୂଦନ ଦାସ ଏ ସପ୍ତାହରେ ଅତୀବ ବୁଦ୍ଧିଷ୍ଠ ସାହାଯ୍ୟକାରୀ ପରିଦର୍ଶନ କରି ଫେରି ଆସିଅଛନ୍ତି ।

### କଲିକତା ଗେଜେଟ ।

ବାଲେଶ୍ୱରର ମାଜିଷ୍ଟ୍ରେଟ ଓ କଲେକ୍ଟର ଶ୍ରୀଯୁତ ଏସ, ଏଲ ମାଡକ ୨ୟ ଶ୍ରେଣୀକୁ ଉନ୍ନତ ହୋଇଲେ ।

କଟକର ଏକ୍ଟିଂ ଜଜ ଓ ସେସନ ଜଜ ଶ୍ରୀଯୁତ ଏଫ, ଇ, ପାର୍ଜିଟର ଛୁଟି କାର୍ଯ୍ୟରେ ବାହାର ହେଲେ ।

ଡେପୁଟି କଲେକ୍ଟର ବାବୁ କୃଷ୍ଣପ୍ରସାଦ ଗୋସ୍ୱାମୀ ବାଲେଶ୍ୱର ଖଜଣାଖାନାର ଭାରପ୍ରାପ୍ତ ହେଲେ ।

କଟକ ବୋର୍ଡର ସଭ୍ୟ ବାବୁ ମଧୁସୂଦନ ରାଉତ କାର୍ଯ୍ୟ ପରିତ୍ୟାଗ କରିବାରୁ ତାଙ୍କ ସ୍ଥାନରେ ବାବୁ ମଧୁସୂଦନ ରାଓ ନିଯୁକ୍ତ ହେଲେ ।

---

କଲିକତାଠାରେ ୧୮ ବର୍ଷ ବୟସ୍କ ଗୋଟିଏ ବାଳକ ଗତମାସ ତା ୪ରିଖ ସନ୍ଧ୍ୟା ସମୟରେ ତେତିଶ ହାତ ଉଚ୍ଚ ଛାତଉପରେ ଶୟନ କରିଥିଲା । ରାତ୍ରି ୧୧ ଘଣ୍ଟା ସମୟରେ ବାଳକଟିର ନିଦ୍ରା ଭାଙ୍ଗିଲା ଏବଂ ସେ ଅର୍ଦ୍ଧସୁପ୍ତ ଅବସ୍ଥାରେ ଛାତରୁ କୋଠା ବାହାରକୁ ଲମ୍ଫ ଦେଇ ନିମ୍ନସ୍ଥ ଟେଲିଗ୍ରାଫର ଲୌହତାରଉପରେ ପଡ଼ିଥିଲା । ପତନ ସମୟରେ ଲୋକମାନେ ବାଳକର ସାମାନ୍ୟ ଆଘାତ ଦେଖିଲେ କିନ୍ତୁ ପୀଡ଼ା ହୋଇ ନାହିଁ ।—ଈଶ୍ୱର ରକ୍ଷା କଲେ ଭୟ କେଉଁ କଥାକୁ ?

ଲଣ୍ଡନ ନଗରରୁ ସମ୍ବାଦ ମିଳିଅଛି ଯେ ବେଲୁନଯାନଯୋଗେ ଶତ୍ରୁପକ୍ଷର ବଳ କଳନା କରିବାକୁ ଗତମାସ ତା ୫ ଦିନରେ ଅଲଡ଼ରସଟ ଠାରେ ପରୀକ୍ଷିତ ହୋଇଥିଲା । ସେ ସମୟରେ ମହାରାଣୀଙ୍କ ସେନାପତି ଓ ଅନେକ ଉଚ୍ଚପଦସ୍ଥ ସୈନିକ କର୍ମଚାରୀ ଉପସ୍ଥିତ ଥିଲେ । ଅନେକସ୍ଥଳରେ ବେଲୁନଯାନ ଆକାଶମାର୍ଗରେ ଉଡ଼ିଯିବା ସମୟରେ ଗୋଟିଏ ବେଲୁନଯାନ ଉପରେ ବନ୍ଧୁକର ଗୁଳି ପକାଇ ନଷ୍ଟ କରିବାର ଚେଷ୍ଟା ହୋଇଥିଲା ।

ବୋମ୍ବାଇଠାରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ଗତମାସ ତା ୫ ରିଖ ଠାରୁ ହଇଜା ପ୍ରବେଶ ସମ୍ପୂର୍ଣ୍ଣରୂପେ ମନ୍ଦ ହୋଇଅଛି ।

ମାନ୍ଦ୍ରାଜ ଅଞ୍ଚଳର ଜଣେ ସିବିଲସର୍ଜନ ଡାକ୍ତର ସ୍ମିଥ ସାହେବ ଏବଂ ସିବିଲସର୍ଜନଙ୍କ ସ୍ତ୍ରୀ ପ୍ରତି ଅସନ୍ତୁଷ୍ଟ ହୋଇ ତାଙ୍କ ମୂଲ୍ୟ କରିବାର ପ୍ରୟାସୀ ହୋଇଥିଲେ ତହିଁରେ ଜଣେ ଅପରାଧୀକୁ ଧରିବା ଜଣାଇବାରୁ ସେ ମାନ୍ଦ୍ରାଜଗବର୍ଣ୍ଣମେଣ୍ଟର ରିପୋର୍ଟ କଲେ । ଶେଷରେ ବଙ୍ଗଳର ହାଇକୋର୍ଟର ଜଜ ସାହେବଙ୍କ କାର୍ଯ୍ୟକୁ ବିଚାରି ତାଙ୍କର ସରକାର କାର୍ଯ୍ୟ ସନ୍ତୋଷଜନକ ଥିବା ଦେଖି ତାଙ୍କୁ ପେନ୍‌ସନ ଦେଇଅଛନ୍ତି । କର୍ମଚାରୀଙ୍କ ଉପରେ ଏପରି ଦୃଷ୍ଟି ରହିବା ବାଞ୍ଛନୀୟ ।

ଦକ୍ଷିଣ ଆଫ୍ରିକାରେ ଇଂରାଜମାନେ ବର୍ତ୍ତମାନ ଅଧିକ ସୈନ୍ୟ ଠିଆ କରିଲେ ଏବଂ ଯୁଦ୍ଧ ହେବ ବୋଲି ଜନରବ ଶୁଣାଯାଉଅଛି ।

ଲଣ୍ଡନ ନଗରରେ ଅଲବର୍ଟ ଗଟର ନାମକ ଜଣେ ଲୋକ ଅଛନ୍ତି ଯେ ତାଙ୍କର ଦାଢ଼ୀ ୧୦ ଫୁଟ ଲମ୍ବ । ସେ ବାର୍ଦ୍ଧକ୍ୟ ସମୟରେ ଆଶ୍ଚର୍ଯ୍ୟ ଦୀର୍ଘ ଦାଢ଼ୀ ରଖିଅଛନ୍ତି । ଫ୍ରାନ୍ସ ଦେଶ ମର୍ଲ୍ଲିସନଠାରେ ଲୁଇ ନାମକ ଜଣେ ଲୋକ ଅଛନ୍ତି । ତାଙ୍କର ଦାଢ଼ୀ ବେଳେବେଳେ ତଳରେ ମାପିବାରେ ୭ ଫୁଟ ଦୀର୍ଘ ହୋଇଥିଲା । ବର୍ତ୍ତମାନ ତହିଁରୁ ଅଧିକ ହେବ ।

ଅଷ୍ଟ୍ରେଲିଆ ନଗରର ଅନ୍ତପୁରସ ନାମକ ପତ୍ରିକା ସମ୍ବାଦପତ୍ରରେ ଲେଖାଅଛି ଯେ ଜର୍ମାନ ପ୍ରଭୃତି ଦେଶର କର୍ମଚାରୀ ଦେଶରେ ପ୍ରକାଶିତ ହୋଇଥିବାରୁ ପ୍ରାୟ ୧୫୦ ଖଣ୍ଡ ବର୍ଷର ଗତମାସ ତା ୨ ଦିନରେ ଉକ୍ତ ସମ୍ବାଦପତ୍ରର କାର୍ଯ୍ୟାଳୟକୁ ଆକ୍ରମଣ କରି ପାରିବାକୁ ଯତ୍ନ କରି ଥିଲେ । ଏମାନଙ୍କ ମଧ୍ୟରୁ ପ୍ରଧାନ ନେତାମାନେ ଧରାପଡ଼ି କ୍ଷେତ୍ରଧୀନରେ ଅଟକ ରହିଅଛନ୍ତି ।

ଫିଲିପାଇନ ଦ୍ୱୀପରେ ସେନାପତିଙ୍କୁ ଯେ ପ୍ରବଳ ବେଗେ ଆକ୍ରମଣ ଆରମ୍ଭ ହୋଇଥିଲା ତାହା ଶେଷ ହୋଇଅଛି ଲୋକମାନଙ୍କର ଅତି କୌଣସି ଅନିଷ୍ଟ ହାତ ହେବାର ଆଶଙ୍କା ନ ଥିବାର ବୁଝାଯାଉଅଛି ।

Digitized by srujanika@gmail.com

Split by PDF Splitter



।ଜିସ୍କଜ ବୋଉଷଠାରେ ଜାପାନଙ୍କ ଦଖଲରେ ଏଭ ଜନ୍ମ ଉଗରୁ ବର୍ତ୍ତମାନ ସମ୍ବାଦ ମିଳଇ ସେ କୋ ଜାପାନସଙ୍ଗେ ମିଳିଯାଇଅଛି । ଏ ମିଳନର ଅର୍ଥ ବୁଝି ପାରୁନାହିଁ ।

ଗତ ଅଗଷ୍ଟମାସରେ ଭାରତବର୍ଷରେ ୬୧ ଲକ୍ଷ ଟଙ୍କା ମୂଲ୍ୟର ରୌପ୍ୟ ଅମଦାନି ହୋଇଥିଲା । ଅପ୍ରେଲଠାରୁ ଅଗଷ୍ଟମାସପର୍ଯ୍ୟନ୍ତ ଅମଦାନି ହୋଇଥିବା ସମୁଦାୟ ରୌପ୍ୟର ମୂଲ୍ୟ ୨କୋଟି ୭୩ ଲକ୍ଷ ଟଙ୍କା ଅଟଇ ।

ଢାକାରେ ଜଣେ କେଳା ଗୋଟିଏ ଗୋଖୁରସାପ ଧରି ଲୋକଙ୍କୁ ତାହାକୁ ଖେଳାଉଥିବା ସମୟରେ ସାପ ତାହାକୁ ଦଂଶନ କଲା । ତତ୍କ୍ଷଣାତେ କେଳା ଅଳ୍ପକ୍ଷଣରେ ମରିଗଲା । କୌଣସି ଉପାୟ ଚଳିଲା ନାହିଁ । କାଳସଙ୍ଗେ କ୍ରୀଡ଼ା କରିବା ନିରାପଦ ନୁହେ ।

ଏକ ସମ୍ବାଦପତ୍ରରେ ପାଠକଙ୍କୁ ଉତ୍ତରପଶ୍ଚିମ ଦେଶର ଲଳିତପୁରରେ ଲଛମନଦାସ ନାମରେ ଏକ ବ୍ୟକ୍ତି ଅଛି ଯେ ତାହାର ବୟସ ୧୨୫ ବର୍ଷ ହୋଇଅଛି ଏବଂ ସେ ଅଦ୍ୟାପି ସବଳ ଅଛି । ଜଗତରେ ଏପରି ଦୀର୍ଘାୟୁ ଅତି ବିରଳ ।

ସୁନାର ଦର ଏସପ୍ତାହରେ ଟିକିଏ ଲଘୁ ହୋଇଅଛି ଗୋଟିଏ ଗିନିର ମୂଲ୍ୟ ଟ ୧୮/ ଏବଂ ଅଶ୍ରଫି ମୋହରର ମୂଲ୍ୟ ଟ ୨୭ କା ହୋଇଅଛି ।

ମୁରଶିଦାବାଦ ବରହମପୁର ସହରରେ ଜଳର କଳ ବସାଇବା ନିମିତ୍ତ ମହାରାଣୀ ସ୍ୱର୍ଣ୍ଣମୟୀ ୩ଲକ୍ଷ ଟଙ୍କା ଦାନ କରିଅଛନ୍ତି । ବରହମପୁରବାସିମାନେ ଏଥିପାଇଁ ଏକସଭା କରି ମହାରାଣୀଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

ଏକଜଣ ଇଂରାଜଡାକ୍ତର ଲେଖିଅଛନ୍ତି କି ଭାରତବର୍ଷରେ ଏବସରେ ଅନେକ ଲୋକ ରହିବାରୁ ଏ ଦେଶର ମୃତ୍ୟୁ- ୨ । ଏଥିପାଇଁ ନଗରରେ ପଥ ପ୍ରଶସ୍ତ କରି ହେ- ମ୍ପି ରହି କରି ହେବ ।

ସିଂହଳର ପାର୍ବତୀୟ ପ୍ରଦେଶରେ ଏକପ୍ରକାର ମାକଡ଼ସା ଅଛନ୍ତି । ସେମାନେ ଏତେ ବଡ଼ ଯେ ଦଶଫୁଟ ଲମ୍ବା ଜାଲ ବୁଣିବାର ଦେଖାଯାଇଅଛି ।

ହଙ୍ଗେରୀରେ ଏକ ବ୍ୟକ୍ତି କାଠଖଣ୍ଡରୁ ସୂତା ବାହାର କରି ଲୁଗା ବୁଣୁଅଛି । କଥିତ ହୁଅଇ ଏ ଲୁଗା କପାଲୁଗା ଠାରୁ ବଡ଼ ଟାଣ ଏବଂ ଶୀଘ୍ର ଚିରିଯାଏ ନାହିଁ । କାଟବାର ଅଧିକ ହେଲେ ଏଦେଶକୁ ଅମଦାନି ହୋଇ ଗରିବଙ୍କର ଦୁଃଖ ହରିବ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁ ।

---

ପରମ ମାନନୀୟ ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ !

ପୁରୀଜିଲ୍ଲା ଅନ୍ତର୍ଗତ ଦକ୍ଷିଣକୂଳ ପୁର ଗ୍ରାମର ଶ୍ରୀ ନରସିଂହ ମହାପାତ୍ର କାଶୀଧାମରେ ୧୨ ବର୍ଷ ସଂସ୍କୃତ ଅଧ୍ୟୟନ କରି ବର୍ତ୍ତମାନ ଫେରି ଆସିଅଛନ୍ତି । ତାହାଙ୍କ ବିଦ୍ୟା ପରୀକ୍ଷାର୍ଥ ଚଳିତ ମାସ ତା ୨ ରିଖ ଦିନ ବେଳ ୧୧ ଟା ସମୟରେ ଏଠା ଉତ୍ତର ପାର୍ଶ୍ୱ ମଠ ମହନ୍ତ ମହୋଦୟ ଗୋଟିଏ ପଣ୍ଡିତସଭା ବସାଇ ଥିଲେ । ଏଠା ସ୍ଥାନୀୟ ପଣ୍ଡିତମାନେ ସମସ୍ତେ ଅମନ୍ତ୍ରିତ ହୋଇଥିଲେ । ସେମାନେ ଉକ୍ତ ଶିକ୍ଷିତ ମହାପାତ୍ର ମହୋଦୟଙ୍କୁ ନ୍ୟାୟ ଦର୍ଶନର କେତେକ ପ୍ରଶ୍ନ କରିବାରୁ ସେ ପ୍ରକୃତ ଉତ୍ତର ପ୍ରଦାନ କରି ପ୍ରଶଂସାର୍ହ ହୋଇ ଅଛନ୍ତି । ମହନ୍ତ ମହାରାଜ ଏହି କାର୍ଯ୍ୟ ସକାଶ ପ୍ରକୃତ ଧନ୍ୟବାଦର ପାତ୍ର । ଶ୍ରୀକ୍ଷେତ୍ର ବନ୍ଧୁକାଂକରୁ ଯେଉଁ ପଣ୍ଡିତସଭା ହରାଇ ଥିଲା ତାହା ବର୍ତ୍ତମାନ ପୁନଃ ପ୍ରାପ୍ତ ହେବାର ଦେଖି ଅମ୍ଭେମାନେ ବଡ଼ ଅନନ୍ଦିତ । ଜମିଦାର ଶ୍ରୀଭଣ୍ଡାରି ମିଶ୍ର ମହାଶୟ ଏହି କାର୍ଯ୍ୟରେ ଯଥାସାଧ୍ୟ ସାହାଯ୍ୟ ପ୍ରଦାନ କରିଥିବାରୁ ଅମ୍ଭେମାନେ ତାହାଙ୍କ ଠାରେ କୃତଜ୍ଞତା ସ୍ୱୀକାର କରୁଅଛୁଁ । ପରଶେଷରେ ଆଶା ଏହି ଯେ ଧର୍ମାଧ୍ୟକ୍ଷମାନେ ଏହିପରି ବିଦ୍ୟାର୍ଥୀ ସମ୍ବନ୍ଧେ ସହାନୁଭୂତି ପ୍ରକାଶ କରି ଦେଶର ଉନ୍ନତି ସାଧନରେ ତତ୍ପର ହେବେ ।

ବଶମ୍ବଦ<br>
୧୭।୯।୯୪ } ଶ୍ରୀ ଗୋପାଳଚନ୍ଦ୍ର ମହାପାତ୍ର<br>
ପୁରୀ

---

ମହାଶୟ !

ଏହିକ ଏ ଅଞ୍ଚଳରେ ଚଳିତବର୍ଷ ଯେପରି ଦୁର୍ଭିକ୍ଷ ପତିତ ହୋଇଅଛି ତାହା ବର୍ଣ୍ଣନାତୀତ ଅଟେ । କିନ୍ତୁ ଚଳିତ ସନ ବୈଶାଖମାସଠାରୁ ଅଦ୍ୟପର୍ଯ୍ୟନ୍ତ ଅତ୍ର କଣିକାର ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ରାଜା ବାହାଦୁର କଟଗଡ଼ ମୁକାମରେ ଦୈନିକ ଏକମହଣ ଚାଉଳ ଓ ଉଦନ୍ନସାରେ ଡାଲି ପରିମାଣ ଅନ୍ନଛତ୍ର ଦେଉଥିବା ଏବଂ ମୋଫସଲସ୍ଥ ସ୍ୱଜ-ସରକାରଙ୍କ ଅମାରମାନଙ୍କରୁ କଣିକାର ପ୍ରଜାବର୍ଗଙ୍କୁ ନିୟମିତମତେ ଅର୍ଥାତ୍ ନିର୍ଦ୍ଦିଷ୍ଟ ସମୟରେ ଧାନ ଲଗାଣ କରୁଥିବା ଓ କଙ୍ଗାଳ ଗରିବପ୍ରଜାମାନଙ୍କୁ ଦାନ କରୁଥିବାରୁ ଲେ ଏଠାକାର ଲୋକେ ଦୁର୍ଭିକ୍ଷରୁ ମୁକ୍ତ ହୋଇଅଛନ୍ତି” ଅନନ୍ତର ମାନନୀୟା ଶ୍ରୀମତୀ ବନ୍ଧୁଠାକୁର ମହାଦେବୀ ମଧ୍ୟ ଦୈନିକ ଜ ୨୦୦ଣ ବ୍ୟକ୍ତିଙ୍କୁ ଅନ୍ନ ଦାନ କରୁଅଛନ୍ତି ମାତ୍ର ଏହି ଦୁରନ୍ତ ଦୁର୍ଭିକ୍ଷ ଅଦ୍ୟ ଦ ୨୦।୨୫ ନ ପର୍ଯ୍ୟନ୍ତ କଠୋର ପୀଡ଼ା ଦେବା ସମ୍ଭବ ଏଣୁ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ରାଜା ବାହାଦୁର ଏହିପରି ସୁଦୃଷ୍ଟି ଅନ୍ତତଃ ମାତ୍ର ସ୍ଥାୟୀ କଲେ ପ୍ରଜାବର୍ଗ ସୁଖରେ ଦିନ ଯାପନ କରି ଚରିତାର୍ଥୀ ହେବେ ଏଥିପାଇଁ ଦୟାମୟ ପରମେଶ୍ୱରଙ୍କଠାରେ ଏକାନ୍ତ ପ୍ରାର୍ଥନା ଯେ ରାଜା ବାହାଦୁରଙ୍କର ଉତ୍ତରୋତ୍ତର ଉନ୍ନତି ସାଧନ କରନ୍ତୁ । ଇତି ।

କଣିକା ସୁନ୍ଦନା<br>
ତାଂ ୧୧।୯।୯୪ } ବଶମ୍ବଦ<br>
ଶ୍ରୀ ଦେଃ ପଣ୍ଡିତ ସୁନ୍ଦନାସୁଲ

---

ମହାଶୟ

ଆପଣଙ୍କର ସୁବିଖ୍ୟାତ ଉତ୍କଳଦୀପିକାରେ ମହାନଦୀ ଦକ୍ଷିଣାଂଶ ସର୍ବସାଧାରଣଙ୍କର ଅଜ୍ଞତାଙ୍କ ବହୁମାତ୍ର ଉଦ୍ଦେଶ ନ ଥିବାରୁ ଗରିବଙ୍କ ଅବସ୍ଥା ପ୍ରତି କେହି ଦୃଷ୍ଟି କରିବାର ଆଶା ଦେଖାଯାଉ ନାହିଁ ଅମ୍ଭମାନଙ୍କର କଟକର ଶ୍ରୀଯୁକ୍ତ କଲେକ୍ଟର ସାହେବ ଅତ୍ରେ ମାତ୍ର ଦୃଷ୍ଟିଗୋଚର କଲେ ଅବଶ୍ୟ ଗରିବମାନଙ୍କର କେତେଦୂର କଷ୍ଟ ତାହା ଜାଣିପାରନ୍ତେ. ଅମ୍ଭ ଗ୍ରାମର ଅବସ୍ଥା ଏହି ଯେ ଶାରଦଧାନ ଏପର୍ଯ୍ୟନ୍ତ କଣ୍ଠ ମନ୍ଦ ହୋଇ ନାହିଁ ଏକ ପୂରି ବନ ପୂର୍ବରୁ ପୂରେଇ ଅବନ ହେବାରୁ ଉତ୍ତମ ହୋଇଅଛି କିନ୍ତୁ ଅଗ୍ରିବ ହୋଇ ନାହିଁ ଗାଆଁର ଧାନ ସମ୍ପୂର୍ଣ୍ଣ ବେଉଷଣ ନ ହୋଇଥିବାରୁ କେବଳ ମୂଲ ବଢ଼ନ ମିଳନ ମାଧ ସେ କଷ୍ଟ ଶେଷ ହୋଇ ନାହିଁ ତାକୁ ଅଣିବା ନିମନ୍ତେ ଗୃହିଙ୍କର ବଡ଼ ସାବଧାନ ଆବଶ୍ୟକ ହେଉ ଅଛି । ଯଥା;—

ବିଡ଼ିକୁ ଧାନ ଉଣ୍ଡୁର କାଟି କେଉଁଥିବାରୁ ଗୁଡନାର ଜଗା ହୋଇଅଛି କାଟିବା ସମୟେ ସମସ୍ତେ ଉତର ଲୋକ ମର୍ଦ୍ଦ ମାଇପେ ପିଲାଙ୍କ ସହିତରେ ଖେତରେ ପଶି ଯିବାରୁ ତାଙ୍କ କଥା ମନୁଷ୍ୟଙ୍କ ଡାକର ଫସଲ ନାହିଁ ଏ ସମୟରେ ଅମ୍ଭେ ଜଉସ୍ଥିତ ଦେଖି ଏଗାରଗୁଣ୍ଠ ଗାଆଁଳଜମି ଗୋଟିଏ ଭିତରେ ଅପଣା ସ୍ୱଜନ ଦ୍ୱାରା ଓ ମୂଲିଆ ଦ୍ୱାରା ସ୍ୱତ ସ ୧୨ଣ୍ଡା ସମୟେ କାଟିବା ଆରମ୍ଭ କରିବାରେ ଶେଷ ସୁଧା ୩୫ ଜଣ ଦୁଆଳ ହେଲେ ସେଥିରେ ନାମ୍ବର ହେଲୁ ବାକି ଗାଆଁର ବଲହୋଇ ଯାଉ ନ ଥିବା ଯୋଗେ ଲୁଗମାରିବା ରୁକ୍ଷିକୁ ଜଗି ଅଛୁଁ ଏଥିରେ ବିବସରେ ବ ୯ ବରଷର କଣ୍ଠି ପିଲାଟିଏ ଚଅସ୍ଥି ଛୁଡ଼ରେ ବସି ତଣ୍ଡାଧାନ ଦୁଇ କେମ୍ବାଇ ତଣ୍ଡୁ ବାହାର କରି ପ୍ରାଏ କଣ୍ଠାଏ ଅଧସେର ଧାନର ତଣ୍ଡୁ ଜାଉଅଛି ଏଥିରେ ଅମ୍ଭେ ତାକୁ କିଛି ନ କହି ଏହିପରି ପାତବାରକ ତାକୁ ଏକକେ ଖାଇବାକୁ କହିଅଛୁଁ ଦେଖା ଯିବ କେତେ ଖାଇ ପାରେ ଏ ପରେ ପ୍ରକାଶ ପାଇବ ।

ଏକ ସପ୍ତାହ ପୂର୍ବେ । ଏ । ହରିହରପୁର ମୌ । ଅର୍ଦ୍ଧେକନୁ କେତେକ ତଳା ନାଲକାର୍ଯ୍ୟ

Digitized by srujanika@gmail.com

କରିବା ନିମନ୍ତେ ଜଗୃହୁର ପାରୁ ଫେର ଆପଣା ଘରକୁ ଜ ୧୮ ଶ ସିଙ୍ଗ ହୋଇ ଯିବା ସମୟେ ଆମ୍ଭ ଗ୍ରାମରେ ଖଣ୍ଡିଏ ଆଅଳ ଧାନ ଦେଖି ସୁଦ୍ଧ ଘ ୧୨ ଣ୍ଡା ସମୟେ କାଟିବା ଆରମ୍ଭ କରିଥିଲେ ଦଣ୍ଡାପାଖ କେହି ଫେର ନ ଲଗିବା ଆଶାରେ ଭଡ଼ୀ ହୋଇ ନ ଥିଲେ ଦଇବେ ଭିଡ଼ୀ ନ ଥିବାରୁ ଚଉକୀଦାର ଦେଖି ତାଙ୍କ ନିକଟକୁ ଏକା ନ ଯାଇ ଗ୍ରାମସ୍ଥ ସମସ୍ତ ବ୍ୟକ୍ତିଙ୍କୁ ନେଇ ଦେଖିବାରେ ତଣାଙ୍କର ବନ୍ଧୁ ବାନ୍ଧବ ତଥା ବ୍ୟକ୍ତି ଯେଉଁବସ୍ତୁ ଜାଣିପାରି ଅନୁଗ୍ରହରେ ଖଲାସ ହୋଇ ଗଲେ ଲାଭ ମଧ୍ୟରେ କାଟିଦେଲେ ମାତ୍ର ଆଉ ଇତର ଲୋକଙ୍କର ବଣପତ୍ର ଆହାର ତାଙ୍କ ଖୋଜେଇ ଉଦ୍ଧାର କରିବାରେ ଆମ୍ରପତ୍ର ଦାଗିଆ କୁଷା ପତ୍ର ଓ ଜରୀ ପଶ ଗୋଲୁଖିଆ ଓ କଦଳୀ ପତ୍ର ଏହା ସବୁ ସିଝାଇ କରି ଖାଇ ଶାଣିପିଇ ଏକ ଓଳ ଲେଖାଏଁ ଲଦ୍ଧାସ ବଞ୍ଚିଅଛନ୍ତି ମଜୁରି ଖଟଣା ହେଉ ନାହିଁ ଏହିପରି କେତେଦିନ ବଞ୍ଚିବେ ତାହା ସର୍ବସାଧାରଣ ବିଚାର କରନ୍ତୁ । ବଅଳ ଗୃହିଣୀ ଗୃହ ଖାଇବା ମାତ୍ରେ ବଳକା ହେବାର ସମ୍ଭବ ।

ଆଏତପୁର ଫଙ୍କାଉପଡ଼ା ତଟୀ ନିକଟରେ କାଇକାରେ କେତେକ ଲୋକ ନଷ୍ଟ ହେଲେ ସେଠାରୁ ନିବର୍ତ୍ତି ଅଛି ବର୍ତ୍ତମାନ ମାଟିଆ ମୋଟା ଗଡ଼ମା କୋଠୀ ନିକଟ ଦଇଜା ଆରମ୍ଭ ହୋଇ ଦୁଇ ଚାରି ଜଣ ନଷ୍ଟ ହୋଇ ଅଛନ୍ତି ନିବର୍ତ୍ତ ହୋଇ ନାହିଁ ଆହାର ଅଭାବରୁ ଏ ରୋଗ ପ୍ରାୟ ସମସ୍ତ ସ୍ଥାନରେ ହେବା ସମ୍ଭବ ଏ ପ୍ରତି କେହି ସରକାରୀ କର୍ମଚାରୀ ଟିକିଏ ଦୃଷ୍ଟି ନ କଲେ ଆଉ ଚଳିବା ଆଶା ଦେଖା ଯାଉ ନାହିଁ । ଇତି ।

ତା ୧୨।୯।୯୪ }
ମୁ । ରାମଚନ୍ଦ୍ରପୁର } ନଃ ବାଞ୍ଛାନିଧିଦାସ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ କୃଷ୍ଣାନନ୍ଦ ହିଙ୍କ ବ୍ରହ୍ମବ୍ୟ ଗୋସ୍ୱାମୀ ଚେଙ୍ଗାହାଲ | | ଟ ୩ |
| ରାଜା ବଟେକ୍ଷ ଭଗିରଥ | | ଟ ୧୫ |
| „ ବୈଦ୍ୟନାଥ ପଣ୍ଡିତ | କଟକ | ଟ ୩ |
| ବାବୁ ବୈଦ୍ୟନାଥ କର ରେମୁଣା | | ଟ ୩ |
| „ ଜଗନ୍ନାଥ ଘୋଷ | କଟକ | ଟ ୧ |
| „ ସୁଧାକର ଘୋଷ | ସିନ୍ଦୋ | ଟ ୩ |
| „ ଶ୍ରୀ ମଦନମୋହନ ସିଂହ ଦେଓ ପାରଶ୍ୱେମଡୀ | | ଟ ୫୯ |

# ବିଜ୍ଞାପନ ।

ଯେଉଁମାନେ ମୂଲ୍ୟ ଦେଇ ମହାଭାରତ କିଣି ନଥିବେ ସେମାନେ ଅଗ୍ରିମ ଟ ୫ ଙ୍କ ଦେଲେ ତାଙ୍କଠାରୁ ପୁସ୍ତକ ପଠା ଯିବ ଓ ତାଙ୍କର ହସ୍ତାକ୍ଷର ରଖାଯିବ ପ୍ରଚାରିତ ଏକପଇସା ଦରେ ଓ ଡାକମାସୁଲ ପ୍ରଭୃତ ଯାହା ବାସ୍ତବିକ ଘଟିବ ତାହା ପ୍ରଦାନ କରାଯିବ । ଏପରେ ଉକ୍ତ ମୂଲ୍ୟରେ ବିତରିତ ପୁସ୍ତକର ସଂଖ୍ୟା ଏକଶହ ମଧ୍ୟରେ ଯେ ଗ୍ରାହକ ହେବେ ତାଙ୍କଠାରୁ ଡାକମାସୁଲ ଅଗ୍ରିମ ଟ ୭ ଙ୍କା ନିଆଯିବ । ଯଦି କେହି ଟ ୩୍ୟ ଅଗ୍ରିମ ଦେଇଥିବେ ତାହା ନିଆଯିବ ଓ ଉଦ୍ୟୋଗପତ୍ର ପାଇବା ପରେ ବାକୀ ଟଙ୍କା ଦେବାକୁ ହେବ । ଇତି

ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର
ଗ୍ରନ୍ଥାଗାର ତତ୍ତ୍ୱାବଧାରକ ।

ନୂତନ ଅତ୍ୟାଶ୍ଚର୍ଯ୍ୟ ନୂତନ
ସଚିତ୍ର ଗୋଲକଧାମ ଖେଳ ।

ଖେଳର ଉତ୍ତମ କାଗଜରେ ଲେଖାଅଛି ବାବୁ ଲକ୍ଷ୍ମୀନାରାୟଣ ନାଏକଙ୍କ ଡାକ୍ତରଖାନା, ବୁକ ଏଜେଣ୍ଟ ଓ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ମୂଲ୍ୟପ୍ରତଖଣ୍ଡ ଏକଅଣା ।

ସହର କଟକ ସାହେବଜାଦାବଜାରରେ ଆମ୍ଭର ପ୍ରାୟ ଦୁଇଗୁଣ୍ଠ ଖାସମହାଲ ଜମି ଓ ତହିଁ ଉପରେ ଏକ କଚାଘର ବିକ୍ରୟାର୍ଥ ଅଛି । ଯାହାର ଆବଶ୍ୟକ ହେବ ସେ ଆମ୍ଭ ନିକଟରେ ପତ୍ର ଲେଖିଲେ ସବିଶେଷ ଅବଗତ ହେବେ ।

ଶ୍ରୀ ହାଉଧନ ମିଶ୍ର
ଅବକାଶ ଅଫିସ—ହାବଡ଼ା

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

| | |
|---|---|
| ନାଡ଼ୀ ନେତ୍ର, ମୂତ୍ର, ଅଦର ଲକ୍ଷଣ | ଟ ୦ ।୵ |
| ପର୍ଯ୍ୟାୟ ମୁକ୍ତାବଳୀ | ଟ ୦ ।୵ |
| ହଂସଦୂତ ଶ୍ଳୋକ ଅର୍ଥସହିତ | ଟ ୦ ୵ |
| ମାଲ୍ୟବନ୍ତ ଚଉତିଶା | ଟ ୦ ୧୬ |
| ରୁକ୍ମିଣୀ ହରଣ | ଟ ୦ ୵ |
| ଜନ୍ମବାଳଦ୍ରୁମ (ଜ୍ୟୋତିଷଶାସ୍ତ୍ର) | ଟ ୦ ।୵ |
| ଶ୍ରୀ ରାମଚନ୍ଦ୍ରଙ୍କ ବନଗମନ (ସୁଲଳିତ ରାଗରାଗିଣୀଯୁକ୍ତ ଗୀତ) | ଟ ୦ ୷ |
| ପଣ୍ଡିତପାବନାଷ୍ଟକ ଅର୍ଥସହିତ | ଟ ୦ ୧୯ |

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, କଟକ, ରେସମୀ ଓ ଗେର ଲୁଗା ଓ ଅ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା ଧରି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବଜାରଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିସ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ସୁକିଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଫର୍ଦ୍ଦସିଲ ।

| ଜିନିସର ନାମ | |
|---|---|
| ଅଟମେଟ ପେନସିଲ | ଗୋ ୧ ଟ ୦ ।୵ |
| ଲାଲ ଓ ନେଳ ପେନସିଲ | ଗୋ ୧ ଟ ୦ ୵୧ |
| ଉତ୍ତମ ପେନସିଲ | ଦ ୧ ଟ ୦ ୷ |
| ନକସା କାଗଜ | ଦ ୧ ଟ ୦ ୷ |
| ଫୁଲସକେପ କାଗଜ ସରୁଆ | ଦ ୧ ଟ ୦ ୵୩ |
| ଏଜନ ରୁଲଦାର | ଦ ୧ ଟ ୦ ୵୬ |
| ଏଜନ ମୋଟା | ଦ ୧ ଟ ୦ ୵୩ |
| ଫାଉନ୍ସିନୋଟପେପର ଓ ଲଫାଫା | ଦ ୧ ଟ ୬ । |
| ଡାକକାଗଜ ସରୁଆ | ଦ ୧ ଟ ୦ ୵ |
| ଏଜନ ମଧ୍ୟମ | ଦ ୧ ଟ ୦ ।୵ |
| ଲଫାଫା ସରୁଆ ସ୧୦୦ ଟ୦୷ | ଗୋ ୨୫ ଟ୦୵୩ |
| ଏଜନ ମଧ୍ୟମ ସ୧୦୦ ଟ ୦ ୷ | ଗୋ ୨୫ ଟ୦ ୯ |
| ବାଲିକାଗଜ ୧୬ ଖଣି | ଦ ୧ ଟ ୦ ୵୩ |
| ସୀହାଳ | ଦୋ ୧ ଟ ୦ ୷ |
| ଏଜନ ଖଣ୍ଡି ଏହାକୁ ଅର୍ଦ୍ଧ ଘଣ୍ଟିକ ଜଳରେ ଫୁଟାଇ ତୁଲାଇଲେ ପରେ ଖଣ୍ଡି କଲେ ଉତ୍ତମ ସିହାଳ ପ୍ରସ୍ତୁତ ହେବ | ଦ ୧ ଶ୍ରୁନ ଟ ୦ ୵୬ |

Split by PDF Splitter
Digitized by srujanika@gmail.com

| | | |
|---|---|---|
| ସୀଲଟ ପେନସୀଲ | ବ ୧ | ଟ ୦ ।୵ |
| ରବର | ଖ ୧ | ଟ ୦ ।୵॥ |
| ହଂସପକ୍ଷୀ କଲମ | ଗୋ ୨୫ | ଟ ୦ ।୵ |
| ଲୁହା କଲମ (ନିବ) ସରସାକୃ | ୧ | ଟ ୦ ୵ |
| ଏକଳ ଛୁରୀ | ଡ଼ ୧ | ଟ ୦ ୧୧ |
| ଏକଳ୍ ବଡ଼ମାଗଳବୋଳନ | ଗୋ ୧ | ଟ ୦ ୧୬ |
| କାଚଦିଆ ଦ୍ୱାଲୁଣି ସହିତ (ଲଣ୍ଠାବାଲ) | ଗୋ ୧ | ଟ ୦ । |
| ଏକଳ ସାଧାରଣ | ଗୋ ୧ | ଟ ୦୵୨ |
| କଲାପିଲା ସରସା | ଘ ୧ | ଟ ୦।୵ |
| ଲୋହସ୍ତାର କେସ ଲୁକସହିତ | ଗୋ ୧ | ଟ ୦॥ |
| ମନବେଗ | ଗୋ ୧ | ଟ ୦୵ |
| ମୂଲ୍ଲପଥରର ପାସିଲୁକା ଓ ରୁପେଲନକସାବାଲ | ଗୋ ୧ | ଟ ୨। |
| ଲେବେଣ୍ଡର | ଗୋ ୧ | ଟ ୧୧ |
| ମେଢକର ଅଏଲ | ଗୋ ୧ | ଟ ୦ ୩ |
| ସାବୁଳ ସରସା | ଖ ୧ | ଟ ୦ ।୧ |
| ଫୁଲଦାନ | ଗୋ ୧ | ଟ ୧୵ |
| ଦେବାଲଗିର ୨ଡାଲୟ | ଗୋ ୨ | ଟ ୪। |
| ଏକଳ ଏକଡାଲଅ | ଗୋ ୧ | ଟ ୨ |
| ସେଜ | ଗୋ ୧ | ଟ ୨ |
| ଅସ୍ୱଷ୍ଟେଟ | ଗୋ ୧ | ଟ ୵ ୨ |
| ତାସ | ବ ୧ | ଟ ୦ ।॥ |
| ସାନପଗଡ଼ୀ | ଗୋ ୧ | ଟ ୫ ୧ |
| ବନାରଶୀ ସଗ୍ ଢସ | ଗ ୧ | |

ପିତଳାରଏହାକୁ କୌଣସି ଖାତରେ ରଖି ନିଅଁରେ ତରଲାଇ ଜୋଠା ଗଳର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ ୧ ଟ ୦

କଟକ ଚୌଧୁରୀ ବଜାର } ଆରତବନ୍ଧୁ କର କମ୍ପାନି

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମ୍ରି ପ୍ରଭୃତି ସୁମଧୁର-ସ୍ୱରର ଅତିଉତ୍କୃଷ୍ଟ

ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପା ବୁକ୍ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି।

## NOTICE.

*A COMPLETE KEY*

(Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, allsorts of allusions Gramatical niceties, parsing &c.)

To

Lethbridge's Easy Selections

(Minor course 1895)

BY

AKSHOY KUMAR GHOSE

AND

HARA CHAND GHOSH

in the press

Price per copy Re. 1—0—0

Postage one anna extra for muffasal.

To be had of the Secretary Printing Company Cuttack

# ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ।

ମୂଲ୍ୟ ଟ ୦ ।୵ ଛଅଅଣା ମାତ୍ର।

ଓଡିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି। ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଝୁଲା ସଙ୍ଗୀତ ସନ୍ନିବେଶିତ ହୋଇଅଛି। କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି।

ବେଦନାର ଆଉ କଷ୍ଟ ପାଅ ନା।

ରାମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର।

ଅନ୍ୟୁନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କିମ୍ବା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡଯାଇଁ କିମ୍ବା ଅଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାର ଦ୍ୱାରା ଝନ୍ ଝନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ ନାନା ଜାତିକା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ବିଜୁଳୀ ପ୍ରାୟ ଚଞ୍ଚଳ ଉପଶମ ହୁଅଇ। ସମସ୍ତ ସଂସାର ଲୋକଙ୍କର ଏକ ୨ ଶିଶି ଘରେ ରଖିବାର କର୍ତ୍ତବ୍ୟ। ଏହି ତୈଳରେ ଡାକ୍ତର ଔଷଧ କିଛି ମାତ୍ର ନାହିଁ। ଏକଜଣ ସନ୍ନ୍ୟାସିଙ୍କ ନିକଟରୁ ମିଳଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ। ଏଥିରେ ଦେହ ଚର୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ। ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରଅଛନ୍ତି। ମୂଲ୍ୟ ଏକଶିଶିର ଏକ ଟ ୧ ପ୍ୟାକିଂ ଟ ୦୵ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର।

ଜେ, ସି, ରାୟ।

ନ ୪୫ ନମ୍ବର ନେବୁତଲା ଲେନ,
ବହୁବଜାର। କଲିକତା।—

## ରାଗ-ରସଦୀପକ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ।

ମୂଲ୍ୟ ଦୁଇଅଣା ମାତ୍ର।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ।

ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ନୟାସଡ଼କ କଟକ

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

Digitized by srujanika@gmail.com

Split by PDF Splitter




## ଶୀଘ୍ର ନିଅ ! ନିଅ ! ନିଅ !!

ଅମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପୂର୍ବାପେକ୍ଷା ଊଣା ମୂଲ୍ୟରେ କେତେଦିନ ସକାଶେ ବିକ୍ରୟ କରା ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ-ସୁବିଧା ଛାଡିବେ ନାହିଁ ।

| | |
|---|---|
| ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେଇ-ବିରଚିତ ) | ଟ° ୯ |
| ରସଲେଖା ( ଉପେନ୍ଦ୍ରଭଞ୍ଜ ବିରଚିତ ) | ଟ°।୵ |
| ସଙ୍ଗୀତ ସାଗର ପ୍ରଥମ ଭାଗଙ୍କ | |
| ପରିବର୍ଦ୍ଧିତ ସଂସ୍କରଣ | ଟ ॰ ୷ |
| ଏକତ୍ର ଦ୍ୱିତୀୟ ଏକତ୍ର | ଟ ॰ ୵ |
| ଏକତ୍ର ତୃତୀୟ ଏକତ୍ର | ଟ ॰ ୵ |
| ଏକତ୍ର ଚତୁର୍ଥ ଏକତ୍ର | ଟ ॰ ୵ |
| ଶାବକଚମ୍ପୂ | ଟ ॰ ୲ |
| କପିଳାସ କ୍ଷେତ୍ର | ଟ ॰ ୲ |

କଟକ ୨୨।୭।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ



ଭାରତରେ ନୂତନ ! ଭାରତରେ ନୂତନ !!

ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ତାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରହିଆଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଦ୍ଭୁତ ଘଟୁଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନକରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ରୋଗୀ କି ଯେଉଁମାନଙ୍କୁ ବଡ଼ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରୋଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନକଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲିଙ୍ଗରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହାନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ୨ ଙ୍କା ପ୍ୟାକିଂ ଟ° ୵ ଅଣା, ଡାକମାସୁଲ ଟ ।। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।

ଘୋ, ଘି, ରାୟ

ନ ୪୫ ମିର ଜେବୁନ୍ନିସା ଲେନ

କଲିକତା ।



# ଭାରତରେ ନୂତନ

## ଅନୁଷ୍ଠାନ ।

ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁଫ୍ୟାକ୍ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ଼

କାଲନା, ବେଙ୍ଗାଲ ।

ରେଜିଷ୍ଟରୀକୃତ ମୂଳଧନ ଟ ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସଦର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛାକରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ ।

ଏଠାରେ ହିଷ୍ଟିରୀ, କାଶ, ଜ୍ୱର, ଇନଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ରୋଗର ଉତ୍କୃଷ୍ଟ ଓ ପରୀକ୍ଷିତ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ଶିରଶୀତଳ ଓ ସୌଖିନ ଅତୁଲ୍ୟ ସାମଗ୍ରୀ । ଇହାଦ୍ୱାରା ଚକ୍ଷୁ ଦେହ ମସ୍ତିଷ୍କର ଦାହ ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୵ ଖରଚ ଟ° ।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ°।୵ ଡାକଖର୍ଚ୍ଚ ଟ° ।୵

କୁନ୍ତଳ-କୌମୁଦୀ-ତୈଳ;—ନୂତନ କେଶ ଉଠିବାର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୵ ଖର୍ଚ୍ଚ ଟ ॰ ।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜିଷ୍ଟରୀ ହୋଇଅଛି । ଏହା ୨୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୵ ଙ୍କା । ୧।୨ କିସ୍ତିରେ ଟ ୨୫୵ ଙ୍କା ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏତେବେଳେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକଗଣମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ

ସେକ୍ରେଟେରୀ ଏବଂ ଟ୍ରେଜରର


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ॰ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨୵ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୵ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ॰ ୳ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ବହରମ୍ପୁର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

...REGISTERED NO. ...

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


...୨୯ ଶ | ତା ୨୯ ତଥ ମାହେ ସେପ୍ଟମ୍ବର ସନ ୧୮୯୪ ମସିହା । ମୃ । ତ ୧୪ ଢ଼ ଅଶ୍ୱିନ ସନ ୧୩୦୨ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩

...୩୯ ଖ୍ୟା | | ପଶ୍ଚାଦେୟ ଟ ୬


ଦୁର୍ଗୋତ୍ସବ ଏବଂ କୁମାରପୂର୍ଣ୍ଣିମା ଉପଲକ୍ଷରେ କଲେକ୍ଟରୀ ଫଉଜଦାରୀ ଏବଂ ଅନ୍ୟାନ୍ୟ ସରକାରୀ ଅଫିସମାନ ଆଗାମୀ ଗୁରୁବାର ଅକ୍ଟୋବର-ମାସ ତା ୪ ରିଖଠାରୁ ସେହିମାସ ତା୧୫ ରିଖ ସୋମବାର ପର୍ଯ୍ୟନ୍ତ ବନ୍ଦ ହେବ । କଟକ ପ୍ରିଣ୍ଟିଂକମ୍ପାନୀଙ୍କ କାର୍ଯ୍ୟାଳୟ ମଧ୍ୟ ଏହି ସମୟରେ ବନ୍ଦ ରହିବ । ସୁତରାଂ ଆମ୍ଭେମାନେ ଦୁଇସପ୍ତାହନିମନ୍ତେ ପାଠକମାନଙ୍କଠାରୁ ବିଦାୟ ଗ୍ରହଣ କରୁଅଛୁଁ । ଉକ୍ତକାଳ ଗତେ ଉତ୍କଳଦୀପିକା ନିୟମିତରୂପେ ପାଠକମାନଙ୍କ ସେବାରେ ନିୟୁକ୍ତ ହେବ । ଆଶା କରୁଁ ଗ୍ରାହକ ଅନୁଗ୍ରାହକ ଓ ପାଠକମାନେ ପର୍ବକାଳକୁ ପରମସୁଖରେ ଯାପନ କରିବେ ।

---

ଦଶହରା ଛୁଟୀ କାହାକପାଳ ଦିନରେ ଆରମ୍ଭ ହେବାରୁ ଅମଲା ମୁକ୍ତାର ଓ ମାମଲତକାରମାନଙ୍କର ସୁବିଧାର୍ଥେ ହାଇଲେଭେଲ କେନାଲର ଷ୍ଟିମାର ଆଗାମୀ ଗୁରୁବାରଦିବସ ପ୍ରାତଃକାଳରେ ଏଠାରୁ ଯାତ୍ରା କରିବାର ସ୍ଥିର ହୋଇ ଅଛି । କର୍ତ୍ତୃପକ୍ଷମାନଙ୍କର ଏ ବିଷୟର ଉଦ୍ୟମ ଅଟେ । ଶୁଣାଯାଏ ଯେ ଏହି ଉପଲକ୍ଷରେ ଆସନ୍ତା ବୁଧବାର ସନ୍ଧ୍ୟାବେଳେ କେନ୍ଦ୍ରାପଡ଼ା କାନାଲରେ ମଧ୍ୟ ଖଣ୍ଡେ ଷ୍ଟିମର ଯିବ ।

---

ବମ୍ବେଇର ଜଣେ ପାରସୀରମଣୀ ଗୋଟିଏ ଡାକ୍ତରଖାନା ଏବଂ ପୁସ୍ତକାଳୟ ସ୍ଥାପନନିମନ୍ତେ ୭୫ ଲକ୍ଷ ଟଙ୍କା ଉକ୍ତ ନଗରର ମିଉନିସିପାଲିଟି ହସ୍ତରେ ଏହି ନିୟମରେ ଦାନ କରିବାକୁ ଇଚ୍ଛା କରିଅଛନ୍ତି କି ମିଉନିସିପାଲିଟୀ ତାହାର ରକ୍ଷାବେକ୍ଷଣର ବ୍ୟୟନିର୍ବାହ କରିବେ । ମିଉନିସିପାଲିଟୀ ଏ ନିୟମରେ ଉକ୍ତ ଦାନ ଗ୍ରହଣ କରିବାକୁ ଅସମ୍ମତ । ଯାଚିଲା ଧନକୁ ଅବହେଳା କରିବା ଯୁକ୍ତିସଙ୍ଗତ ନୁହେ । ସେହିଦାନର କିୟଦଂଶ ମୂଳଧନସ୍ୱରୂପ ରଖିଦେଲେ ତାହାର ଉତ୍ପନ୍ନରୁ ରକ୍ଷାବେକ୍ଷଣର ବ୍ୟୟ କି ନିର୍ବାହ ହୋଇପାରିବ ନାହିଁ ?

---

ଗତ ତା ୧୫ ରିଖ ଶନିବାର ସନ୍ଧ୍ୟାସମୟରେ ମାନ୍ଦ୍ରାଜ ନଗରରେ ଏକ ବୃହତ୍‌ସଭା ହୋଇଥିଲା ଏବଂ ମାନ୍ୟବର ରଙ୍ଗୈୟାନାଇଡୁ ସଭାପତିର ଆସନ ଗ୍ରହଣ କରିଥିଲେ । ବିଲାତ ଏବଂ ଭାରତବର୍ଷରେ ସିଭିଲସରଭିସ ପରୀକ୍ଷା ଏକସମୟରେ ଗୃହୀତ ହେବା ସମ୍ବନ୍ଧରେ ବିଲାତସ୍ଥ ଭାରତୀୟ ଷ୍ଟେଟ ସେକ୍ରେଟରୀଙ୍କ ପତ୍ରରେ ସଭା ହତାଶ ହୋଇ ଦୁଃଖ ପ୍ରକାଶ କଲେ ଏବଂ ସେ ବିଷୟରେ ପାରଲିଆମେଣ୍ଟ ସଭାକୁ ଏକ ଆବେଦନପତ୍ର ପଠାଯିବାର ଧାର୍ଯ୍ୟ ହେଲା । ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏହି ପରୀକ୍ଷା ସପକ୍ଷରେ ମତ ଦେଇଥିବାରୁ ସଭାରୁ ଧନ୍ୟବାଦ ପାଇଲେ ।

---

ସେଦିନ ହିନ୍ଦୁସମୁଦ୍ରଯାତ୍ରା ସମିତିର ଏକ ଅଧିବେଶନ କଲିକତାରେ ହୋଇଥିଲା । ସଭାରେ ପ୍ରକାଶହେଲା ଯେ ସମିତି ଗୋଟିଏ ଜାହାଜ ଭଡ଼ା କରିବାର ବନ୍ଦୋବସ୍ତ କରିଅଛନ୍ତି । ଏହି ଜାହାଜ ଆଗାମିମାସ ତା' ୧୬ ରିଖରେ କଲିକତାରୁ ସିଂହଳଦ୍ୱୀପର କଲମ୍ବୋନଗରକୁ ଯାଇ ସେହିମାସ ତା ୩୧ ରିଖରେ କଲିକତାକୁ ଫେରିଆସିବ । ଯେଉଁ ହିନ୍ଦୁମାନଙ୍କର କଲମ୍ବୋନଗର ଦେଖିବାର ଇଚ୍ଛା ସେମାନେ ଅନାୟାସରେ ତାହା ପୂର୍ଣ୍ଣକରିପାରିବେ । କେବଳ ହିନ୍ଦୁମାନେ ଏ ଜାହାଜରେ ରହିବେ ଏବଂ ହିନ୍ଦୁମତରେ ଭୋଜନପାକ ଇତ୍ୟାଦିର କିଛିମାତ୍ର ବ୍ୟାଘାତ ହେବ ନାହିଁ । ଜଣପ୍ରତି ସମସ୍ତଖର୍ଚ୍ଚା ଟ ୧୫୦ ଙ୍କା ଲେଖାଏଁ ଧାର୍ଯ୍ୟ ହୋଇ ଅଛି ।

---

ଲଣ୍ଡନନଗରର ଚଳିତମାସ ତା ୧୭ ରିଖର ତାରସମ୍ବାଦରୁ ପ୍ରକାଶ ଯେ ତହିଁ ପୂର୍ବ ଶନିବାର ଚୀନ ଓ ଜାପାନ ମଧ୍ୟରେ ପିଙ୍ଗ୍ୟାନଠାରେ ଏକ ବୃହତ୍ ଯୁଦ୍ଧ ହୋଇଥିଲା ଯେ ତହିଁରେ ଚୀନ ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇଅଛି । ଚୀନ ସେନା ୨୦ ହଜାର ମଧ୍ୟରୁ ୧୬ହଜାର ହତ ଆହତ ଏବଂ ବନ୍ଦୀ ହେଲେ ଆଉ ଜାପାନୀ ସେନାମଧ୍ୟରୁ କେବଳ ୩୦ ହତ ଏବଂ ୨୭୦ ଆହତ ହେଲେ । ଏକପକ୍ଷରେ ୧୬ହଜାର ଏବଂ ଅପର ପକ୍ଷରେ କେବଳ ୩୦୦ କ୍ଷତି ହେବା କଥାଟା ନିତାନ୍ତ ଅତି ରଞ୍ଜିତ ବୋଧ ହେଉଅଛି । ଏହିସ୍ଥଳ ଯୁଦ୍ଧ ଦ୍ୱାରା ଚୀନ ଓ ଜାପାନଙ୍କ-

Digitized by srujanika@gmail.com

ମଧ୍ୟରେ ଗୋଟିଏ ନୌକାଯୁଦ୍ଧ ହୋଇଥିଲା । ଏ ଯୁଦ୍ଧର ସ୍ଥାନ କୋରିଆର ଉତ୍ତର କୂଳରେ ଏ ଯୁଦ୍ଧରେ ଯାପାନର ଦୁଇଖଣ୍ଡି ଜାହାଜ ବୁଡିଯିବା ଓ ଚୀନର ଦୁଇଖଣ୍ଡ ଜାହାଜ ବୁଡିଯିବା ଓ ଦୁଇଖଣ୍ଡ ତଡ଼ାରେ ପଡିଯିବାର ଓ ପରିଶେଷରେ ଚୀନ ହାରିବାର ପ୍ରକାଶ । ମାତ୍ର ଯାପାନ ପକ୍ଷରୁ କଥିତ ହୁଅଇ ଯେ ଏଥିରେ ତାହାର ହାର ଜିତ ହୋଇନାହିଁ ଏବଂ ଯାପାନର ଖଣ୍ଡେ ଜାହାଜ ନଷ୍ଟ ନ ହୋଇ କିଛି ଜଖମ ହୋଇଅଛି ।

---

ଗତ ଅଗଷ୍ଟ ମାସରେ କଲିକତାବାସୀ ଜଣେ ସାହେବ ଉକ୍ତ ମାସ ଓ ଚଳିତ ସେପ୍ଟେମ୍ବର ମାସର ପ୍ରଥମ ପକ୍ଷରେ ଯେଉଁ ଦିନମାନଙ୍କରେ ବୃଷ୍ଟି ହେବ ଗଣନା କରି ଇଂଲିସମ୍ୟାନ୍ ପତ୍ରଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଥିଲେ । ସମ୍ପ୍ରତି ସେ ଉକ୍ତ ସମ୍ବାଦପତ୍ରରେ ଆଉ ଏକ ପତ୍ର ପ୍ରକାଶ କରି ଦେଖାଇଅଛନ୍ତି ଯେ ତାହାଙ୍କର ସେହି ଗଣନା ଠିକ ହୋଇଅଛି ଏବଂ ଏଥିରୁ ବୋଲିଯାଇପାରେ ଯେ ତାହାଙ୍କର ଅବଶିଷ୍ଟ ଗଣନା ଠିକ ହୋଇପାରିବ । ତାହାଙ୍କ ଗଣନାନୁସାରେ ଚଳିତ ମାସ ତା ୨୩ ରିଖଠାରୁ ତା ୨୫ ରିଖ ପର୍ଯ୍ୟନ୍ତ, ତା ୨୯ ରିଖଠାରୁ ଅକ୍ଟୋବର ତା ୧ ରିଖ ପର୍ଯ୍ୟନ୍ତ, ପୁଣି ସେହିମାସ ତା ୭ ରିଖଠାରୁ ତା ୧୦ ରିଖ ପର୍ଯ୍ୟନ୍ତ, ତା ୧୪ ଠାରୁ ୨୨ ରିଖ ପର୍ଯ୍ୟନ୍ତ ଏବଂ ତା ୨୭ ଠାରୁ ୩୧ ରିଖ ପର୍ଯ୍ୟନ୍ତ ସମୟ ମଧ୍ୟରେ ବୃଷ୍ଟି ହେବ ଏଥିମଧ୍ୟରେ କେତେ ୨ ଖରାପାଗ ମଧ୍ୟ ହେବ । ଏଥିରୁ ଗତ ରବିବାର ତା ୨୩ ଓ ୨୪ ରିଖରେ ଏଠାରେ ବୃଷ୍ଟି ହୋଇଥିବାରୁ ଏ ଗଣନା ଅଂଶିକ ସଫଳ ହୋଇଅଛି ଏବଂ ତଦ୍ଦ୍ୱାରା ଭୟ ହେଉଅଛି ଯେ ଦୁର୍ଗାପୂଜାର ଶେଷ ୨ ୩ ଦିନ ବୃଷ୍ଟି ହେବ । ଯଦି ହେଉ ବୃଷ୍ଟି ଛେଡ଼ୁଅଛି କେବଳ ତୋଫାନ ନ ହେଲେ ରକ୍ଷା ଏବଂ ଉକ୍ତ ମହାଶୟ ଭରସା ଦେଇଅଛନ୍ତି ଯେ ତୋଫାନ ହେବ ନାହିଁ ।

---

ଯାଜପୁର ସମ୍ବାଦମଧ୍ୟରେ ବଡ଼ଚଣାଠାରେ ବିଷ ଖୁଆଇ ଧନ ଅପହରଣ କରିବା ବିଷୟକ ଯେଉଁ ମୋକଦ୍ଦମାର ଉଲ୍ଲେଖ ଅଛି ସେ ସମ୍ବନ୍ଧରେ ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ଡିଷ୍ଟ୍ରିକ୍ଟ ସୁପ୍ରେଣ୍ଡ ବାବୁ ଶ୍ରୀକୃଷ୍ଣ ମହାପାତ୍ର ସବ୍ ଇନସ୍ପେକ୍ଟରଙ୍କୁ ଅନୁସନ୍ଧାନନିମନ୍ତେ ପଠାଇବାରୁ ସେ ତିନିଜଣ ଆସାମୀ ଏଥିରେ ଲିପ୍ତଥିବା ଓ ତହିଁମଧ୍ୟରୁ ଦୁଇଜଣ ପଳାଇବାର ପ୍ରମାଣ ପାଇ ଉପସ୍ଥିତଥିବା ବ୍ୟକ୍ତିଙ୍କୁ ଚାଲାଣ ଦେଇଅଛନ୍ତି ଏବଂ ଫେରାର ଆସାମୀଙ୍କ ଧରିବାନିମନ୍ତେ ବହୁତ ଉପାୟ ଅବଲମ୍ବିତ ହୋଇଅଛି । ବଡ଼ଚଣାର ହେଡ଼କନଷ୍ଟବଲ ଏବଂ ସଲଟର କନଷ୍ଟବଲ ଏବଂ ଧର୍ମଶାଳାର ସବ୍ ଇନସ୍ପେକ୍ଟର ବାବୁ ବନମାଳ ମହାପାତ୍ର ଏ ମାମଲାସମ୍ବନ୍ଧରେ ଅପଣା ୨ କର୍ତ୍ତବ୍ୟକାର୍ଯ୍ୟରେ ତ୍ରୁଟି କରିବା ହେତୁ ସସପେଣ୍ଡ ହୋଇଅଛନ୍ତି । ବାବୁ ଶ୍ରୀକୃଷ୍ଣ ମହାପାତ୍ର ସବ୍ ଇନସ୍ପେକ୍ଟରୀ ନିଯୋଗ ବିଷୟକ ନୂତନପ୍ରଥାର ପ୍ରଥମ କର୍ମଗ୍ରହୀ ଅଟନ୍ତି । ସେ କେବଳ ଏହି ମୋକଦ୍ଦମାରେ ନୁହେ ଅଳ୍ପକାଳମଧ୍ୟରେ ଅନେକଗୁଡ଼ିଏ ମୋକଦ୍ଦମାରେ ବିଶେଷ କାର୍ଯ୍ୟଦକ୍ଷତାର ପରିଚୟ ଦେଇ ଉପରସ୍ଥ ହାକମଙ୍କଠାରୁ ପ୍ରଶଂସା ପାଇବାକୁ ସମର୍ଥ ହୋଇଅଛନ୍ତି ବଡ଼ ସୁଖର ବିଷୟ ଅଟେ । ଶୀଘ୍ର ପଦୋନ୍ନତିଦ୍ୱାରା ଏହାଙ୍କୁ ଉତ୍ସାହ ଦେବା ଉଚିତ ।

---

ଅମ୍ଭମାନଙ୍କର ଯାଜପୁରସମ୍ବାଦଦାତା ଲେଖିଅଛନ୍ତି ଯେ ଅମ୍ଭମାନଙ୍କର କଲେକ୍ଟର ଯାଜପୁର ଅଞ୍ଚଳର ଦୁରବସ୍ଥା ଦେଖିବାକୁ ଯାଇଥିବା କାଳରେ ଡେଙ୍ଗାଣିଆ ହୋଲଗ୍ରାମ ପ୍ରଭୃତିର ଅନ୍ନକଷ୍ଟ ବନ୍ୟାପୀଡିତ ପ୍ରଜାମାନେ ଖଜଣା ମାଫ ଓ ସାହାଯ୍ୟଦାନର ପ୍ରାର୍ଥନାରେ ଅନେକ ଦରଖାସ୍ତ ଦେଇଥିଲେ । ସାହେବ ଦରଖାସ୍ତମାନ କଟକକୁ ଘେନିଆସି ଖଜଣା ମାଫ ବିଷୟକ ଦରଖାସ୍ତମାନ ନାମଞ୍ଜୁର କରିଅଛନ୍ତି ଏବଂ ସାହାଯ୍ୟ ପ୍ରାର୍ଥନା ବିଷୟକ ଦରଖାସ୍ତରେ ପ୍ରଜାମାନଙ୍କୁ ଅପଣା ୨ ଜମିଦାରଙ୍କଠାରେ ସାହାଯ୍ୟ ପ୍ରାର୍ଥନା କରିବାର ହୁକୁମ ଦେଇଅଛନ୍ତି । ଅବଶିଷ୍ଟ କେତେକଖଣ୍ଡ ଦରଖାସ୍ତ ବିବେଚନାଧୀନରେ ରଖିଅଛନ୍ତି । ସମ୍ଭବତଃ ଏହି ଦରଖାସ୍ତକାରମାନଙ୍କୁ ସାହାଯ୍ୟ ପାଇବାର ଯୋଗ୍ୟ ମନେ କରିଥିବେ । ଅନ୍ୟମାନେ ଯେବେ ଅଯୋଗ୍ୟ ତେବେ ତହିଁର ହେତୁ ଦେଖାଇ ସେମାନଙ୍କର ପ୍ରାର୍ଥନା ନାମଞ୍ଜୁର କରିଥିଲେ ଯଥେଷ୍ଟ ହୋଇଥାନ୍ତା । ଜମିଦାରଙ୍କଠାରେ ସାହାଯ୍ୟ ପ୍ରାର୍ଥନା କରିବାର ଉପଦେଶ ଦେବାର ଅର୍ଥ କିସ ? ସକଳ ଜମିଦାର କି ସାହାଯ୍ୟ କରିବାକୁ ସକ୍ଷମ ? ଆଉ ଯେବେ ଦୁର୍ଭିକ୍ଷରେ ସାହାଯ୍ୟ କରିବା ଜମିଦାରମାନଙ୍କର କର୍ତ୍ତବ୍ୟ କର୍ମ ଅଟେ ତେବେ ତାହା କରିବାପାଇଁ ଆଇନମତେ ସେମାନଙ୍କୁ ବାଧ୍ୟ କରିବା କଲେକ୍ଟର ସାହେବଙ୍କର ଉଚିତ କେବଳ ଉପଦେଶ ଦେଇ ନିଶ୍ଚିନ୍ତ ହେବା ଦାୟ ଛଡ଼ାଇବା ଭିନ୍ନ ଆଉ କିଛି ନୁହେ ।

---

କଲିକତା ନିବାସୀ ବାବୁ ସତ୍ୟଚରଣ ମିତ୍ର ପ୍ରସିଦ୍ଧ ରାମକୃଷ୍ଣ ପରମହଂସଙ୍କର ଜଣେ ଶିଷ୍ୟ । ସେ ହିନ୍ଦୁଧର୍ମପ୍ରଚାର କାର୍ଯ୍ୟରେ ବାଲେଶ୍ୱରକୁ ଆସି ସେଠା ରାଜବାଟୀରେ ଜନ୍ମଦିନ ବକ୍ତୃତା ପ୍ରଦାନ କରିଥିଲେ ଏବଂ ଓଡିଆର ପ୍ରକାଶ ଯେ ତାହା ଶୁଣିବାକୁ ଅନେକ ଲୋକ ଆସିଥିଲେ । ସେ ବାଲେଶ୍ୱରରୁ ଏ ନଗରକୁ ଆସି ଗତ ରବିବାର ସୋମବାର ଏବଂ ମଙ୍ଗଳବାର ସନ୍ଧ୍ୟାସମୟରେ ଏଠା ବାଳିକାବିଦ୍ୟାଳୟରେ ସାକାର ଓ ନିରାକାର ଉପାସନା ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ମାତ୍ର ଦୁଃଖର ବିଷୟ ଯେ କୌଣସି ଦିନ ଶ୍ରୋତାଙ୍କ ସଂଖ୍ୟା ୫୦ ରୁ ଊର୍ଦ୍ଧ୍ୱ ହେଲା ନାହିଁ । ଅପରାହ୍ନରେ ମେଘ ହେବା ଓ ଦୁର୍ଗୋତ୍ସବ ନିକଟ ଥିବାରୁ ତହିଁ ନିମନ୍ତେ ଲୋକେ ବ୍ୟସ୍ତ ଥିବା ଏଥିର କାରଣ ଅଟେ । ନଭୁବା ମିତ୍ରମହାଶୟଙ୍କ ବକ୍ତୃତା ଶୁଣିବାର ଯୋଗ୍ୟ ଓ ମନୋହର ସନ୍ଦେହ ନାହିଁ । ତାହାଙ୍କର ବକ୍ତୃତାର ସାର ମର୍ମ ଏହି କି ବ୍ରହ୍ମ ଓ ଈଶ୍ୱର ଏକପଦାର୍ଥ ମାତ୍ର ଭାବ ପୃଥକ୍ । ବ୍ରହ୍ମ ନିର୍ଗୁଣ ଈଶ୍ୱର ସଗୁଣ । ସୁତରାଂ ଈଶ୍ୱରଙ୍କୁ ନିରାକାର ଓ ସାକାର ଉଭୟ ବୋଲାଯାଇପାରେ ଏବଂ ଉଭୟ ମତରେ ତାହାଙ୍କର ଉପାସନା ଲଭ କରିପାର । ଭକ୍ତି ଓ ପ୍ରେମରେ ତାହାଙ୍କ ଉପାସନା କରି ବ୍ୟାକୁଳ ହୋଇ ତାହାଙ୍କୁ ଖୋଜି ତାହାଙ୍କୁ ଅବଶ୍ୟ ପାଇବ ଓ କେତେବେଳେ ଦେଖିପାରିବ ସେ କି ପଦାର୍ଥ କେବଳ ସାକାର କି ନିରାକାର ଘେନି ତର୍କ କଲେ କିଛି ଫଳ ହେବ ନାହିଁ କିମ୍ବା ଶେଷ ମୀମାଂସା ହୋଇ ପାରିବ ନାହିଁ । ଚୈତନ୍ୟମୟ ଭଗବାନ୍ ଜଗତସାରା ବ୍ୟାପି ରହିଅଛନ୍ତି । ଯେଉଁଠାରେ ପ୍ରେମଭକ୍ତି ସହିତ ତାହାଙ୍କର ପୂଜା କରିବ ସେ ତାହା ପାଇବେ ଓ ଭକ୍ତକୁ କୃତାର୍ଥ କରିବେ ।

---

Split by PDF Splitter

Digitized by srujanika@gmail.com

ପୁନାଠାରେ ଗଣେଶପୂଜା ଉପଲକ୍ଷରେ ଗତମାସ ତା ୧୬ ରିଖ ରାତିରେ ହିନ୍ଦୁ ଓ ମୁସଲମାନଙ୍କମଧ୍ୟରେ ଭୟାନକ ଦଙ୍ଗା ହୋଇଥିଲା। ସନ୍ଧ୍ୟାସମୟରେ ଏକଦଳ ବଷ୍ୟାଳ ହିନ୍ଦୁଗାୟକ ବାଦ୍ୟ ବାଜଣା ଗର୍ଜ୍ଜଣସହିତ ଏକ ଗଣେଶ ପ୍ରତିମା ନେଇକରି ଯାଇ ଅନେକ ରାତ୍ରିପର୍ଯ୍ୟନ୍ତ ସେଠାରେ ଗାୟନ କରି ଗର୍ଜ୍ଜଣସହିତ ଫେରିଆସିବା ବାଟରେ ଏକ ମସଜିଦ ନିକଟରେ ଉପସ୍ଥିତ ହୁଅନ୍ତେ ମସଜିଦରେ ଥିବା ମୁସଲମାନମାନେ ବାଜା ବନ୍ଦକରିବାକୁ କହିଲେ ହିନ୍ଦୁମାନେ ତାହା ନ ମାନିବାରୁ ମୁସଲମାନମାନେ ବାଜାବାଲଙ୍କୁ ପ୍ରହାର କରିବାକୁ ଉଦ୍ୟତ ହେବାରୁ ଦଙ୍ଗା ଆରମ୍ଭ ହେଲା। ଗୋଲମାଳ ଶୁଣି ଚାରିଆଡ଼ୁ ଲୋକ ଧାଇଁଆସିଲେ। ହିନ୍ଦୁଙ୍କ ଦଳ ଅଧିକ ହେବାରୁ ସେମାନେ ମସଜିଦମଧ୍ୟରେ ପଶି କାଚର ଝାଡ଼ ଲଣ୍ଠନ ପ୍ରଭୃତି ବାଡ଼େଇ ମସଜିଦ ଛାତ ଉପରେ ଚଢ଼ି ତହିଁରୁ ଖଣ୍ଡେ ଭାଙ୍ଗିପକାଇଲେ ଏବଂ କବରସ୍ଥାନକୁ ଖାଣ୍ଡିଚକଟି ପକାଇଲେ। ମାଡ଼ପିଟରେ ଉଭୟପକ୍ଷରୁ ଅନେକଲୋକ କ୍ଷତବିକ୍ଷତ ହେଲେ। ପୁଲିସ ଓ ଜଙ୍ଗି ସିପାହି ଆସି ଅନେକ କଷ୍ଟରେ ଶାନ୍ତିରକ୍ଷା କଲେ ଏବଂ ଉଭୟପକ୍ଷରୁ କେତେକ ଲୋକଙ୍କୁ ଧରି ଥାନାକୁ ଘେନିଗଲେ। ଆରଦିନ ପ୍ରାୟ ଏକଶତ ଗଣେଶ ପ୍ରତିମା ବିସର୍ଜ୍ଜନ ନିମନ୍ତେ ଏକସଙ୍ଗରେ ଭାରି ସମାରୋହରେ ବାହାରିଥିଲେ। ମାତ୍ର ପୁଲିସ ସତର୍କ ଥିବାରୁ ସେ ସମୟରେ ବଡ଼ ଦଙ୍ଗା ହୋଇ ନାହିଁ। ତଥାପି କେତେଜଣ ମୁସଲମାନ ଗୋଟିଏ ଗଣେଶପ୍ରତିମା ଭାଙ୍ଗି ପକାଇବାକୁ ସମର୍ଥ ହୋଇଥିଲେ। ଏହି ଦଙ୍ଗାରେ ମଧ୍ୟ କେତେଜଣ ହିନ୍ଦୁ ଓ ମୁସଲମାନ ଗ୍ରେପ୍ତାର ହୋଇଅଛନ୍ତି। ଏଣିକି ମୋକଦ୍ଦମାର ଧୁମଧାମ କିଛିଦିନ ଲାଗିବ। ହିନ୍ଦୁମୁସଲମାନଙ୍କର ଝଗଡ଼ା କ୍ରମାଗତ ବୃଦ୍ଧି ହେବା ବଡ଼ ଦୁଃଖର ବିଷୟ। ତଦପେକ୍ଷା ଅଧିକ ଦୁଃଖର ବିଷୟ ଏହି ଯେ କର୍ତ୍ତୃପକ୍ଷଙ୍କ ଅବହେଳା ଏଥିର କାରଣ ଅଟେ। ପ୍ରଧାନ ରାଜପୁରୁଷମାନେ ଉଭୟ ସମ୍ପ୍ରଦାୟପ୍ରତି ସମାନ ବ୍ୟବହାର କଲେ କଦାପି ଏପରି ଘଟିବ ନାହିଁ।

---

## କଟକ ସରଭେସ୍କୁଲ।

ପାଠକମାନଙ୍କୁ ଏଥିପୂର୍ବେ ଜଣାଇଅଛୁଁ ଯେ ଏହି ସ୍କୁଲଟିକୁ ଗବର୍ଣ୍ଣମେଣ୍ଟ ଆଉ ରଖିବାକୁ ଇଚ୍ଛା କରୁ ନାହାନ୍ତି ଏବଂ ଏହାକୁ ଉଠାଇ ଦେବାର ପ୍ରସ୍ତାବ ବିବେଚନାଧୀନରେ ଅଛି। ପ୍ରସ୍ତାବଟି ସ୍ୱୟଂ ବଙ୍ଗୀୟ ଛୋଟଲାଟ ସରଚାର୍ଲସ ଇଲିୟଟ ତାହାହିଁ ଉପସ୍ଥିତ କରିଅଛନ୍ତି ଏବଂ ତହିଁର କାରଣ ଏହିକି ଓଡ଼ିଶାର ବର୍ତ୍ତମାନ ବନ୍ଦୋବସ୍ତସଂକ୍ରାନ୍ତ ଜରିପ କାର୍ଯ୍ୟରେ ଏହି ସ୍କୁଲରୁ ପାଶ କରି ବାହାରି ଥିବା ଛାତ୍ରମାନେ ଆବଶ୍ୟକୀୟ ଯୋଗ୍ୟତା ଅଭାବରୁ ନିଯୁକ୍ତ ହୋଇ ପାରିଲେ ନାହିଁ। ଛୋଟଲାଟ ମହୋଦୟ କହନ୍ତି ଯେ ଯେବେ ସରକାରଙ୍କ ପ୍ରୟୋଜନ ବେଳେ କାର୍ଯ୍ୟରେ ନ ଆସିଲା ଏବଂ ବିଦେଶରୁ ଆମିନ ଆସି ଜରିପ କାର୍ଯ୍ୟ କଲେ ତେବେ ସରଭେସ୍କୁଲ ଏଠାରେ ରଖିବାର ଆବଶ୍ୟକ ନାହିଁ। ଯେବେ ଏହାଦ୍ୱାରା ଜମିଦାର ପ୍ରଭୃତିଙ୍କର କିଛି ଉପକାର ହୋଇଥାଏ ଅର୍ଥାତ୍ ଏ ବିଦ୍ୟାଳୟର ଉତ୍ତୀର୍ଣ୍ଣ ଛାତ୍ରମାନେ ଜମିଦାରୀ ଏବଂ ଅପର ଏଲାକାରେ କାର୍ଯ୍ୟ କରୁଥାନ୍ତି ତେବେ ତହିଁପାଇଁ ସରକାରଙ୍କର ବ୍ୟୟ ଯୋଗାଇବାର ଉଚିତ ହେଉ ନାହିଁ। ସରକାରଙ୍କର ବିନା ଖରଚା ଏବଂ କେବଳ ସ୍ଥାନୀୟ ସାହାଯ୍ୟରେ ସ୍କୁଲଟି ଚଳିପାରିଲେ ରହିପାରେ। ଅତଏବ ଦେଖିବାର ଆବଶ୍ୟକ ଯେ ସରଭେସ୍କୁଲଦ୍ୱାରା ଏ ପ୍ରଦେଶୀୟ ଲୋକଙ୍କର ଏବଂ ସରକାରୀ କାର୍ଯ୍ୟର କିଛି ସୁବିଧା ହୋଇଅଛି କି ନା ଏବଂ ସରକାରଙ୍କ ବିନା ସାହାଯ୍ୟରେ ଏହା ଚଳିପାରେ କି ନା ?

ସର୍ବାଗ୍ରେ ବିବେଚନା କରିବା ଉଚିତ ଯେ ଓଡ଼ିଶା ସରକାରଙ୍କ ସାମୟିକ ବନ୍ଦୋବସ୍ତ ମହାଲ ହେଲେହେଁ ବନ୍ଦୋବସ୍ତ କାର୍ଯ୍ୟ ଏଠାର ନିତ୍ୟକାର୍ଯ୍ୟ ନୁହେ। ୨୦।୩୦ ବର୍ଷରେ ଥରେ ପଡ଼ିବାର କଥା। ଏଥିପାଇଁ ଏ ବିଦ୍ୟାଳୟ ସ୍ଥାପିତ ହୋଇ ନ ଥିଲା କିମ୍ବା ଉତ୍ତୀର୍ଣ୍ଣ ଛାତ୍ରମାନେ ବନ୍ଦୋବସ୍ତକୁ ଚାହିଁବସି ଅନ୍ୟ ଚାକିରି ନ କରିବା ଯୁକ୍ତିସଙ୍ଗତ ନୁହେ। ଓଡ଼ିଶାର ଗତ ମହାଦୁର୍ଭିକ୍ଷର ଅନୁସନ୍ଧାନଦ୍ୱାରା ସେତେବେଳେ ଏ ପ୍ରଦେଶର ନିତାନ୍ତ ଅସହାୟ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣଗୋଚର ହେଲା ଏବଂ ଦେଶରକ୍ଷାର ନାନା ଉପାୟ କରିବାକୁ ଗବର୍ଣ୍ଣମେଣ୍ଟ ପ୍ରବୃତ୍ତ ହେଲେ ସେ ସମୟରେ ଉତ୍କଳୀୟଙ୍କର ପରମ ହିତୈଷି ଶ୍ରୀଯୁକ୍ତ ରେଭନଶା ସାହେବ ଓଡ଼ିଶାର କମିଶନର ଥିଲେ। ସେ ଦେଖିଲେ ଯେ କାଳ ବନ୍ଧ ଓ ସଡ଼କ ଇତ୍ୟାଦି ମହକୁମା ସକାଶେ ଏବଂ କାନଗୋଇ ପଟୁଆର ବନ୍ଦୋବସ୍ତ ଆମିନ ପ୍ରଭୃତି କାର୍ଯ୍ୟ ନିର୍ବାହ ସକାଶେ ସରଭେ ଇଂରାଜୀ ବିଦ୍ୟା ଜାଣିବା ଲୋକଙ୍କର ପ୍ରୟୋଜନ। ଓଡ଼ିଶାରେ ସରଭେସ୍କୁଲ ନ ଥିବାରୁ ସ୍ଥାନୀୟ ଲୋକମାନେ ସେସବୁ କାର୍ଯ୍ୟ ନିର୍ବାହ କରି ଆପଣା ଅବସ୍ଥା ଉନ୍ନତ କରିପାରୁ ନାହାନ୍ତି ଏବଂ ବିଦେଶରୁ ଲୋକ ଆଣି କାର୍ଯ୍ୟ କରାଇବାରେ ସରକାରଙ୍କର ମଧ୍ୟ ସମୟ ସମୟରେ ଅସୁବିଧା ହେଉଅଛି। ଏହି ଅଭିପ୍ରାୟରେ ସେ ଗବର୍ଣ୍ଣମେଣ୍ଟଙ୍କୁ ଲେଖି ଏଠାରେ ସରଭେସ୍କୁଲ ସ୍ଥାପନ କଲେ। ଫଳରେ ଦେଖାଯାଏ ଯେ ସନ ୧୮୭୭।୭୮ ଠାରୁ ସନ ୧୮୯୨।୯୩ ସାଲ ପର୍ଯ୍ୟନ୍ତ ୧୫ ବର୍ଷ ମଧ୍ୟରେ ଯେଉଁ ନ ୨୭୭ ଜଣ ଏ ସ୍କୁଲରେ ପଢି ପାଶ କରିଅଛନ୍ତି ସେମାନଙ୍କ ମଧ୍ୟରେ ନ ୨୩୭ ଜଣ ଉତ୍କଳୀୟ ଏବଂ ନ ୪୦ ଜଣ ବଙ୍ଗଦେଶୀୟ ଅଟନ୍ତି। ଏମାନଙ୍କ ମଧ୍ୟରେ ନ ୭୮ ଜଣ ସରକାରୀ ମହକୁମାରେ ନ ୬୦ ଜଣ ମିଉନିସିପାଲଟି ଓ ଜିଲା ବୋର୍ଡ଼ ଅଧୀନରେ ଏବଂ ନ ୪୬ ଜଣ ଅନ୍ୟାନ୍ୟ ଜମିଦାରୀ ଏଲାକାରେ କାର୍ଯ୍ୟ କରିବାର ଜଣା ଯାଉଅଛି। କେତେ ଲୋକ ମରି ଯାଇଅଛନ୍ତି ଏବଂ କେତେ ଲୋକ ଆଉ କାର୍ଯ୍ୟ କରୁଅଛନ୍ତି ସମସ୍ତ ଜାଣିବା ସହଜ ନୁହେ। ଫଳତଃ ଯେଉଁସ୍ଥଳେ ସରକାରୀ କାର୍ଯ୍ୟରେ ଅଧିକାଂଶ ଲୋକ ଅଛନ୍ତି ଏବଂ ଏ ପ୍ରଦେଶରେ ଆମିନର ପ୍ରୟୋଜନ ସର୍ବଦା ରହିଅଛି ସେ ସ୍ଥଳେ ସରକାରୀ କାର୍ଯ୍ୟ ସକାଶେ ସରଭେସ୍କୁଲର ପ୍ରୟୋଜନ ନାହିଁ ଏକଥା ବୋଲିବା ଠିକ ହେଉ ନାହିଁ। ଆମ୍ଭେମାନେ ସ୍ୱୀକାର କରୁଁ ଯେ ଓଡ଼ିଶାର ପ୍ରୟୋଜନ ଦୃଷ୍ଟିରେ ଆହୁରି ଅଧିକ ଛାତ୍ର ସରକାରୀ କାର୍ଯ୍ୟରେ ନିଯୁକ୍ତ ହେବା ଉଚିତ ଥିଲା। ମାତ୍ର ଏଥିପାଇଁ ଛାତ୍ରମାନଙ୍କର ଦୋଷ ଦେବାକୁ ଆମ୍ଭେମାନେ କୁଣ୍ଠିତ କାରଣ ସମସ୍ତ ହାକିମ ସ୍ଥାନୀୟ ଲୋକଙ୍କ ପ୍ରତି ସମାନ ଦୃଷ୍ଟି ରଖନ୍ତି ନାହିଁ ଅର୍ଥାତ୍ କର୍ମଚାରୀ ନିଯୁକ୍ତ କରିବା ସମୟରେ ଓଡ଼ିଆଙ୍କର ଦାବି ପ୍ରତି ଯେ ପ୍ରକାର ସୁବିବେଚନା କରିବା ଓ ସହାନୁଭୂତି ପ୍ରକାଶ କରିବା ଆବଶ୍ୟକ ତାହା କରନ୍ତି ନାହିଁ। କାହାରି ଅବିଦିତ ନାହିଁ ଯେ ନିୟୋଗ କାର୍ଯ୍ୟଟା ଅନେକ ବେଳେ ନିୟୋଗକାରୀଙ୍କ ରୁଚି ଓ ପୂର୍ବସଂସ୍କାର ଅନୁସାରେ ଚାଳିତ ହୁଏ। ଅତଏବ ଯେଉଁମାନେ ନିଯୁକ୍ତ ହୋଇଅଛନ୍ତି ସେମାନେ ଯୋଗ୍ୟତା ସହିତ କାର୍ଯ୍ୟ ନିର୍ବାହ କରୁଥିବାରୁ ସ୍କୁଲର ବା ଛାତ୍ରମାନଙ୍କର କୌଣସି ଦୋଷ ଦିଆଯାଇ ନ ପାରେ। ସ୍ଥାନୀୟ ସ୍ୱାର୍ଥ ପ୍ରତି ସୁଦୃଷ୍ଟି ରଖିବା ବିଷୟରେ ଗବର୍ଣ୍ଣମେଣ୍ଟ ସ୍ଥାନୀୟ ହାକିମମାନଙ୍କ-

Split by PDF Splitter
Digitized by srujanika@gmail.com

ପ୍ରଭୃତ ମଦନକୁମାର ପ୍ରଧାନ କର୍ତ୍ତାଙ୍କ ଚେଲେ ସ୍ମରଣ କରାଇ ଦେଲେ ଛାତ୍ରମାନଙ୍କର ଉତ୍ସାହ ବଢ଼ିବ ଏବଂ ବିଦ୍ୟାଳୟର ଆୟ ମଧ୍ୟ ବଢ଼ି ସରକାରୀ ଖରଚ ଊଣା ପଡ଼ିବ । ଅତଏବ ଆମ୍ଭେମାନେ ବିନୀତଭାବରେ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରୁଅଛୁଁ କି ସହରେ ସ୍କୁଲ ଉଠାଇଦେବା ପ୍ରସ୍ତାବକୁ ମନରେ ସ୍ଥାନ ଦେବା ପୂର୍ବେ ପାଶ କରିବା ଛାତ୍ରମାନଙ୍କୁ ଅଧିକ ପରିମାଣରେ ସରକାରୀ କାର୍ଯ୍ୟ ନିଯୋଗ ବିଷୟରେ କିଛି ଆଦେଶ ପ୍ରଦାନ କରନ୍ତୁ । ଓଡ଼ିଶାର ଅବସ୍ଥା ଅଦ୍ୟାପି ଏମନ୍ତ ହୋଇ ନାହିଁ ଯେ ବିଦେଶକୁ ଯାଇ ବିଦ୍ୟାଶିକ୍ଷା କରିବାକୁ ସମର୍ଥ ହେବେ । ସେ ଅବସ୍ଥା ଉପସ୍ଥିତ ହେବାକୁ ବିଳମ୍ବ ଅଛି । ବର୍ତ୍ତମାନ ଏମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକ । ଏ ସମୟରେ ସାହାଯ୍ୟ ନ କଲେ ଦୁର୍ଗତିବଳା ସୁଗତ ହେବ ନାହିଁ । ବର୍ତ୍ତମାନ ଛାତ୍ରମାନେ ଯେତେ ବେତନ ଦେଇ ସହରେ ସ୍କୁଲରେ ଶିକ୍ଷା କରୁଅଛନ୍ତି ତହିଁରୁ ଅଧିକ ଦେବାକୁ ଅସମର୍ଥ । ଅଧିକାଂଶ ଗରିବପିଲା ଏଠାରେ ପଢନ୍ତି । ଜମିଦାର ମହାଜନ ଧନାଢ୍ୟବ୍ୟକ୍ତି ପ୍ରଭୃତିଙ୍କଠାରୁ ଚେନ୍ଦା ପାଇବାର ଆଶା ନାହିଁ କାରଣ ଦେଶର ଅଳ୍ପ ଲୋକ ତହିଁର ପ୍ରୟୋଜନରେ ପ୍ରବୃତ୍ତ ହେବା ଲୋକ ଏଠାରେ ଅତ୍ୟଳ୍ପ ଅଛନ୍ତି । ସୁତରାଂ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟବିନା ଏ ବିଦ୍ୟାଳୟଟି ସ୍ଥିର ରହିବା କୌଣସିମତେ ସମ୍ଭବ ନୁହେ ।

—:—

# ସାପ୍ତାହିକସମ୍ବାଦ ।

ଅସ୍ମାନଙ୍କର କଲେକ୍ଟର ସାହେବ ଏ ସପ୍ତାହରେ କାନ୍ତି ଗସ୍ତ କରି ଫେରି ଆସି ଅଛନ୍ତି ।

ଗତ ଡିଷ୍ଟ୍ରିକ୍ଟବୋର୍ଡ କମିଟିରେ ପୁରୀ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ମିଃ ବଲ ଏଠା ବୋର୍ଡର ଇଞ୍ଜିନିୟର ପଦରେ ବର୍ତ୍ତନ ନିମନ୍ତେ ନିଯୁକ୍ତ ହେଲେ । ସଭ୍ୟମାନଙ୍କ ମଧ୍ୟରେ ବହୁତ ମତ ହୋଇଥିଲେ ପୁରୀ ଓଡ଼ିଶାର ଅର୍ନ୍ତଗତ ଥିବାରୁ ବଲ ସାହେବଙ୍କ ନିଯୋଗ ପ୍ରସ୍ତାବ ପୁଷ୍ଟ ହେଲା ।

## କଲିକତା-ଗଜେଟ ।

କେନ୍ଦ୍ରାପଡ଼ାର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ନବୀନଚନ୍ଦ୍ର ଦାସ ୪ ର୍ଥ ଗ୍ରେଡ଼ରେ ବାହାଲ ହେଲେ ।

କଟକର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଭୁବନଚନ୍ଦ୍ର ଦାସ ୭ ମ ଗ୍ରେଡ଼କୁ ଉନ୍ନତ ଲାଭ କରିଛନ୍ତି ।

କଟକର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜି ଷ୍ଟିଭେନସନ ଆସନ୍ତା ଅକ୍ଟୋବର ମାସ ତା ୧୦ ତଣ ଠାରୁ ଏକମାସର ଛୁଟି ଗ୍ରହଣ କରିଛନ୍ତି ।

ଖୋର୍ଦ୍ଧାର ଅଫିସିଏଟିଂ ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଏସ୍ ମାକ୍‌ଫର୍ସନ ଜଏଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ଅନ୍ୟାଜ୍ଞା ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଡେ କଲେକ୍ଟର ବାବୁ ଶ୍ରୀ ରାମଚନ୍ଦ୍ର ଘୋଷ ବାଲେଶ୍ୱର ଜିଲ୍ଲାର ଇନକମଟାକ୍ସ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇ ୧୮୮୬ ମସିହା ୨ ଆଇନର ଧା ୪୦ ର ନୁସାରି କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

ଜାହାନାବାଦର ମୁନସଫ ବାବୁ ବିହାରୀଲାଲ ଦେ ବାଲେଶ୍ୱର ମୁନସଫ ପଦରେ ନିଯୁକ୍ତ ହେଲେ ଓ ବାଲେଶ୍ୱର-ମୁନସଫ ବାବୁ ବଙ୍କୁବିହାରୀ ଚକ୍ରବର୍ତ୍ତି ବର୍ଦ୍ଧମାନ ମୁନସଫ ପଦରେ ନିଯୁକ୍ତ ହେଲେ ।

କଟକର ଅଧିକା ମୁନସଫ ବାବୁ ଶ୍ୟାମାଚରଣ ଚକ୍ରବର୍ତ୍ତୀ ଜହାନାବାଦ ମୁନସଫି ପଦରେ ନିଯୁକ୍ତ ହେବାରୁ ଦର୍ଭଙ୍ଗାର ମୁନସଫ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇ ଅଛନ୍ତି ।

---

ଶ୍ରୀମତୀ ଭିକ୍ଟୋରିଆଙ୍କର ଭବନ ଯର ପ୍ରାସାଦ ନିମନ୍ତେ ଅଷ୍ଟ୍ରେଲିଆ ଜେଲଖାନାରେ ଏକ ଗାଲିଚା ପ୍ରସ୍ତୁତ ହୋଇଅଛି । ଏହା ପ୍ରସ୍ତୁତ କରିବାକୁ ଏକବର୍ଷ କାଳ ଲାଗିଥିଲା ଏହା ଏଥିରେ ୫ ୭୦୦୦ ଗଣ୍ଠି ସ୍ଥାପିତ ହୋଇଅଛି । ଏଥିର ମଧ୍ୟଭାଗରେ ଇଂଲଣ୍ଡ ଓ ଭାରତର ରାଜଚିହ୍ନ ସୂକ୍ଷ୍ମକର୍ମର କାର୍ଯ୍ୟ ହୋଇଅଛି । ଏହା ଲମ୍ବରେ ଫି ୮୦ ଓ ଏହା ପ୍ରସ୍ଥରେ ଫି ୪୦ ଓ ।

କଲିକତା ନିମ୍ବତଳାର ମଡ ଗାଦି ଜଳ ପରିଷ୍କାର କରିବାକାରଣ କୁଣ୍ଡ ଖୋଳିବାର ପ୍ରସ୍ତାବ ହୋଇଅଛି । ମଡ ଗାଦି ଶେଷରେ ମନୁଷ୍ୟ ଝାଡ଼ାଣି କଲେ ଭଲ । ଆଶା ହେଉଅଛି ମ୍ୟୁନିସିପାଲିଟିଠାରେ ଏ ବେଶପତ୍ର ବୃଦ୍ଧିର କାମ ନୂଆ ନୁହେ ନାହିଁ ।

ଏକ ସମ୍ବାଦପତ୍ରରେ ଲେଖାଅଛି କି ପ୍ରତ୍ୟେକ ଇଂରେଜ ବର୍ଷକେ ପ୍ରାୟ ତେଷଠି ସେର ମାଂସ ଆହାର କରନ୍ତି । ଅନ୍ୟ କୌଣସି ଦେଶର ଲୋକ ଏତେ ମାଂସ ଖାନ୍ତି ନାହିଁ ।

ଗତ ଶନିବାରଠାରୁ ରବିବାର ପର୍ଯ୍ୟନ୍ତ କଲିକତାରେ କେତେ ବୃଷ୍ଟି ହୋଇଥିଲା ? ସହର ରାସ୍ତା ସବୁ ପାଣିରେ ବୁଡ଼ି ଯିବାରୁ ଲୋକେ ଗମନାଗମନ କଷ୍ଟ ହୋଇଥିଲା ।

ପୁନାରେ ଗାଡ଼ପଣ ନାମକ ଜଣେ ସ୍ୱଦାର ଦେଶୀରେ ଜୋନ୍ ଦେଇ ପିତଳର ପ୍ରତିମା ଓ ତାର ପ୍ରସ୍ତୁତ କରିବାର କଳ ସ୍ଥାପିତ ହୋଇଅଛି । ଦେଶୀୟମାନଙ୍କ ଉଦ୍ୟମ ବାଣିଜ୍ୟର ଉନ୍ନତି ପ୍ରଶଂସନୀୟ ଅଟେ । ବଙ୍ଗଳାର ଲୋକେ କେବଳ ଚାକିରୀରେ ପଟୁ ।

## ଯାଜପୁର-ସମ୍ବାଦ ।

ପୁଲିସ ଇନସ୍ପେକ୍ଟର ବାବୁ ଲୋକନାଥ ଦାସଙ୍କ ବରିବାର ଅନୁଗ୍ରହ ରୂପୀ କେତେଥରରୁ ତାଙ୍କ ସ୍ଥାନରେ ଧର୍ମଶାଳାଥାନାର ସବଇନସ୍ପେକ୍ଟର ବାବୁ ବନମାଳୀ ମହାପାତ୍ର କାର୍ଯ୍ୟ କରୁଅଛନ୍ତି ।

କେତେକ ଦିନ ହେଲା ଛତିଆବଜାରରେ ଜଣେ ସହାଜନଙ୍କ ଦୋକାନରୁ ଛଅ ହଜାରେକ ଟଙ୍କା ଚୋରି ହୋଇଯାଇ ଅଛି ତାହାଠାରେ ଏବେ କୌଣସି ଅନୁସନ୍ଧାନ କେହି ଦେଇନାହିଁ । କତଦଶାର ଡେପୁଟି ଇନସପେକ୍ଟରଙ୍କଠାରୁ ଜଷ୍ଟିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ପର୍ଯ୍ୟନ୍ତ ତଦାରଖ କରି କିଛି ଠିକଣା କରି ପାରିଲେ ନାହିଁ ।

ଦଶାଶ୍ୱମେଧ ଘାଟର ଏକଦିନ ରାତ୍ରିରେ ଅବିନାଶ ଚନ୍ଦ୍ର ବହୁ ଜଣ ପୀର ସରକାରଙ୍କ ତରଫରୁ ଦଣ୍ଡାଧିକାରୀ ମହାରାଜାଙ୍କ ମହାଦେବଙ୍କ ମନ୍ଦିରନିକଟ ଗ୍ରାମରେ ବାସ କରୁଥିଲା । ଏକ-କାଳେ ଭଲ ମହାଦେବଙ୍କର ଜଣେ ପୂଜାରୀ ବ୍ରାହ୍ମଣ ଥିଲା ସେଠାରେ ରହି ପ୍ରସାଦ ନେଇ ବାହାର ଅଗ୍ନିବା ସମୟରେ ଉପରୋକ୍ତ ଅବିନାଶଚନ୍ଦ୍ରଙ୍କ ତାକୁ ପ୍ରସାଦମାଗିବାରେ ସେ ନ ଦେବାରୁ ତାହା ଛୁଇଁ ପକାଇବାରୁ ସେ ପ୍ରସାଦ ତଳେ ପଡ଼ିଯିବା ମାତ୍ରକେ ଭଲ କ୍ରୁଦ୍ଧ ହୋଇ ତାହା ଉଠାଇ ନେଇ, ସେଠାରୁ ପୂଜାରୀ ଅତ୍ୟନ୍ତ ରାଗାନ୍ୱିତ ହୋଇ ତାକୁ ଅନେକ କଥା କହି ପୋଡ଼ା ମାଇଲ ବୋଲି ଅପବାଦରେ ୭ ମାସ ପରେ ନଇଲା । ପ୍ରାୟ ୭ ୨ ଦିନ ପରେ ପୁଲିସ ସମ୍ବାଦ ପାଇ ଭଲ ସ୍ଥାନକୁ ଯାଇ ମୋକଦମା ତଦାରଖ କରୁଅଛନ୍ତି । ଦଶାଶ୍ୱମେଧଘାଟ ଅଞ୍ଚଳରେ କପଟ ଅତ୍ୟାଚାର ହୋଇଅଛି ଏଥିରୁ ପାଠକବର୍ଗ ଅନୁମାନ କରିବେ ।

ଗାଲଷ୍ଟୋଠା ନାମକ ରାଜଧରର ଏକ ଯୋଗୀ ପଣ୍ଡା କାଳସବ ଗନ୍ଧକାଳରେ କାଷ୍ଟ କରି ଯୋଗାର ବ୍ୟବସାୟ କରେ, ସେଠାକାର ସବଲକାଣ୍ଡ ମାଝୀ ବେଣ୍ଟାସଙ୍ଗେ ତାହାର ମନାନ୍ତର ହେବାରେ ପ୍ରତିଶୋଧ କରିବା କାରଣ ସପଙ୍ଗାବାଦ ଏକଦିନ ସବାଇବେଳେ ଗାଲଷ୍ଟୋଠାର ବାଟ ଥିବା ଏକ ପୁତୁଳ ଏବାଣ ଦେଖି ପାଣିକଟଲୀ ଦେବାରସ୍ପର୍ଶ ଲଜ ଦେଖାଇ ନକଟବର୍ତ୍ତି କଥାବସ୍ତାର ଧ୍ୟାନଦଇଠାରୁ ଭାର ନେଇ ଏକସଙ୍ଗି ହୋଇବାର ଏହା ଏକ ଗଣ୍ଡାଏକ ପୁରକ ସାହାଯ୍ୟରେ ସେଠାରେ ତାହାର ବେକ ମୋଡ଼ି ମାରି ପକାଇ ଧାନବିଲ ପାଣିମଧ୍ୟରେ ପୋତିଦେଇ ଆସିଲେ । ଯୋଗୀ ପୁତୁଳ ଘୋଡ଼ି ନ ପାଇ ଥାନାରେ ସମ୍ବାଦ ଦେଲା । ଏହି ଘଟନାର ୭ ମାସ ପରେ ଉଡ଼ଇଗର ପୁଲିସ ଇନସ୍ପେକ୍ଟର ବାବୁ କୃଷ୍ଣଚନ୍ଦ୍ରଦାସଗୁପ୍ତ ପ୍ରାୟ ୫୦।୬୦ ଣ ଚୌକିଦାରସଙ୍ଗରେ ସଇକ୍ଷିକ୍ ଆସି ଗଣ୍ଡ ବାହାରକରି ଅନେକ ଅନୁସନ୍ଧାନରେ ସବଲକାଣ୍ଡ ଓ ଅନ୍ୟ ଦୁଇଜଣଙ୍କୁ ଗ୍ରେପ୍ତାର କରି ଗ୍ରହଣ କରିଅଛନ୍ତି ଓ ଗଣ୍ଡାଏକପୁରକ ସମସ୍ତଙ୍କ ସ୍ୱୀକାର କରିଅଛି । ମୋକଦ୍ଦମା ଉଡ଼ଇଗ ସବଡିଭିଜନ ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି ।

ବେଳୁ ପାସ ନ କରିବାରୁ ବନ୍ଧୁଜାଲକୁ ଉଡ଼ଇଗ କୋର୍ଟରେ ଜମା ଦେବା ଟଙ୍କା କହୁଥିଲେ ସେଠା ସବଡିଭିଜନର ହାକିମ ବନ୍ଦ କରିବାର ଆଦେଶ ଦେଇଥିବା ପ୍ରତ୍ୟକ୍ଷେ ବୋର୍ଡ ସବଇନସ୍ପେକ୍ଟର ଆଇ ଜାଷୋଜା ସାହେବ ଟଙ୍କା ନ କରି ଅସ୍ୱୀକାର କରିବା ଅଭିଯୋଗରେ ଡାଲେଶ୍ୱର ମାଜିଷ୍ଟ୍ରେଟଙ୍କ ନିକଟରେ ଦୁଇମାସ କାରାଦଣ୍ଡ ପାଇଅଛି । ମାତ୍ର ଜଜ ସାହେବଙ୍କ ଠାରେ ଅପିଲ କରି ବର୍ତ୍ତମାନ ଜାମିନରେ ଖଲାସ ପାଇଅଛନ୍ତି ।

ଭଦ୍ରକ ସେଟ୍ସ୍ମଲାର ତା ୨୪ ତଣ ସୋମବାରଠାରୁ ଏଠାକେ ହାଇସ୍କୁଲଗୃହରେ ମାଇନର ଭର୍ନାକ୍ୟୁଲର ଓ ଅପରପ୍ରାଇମେରୀର ପରୀକ୍ଷା ଆରମ୍ଭ ହୋଇଅଛି । ମାଇନରରେ ୫ ୧୦ ଣ ଭର୍ନାକ୍ୟୁଲରରେ ୫ ୩ ଣ ଓ ଅପରପ୍ରାଇମେରୀରେ ୫ ୨୨ ସବୁର ମୋଟରେ ତ ୩୫ ଣ ଛାତ୍ର ପରୀକ୍ଷା ଦେଉଅଛନ୍ତି ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ଏଥର ଜ୍ୱରର ପ୍ରବଳତା ହୋଇଅଛି । ଖାଣ ସସ୍ୟ ଅଳେ ଅଳ୍ପପରିମାଣରେ ବୃଷ୍ଟି ହେଉଅଛି ମାତ୍ର ବଳେଷ ଜଳର ଅଭାବ । ଦଣ୍ଡଧାର ଶୌ ୫ ଶି ସ୍ଥଳରେ ବନ୍ଧ୍ୟା ହେଉଅଛି ।

ପୁଲ ଇନସ୍ପେକ୍ଟର ବାବୁ ରାଧାନାଥ ରାୟ ଏଠାକାର ହାଇସ୍କୁଲ ପରିଦର୍ଶନ କରି ଗତ ରବିବାର କଟକ ଫେରି ଯାଇଅଛନ୍ତି ।

ଏଠାକାର ଡେପୁଟୀ ଅଡ଼ାଲତର ଏକଟିଂ ସିରସ୍ତାଦାର ଶ୍ରୀ ବାବୁ ସୁଦର୍ଶନ ମହାନ୍ତି ଉକ୍ତ କାର୍ଯ୍ୟରେ ବାହାଲ ହୋଇ ଅଛନ୍ତି ।

Split by PDF Splitter

Digitized by srujanika@gmail.com

ଅନୁମାନ ହୁଏ ଏଠାରେ ଗୋଟିଏ ହସ୍ପିଟାଲ ଖୋଲାଗଲେ ବସି ମୁହିଁ ଧୋଇଥିବା ଅବସ୍ଥାରେ ତାହାର ରୋଗ ଶମିଯିବାର ଯୁକ୍ତି ମରିଅଛି ।

ଗତ ସୁନ୍ଦଅବସର ଏଠା ବଳଦେଓଜୀଙ୍କ ମଠରେ ଦର୍ଶନାର୍ଥୀମାନେ ଜୟଯୁକ୍ତ ଥିବା ପ୍ରତ୍ୟକ୍ଷେ ମପଇତରେ ଏକା ସିନ୍ଧୁକ ତଏ ଭଙ୍ଗା ହୋଇ ଏକ ହଜାର ଟଙ୍କାର ଅଧିକମୂଲ୍ୟର କୋଟିଏ ଅସରଫି ହାର ଅଦୃଶ୍ୟ ହୋଇଅଛି ପୁଲିସ ଅନୁସନ୍ଧାନ କରୁଥିଲେ ହେଁ ତେସ ବହୁ ନ ପାରୁଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକାର ସୁଯୋଗ୍ୟ ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଜବରଖ ସବଡିଭିଜନର ଅନ୍ତର୍ଗତ ଜାଉପୁରର ବିଖ୍ୟାତ ମହାଶୟବଂଶଜ ଶ୍ରୀଯୁକ୍ତ ରାୟ ଗୋବିନ୍ଦବଲ୍ଲଭ ରାୟବାହାଦୂର ମହାଶୟ କଟକନଗରଦରବାରରୁ ରାୟବାହାଦୂର ଉପାଧିରେ ଭୂଷିତ ହୋଇ ଫେରଆସେ ଏଠାକାର ସମ୍ଭ୍ରାନ୍ତ ବ୍ୟକ୍ତି ଏବଂ ତାହାଙ୍କର ଜମିଦାରୀର ପ୍ରଜାବର୍ଗଙ୍କୁ ମିଷ୍ଟାନ୍ନ ଭୋଜନଦ୍ୱାରା ପରିତୃପ୍ତ କରାଇଅଛନ୍ତି । ତଦ୍ଭିନ୍ନ ଗାଳ ଦରିଦ୍ର ଓ ମହତ ଭିକ୍ଷୁକ ଯେ ଯେତେବେଳେ ପ୍ରାର୍ଥୀ ହେଉଅଛନ୍ତି ସେମାନଙ୍କର ଅବସ୍ଥାନୁସାରେ ଅନ୍ନ ବସ୍ତ୍ର ଏବଂ ଅର୍ଥଦାନଦ୍ୱାରା ସେମାନଙ୍କୁ ସନ୍ତୁଷ୍ଟ କରି ବିଦାୟ କରୁଅଛନ୍ତି ରାୟବାହାଦୂର ମହାଶୟଙ୍କର ଉପରୋକ୍ତ ସତ୍କାର୍ଯ୍ୟ ହେତୁରୁ ଏଠାକାର ସମସ୍ତ ସମ୍ଭ୍ରାନ୍ତବ୍ୟକ୍ତି ଓ ତାଙ୍କ ଜମିଦାରୀର ପ୍ରଜାମାନେ ସମବେତ ହୋଇ ଜାଉପୁର ସ୍କୁଲର ହେଡ଼ମାଷ୍ଟର ଶ୍ରୀଯୁକ୍ତ ବାବୁ ନିମାଇଁଚରଣ ଘୋଷଙ୍କୁ ଆପଣା ଘରୁ ଅଧ୍ୟକ୍ଷ କରି ତାଙ୍କ ଅଭ୍ୟର୍ଥନା ନିମନ୍ତେ ଗତ ସୁନୟାଁ ରାତ୍ରରେ ଜାଉପୁର ସ୍କୁଲଗୃହରେ ଏକ ବୃହତ ସଭା କରିଥିଲେ । ସଭାଗୃହ ସୁରମ୍ୟ ପୁଷ୍ପ ପତ୍ରରେ ପରିଶୋଭିତ ଓ ଝାଡ଼ ଲଣ୍ଠନଦ୍ୱାରା ଆଲୋକିତ ହୋଇଥିଲା ଏବଂ ରାୟ ବାହାଦୂର ମହାଶୟଙ୍କର ହବେଲୀଠାରୁ ସଭାଗୃହ ପର୍ଯ୍ୟନ୍ତ ମାର୍ଗର ଉଭୟପାର୍ଶ୍ୱରେ କଦଳୀବୃକ୍ଷ ପୋତାହୋଇ ତହିଁରେ ଆଲୋକ ଜଳୁଥିଲା ସେ ଦିବସ ସୁନୟାଁ ଥିବାରୁ ରାୟବାହାଦୂର ମହାଶୟ ତାଙ୍କର ଜମିଦାରୀ ଇନ୍ତାର ସୁନୟାଁ କାର୍ଯ୍ୟଶେଷ କରି ରାତ୍ରି ଘ ୧୦ ଟା ସମୟରେ ସଭାରେ ଉପସ୍ଥିତ ହୁଅନ୍ତେ ତାଙ୍କର ସମ୍ମାନାର୍ଥେ ବନବାଜି ଫଏର ହେଲା ଏବଂ ବ୍ରାହ୍ମଣ ପଣ୍ଡିତ ପ୍ରଭୃତି ମଙ୍ଗଳଧ୍ୱନି କଲେ । ସେ ସମୟରେ ସଭାଗୃହ ଓ ଦ୍ୱାରରେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଲୋକ ସମବେତ ହୋଇଥିଲେ । ସେ ନିର୍ଦ୍ଦିଷ୍ଟ ଆସନ ଗ୍ରହଣ କଲାରୁ ସଭାପକ୍ଷରୁ ଶ୍ରୀ ବାବୁ ଜଗନ୍ନାଥବଲ୍ଲଭ ଗୁପ୍ତ ମୋକ୍ତାର କହିଲେ ଯେ ରାୟ ବାହାଦୂର ମହାଶୟଙ୍କ ପୂର୍ବ ପୁରୁଷ ମୋଗଲ ସମ୍ରାଟ୍ ଆକବର ସାହାଙ୍କ ସଦର କାନୁନ୍‌ଗୋ କର୍ମରେ ନିଯୁକ୍ତ ହୋଇ ଆପଣାର କାର୍ଯ୍ୟଦକ୍ଷତାର ପରିଚୟ ଦେଇ ତାଙ୍କଠାରୁ ମହାଶୟ ପଦ ଏବଂ ଉକ୍ତ ମାନ୍ୟବାନ୍ ପଦର ଉପଯୋଗୀ ବଙ୍ଗୋତ୍କଳର ଅନେକ ସ୍ଥାନରୁ ଜାଏଗିର ସ୍ୱରୂପ ବହୁଲାଭଜନକ ବୃହତ୍ତମ ଜମିଦାରୀ ପ୍ରାପ୍ତ ହୋଇଥିଲେ । କାଳକ୍ରମେ ମହାଶୟବଂଶଧରମାନେ ବହୁ ଶାଖା ପ୍ରଶାଖାରେ ବିଭକ୍ତ ହୋଇ ପୂର୍ବୋକ୍ତ ଜମିଦାରୀ ସମସ୍ତ ବୃହତ୍ତମ ଅଂଶଠାରୁ କ୍ଷୁଦ୍ରତମ ଅଂଶରେ ବିଭକ୍ତ କରିନେଇ ବଙ୍ଗୋତ୍କଳର ନାନାସ୍ଥାନରେ ବାସ କରୁଅଛନ୍ତି । ତହିଁମଧ୍ୟରୁ ବଙ୍ଗଦେଶର କଲିକତା ଲକ୍ଷପୁର ଓ ଓଡ଼ିଶାର ସୋରୋ, ସିମେଣ୍ଟରପୁର ଜସନଗରର ମହାଶୟମାନେ ଭୋଗବିଳାସରେ ମତ୍ତ ହୋଇ ଜମିଦାରୀର କାର୍ଯ୍ୟ ନ ବୁଝିବାରୁ ଋଣ ଜାଲରେ ଜଡ଼ିତ ହୋଇ ପୂର୍ବପୁରୁଷଙ୍କ ଅର୍ଜିତ ଆପଣାର ଜମିଦାରୀ ଅଂଶକୁ ହରାଇ ବର୍ତ୍ତମାନ ପରମୁଖାପେକ୍ଷୀ ହୋଇ ରହିଅଛନ୍ତି । ରାୟବାହାଦୂର ମହାଶୟ ପୂର୍ବୋକ୍ତ ଜମିଦାରୀର କ୍ଷୁଦ୍ରତମ ଅଂଶର ଏକ ଅଂଶର ଅଧିକାରୀ ଅଟନ୍ତି । ସେ ଶୈଶବାବସ୍ଥାରେ ପିତା ଓ ପିତାମହଙ୍କୁ ହରାଇ ମାତାଙ୍କର ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇ ଆପଣା ଘରଠାରେ ଦେଶୀୟ ରୀତିରେ ଯଥାସାମାନ୍ୟ ବିଦ୍ୟା ଶିକ୍ଷା କରିଥିଲେ ଜମିଦାରସନ୍ତାନ ବୟଃପ୍ରାପ୍ତ ହେବା ପୂର୍ବରୁ କେତେକ ଋଣ ହୋଇଥିବାର ଦେଖି ଜମିଦାରୀର ଭାର ସ୍ୱହସ୍ତରେ ଗ୍ରହଣ ଓ ସମସ୍ତ କାର୍ଯ୍ୟ ନିଜେ ନିର୍ବାହ କଲେ ଏବଂ ସର୍ବ ପ୍ରଥମ ମହାଶୟି କାରଖାନା ପରିତ୍ୟାଗ କରି ମିତବ୍ୟୟିତା ଦ୍ୱାରା ଅତି ଅଳ୍ପଦିବସ ମଧ୍ୟରେ ପୂର୍ବ ଋଣ ପରିଶୋଧ କରି ସେହି ଦିନୁ ଋଣକୁ ବିଷଦୃଷ୍ଟିରେ ଦେଖିଲେ । ପୂର୍ବରୁ ସେ ସୁଶିକ୍ଷିତ ହୋଇ ନ ଥିବାରୁ ଆପଣାକୁ ଅପମାନିତ ଜ୍ଞାନ କରି ନିଜେ ଶିକ୍ଷାଲବ୍ଧ କରିବା ଓ ଗ୍ରାମବାସୀ ବାଳକମାନଙ୍କୁ ଶିକ୍ଷା ଦେବା ନିମନ୍ତେ ସ୍ୱଗ୍ରାମରେ ଏକ ମିଡ଼ିଲ୍ୟଲର ସ୍କୁଲ ସ୍ଥାପନ କରାଇ ସରକାରୀ ଗ୍ରାଣ୍ଟ ବାଦେ ଅବଶିଷ୍ଟ ସ୍କୁଲର ବ୍ୟୟ ଓ ପୁସ୍ତକ ସ୍ଲେଟ ଇତ୍ୟାଦି ଆପେ ଦେଇ ବିନା ବେତନରେ ବାଳକମାନଙ୍କୁ ସ୍କୁଲରେ ଅଧ୍ୟୟନ କରିବା ନିମନ୍ତେ ଆଦେଶ ଦେଲେ ଏବଂ ସେ ଅନ୍ୟାନ୍ୟ ଅଭିଜ୍ଞତା ଶୂନ୍ୟ ଯୁବକ ଜମିଦାରଙ୍କପରି ବୃଥା ଆମୋଦ ଓ ଭୋଗବିଳାସରେ ମତ୍ତ ନ ହୋଇ ଜମିଦାରୀ କାର୍ଯ୍ୟରୁ ଅବସର ପ୍ରାପ୍ତହେଲାକ୍ଷଣି ସ୍କୁଲ ଶିକ୍ଷକଙ୍କଠାରେ ନିଜେ ଶିକ୍ଷା କଲେ କ୍ରମେ ଆପଣାର ଜମିଦାରୀର ନାନାସ୍ଥାନରେ ସ୍କୁଲ ପାଠଶାଳା ଓ ବାଳିକା ସ୍କୁଲ ସ୍ଥାପନକରାଇ ସରକାରୀ ସାହାଯ୍ୟ ଭିନ୍ନ ଅବଶିଷ୍ଟ ବ୍ୟୟଭାର ସ୍ୱୟଂ ବହନ କଲେ । ରାୟବାହାଦୂର ମହାଶୟଙ୍କ ଠାରୁ ବହୁଆୟବିଶିଷ୍ଟ ଅନେକ ବଡ଼ ବଡ଼ ଜମିଦାର ଓଡ଼ିଶାରେ ଅଛନ୍ତି ସତ, କିନ୍ତୁ ତାଙ୍କତୁଲ୍ୟ ଅଳ୍ପଆୟସମ୍ପନ୍ନ ଜମିଦାର ହୋଇ ଏପରି ଦେଶହିତକର କାର୍ଯ୍ୟରେ ହାତଅଦ କରୁଥିବା ଲୋକ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଇହାଛଡ଼ା ତାଙ୍କର ଗୋପନ ଦାନ ମଧ୍ୟ ଗୋଟିଏ ବ୍ରତ ବୋଲାଯାଇ ପାରେ । ଏହିରୂପେ ରାୟବାହାଦୂରଙ୍କ ଗୁଣ କୀର୍ତ୍ତନ କରି ଗବର୍ଣ୍ଣମେଣ୍ଟ ଉପଯୁକ୍ତ ପାତ୍ରରେ "ରାୟବାହାଦୂର" ପଦ ପ୍ରଦାନ କରିଥିବାରୁ ସେଥିନିମନ୍ତେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୂରଙ୍କୁ ଅଶେଷ ଧନ୍ୟବାଦ ଦେଲେ । ରାୟବାହାଦୂର ମହାଶୟ ଦୀର୍ଘଜୀବୀ ହୋଇ ଉକ୍ତ ପଦ ପୁରୁଷାନୁକ୍ରମେ ଭୋଗକରି ଆଜୀବନ ଦେଶହିତକର କାର୍ଯ୍ୟରେ ବ୍ରତୀ ହେବା ନିମନ୍ତେ ପରମପିତା ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରି ବକ୍ତୃତା ଶେଷ କଲେ । ତତ୍ପର ରାୟବାହାଦୂର ମହାଶୟ ସଭାସ୍ଥ ବ୍ୟକ୍ତିମାନଙ୍କଠାରେ ବିନୟ ମଧୁର ବଚନରେ କୃତଜ୍ଞତା ସ୍ୱୀକାର କଲେ । ଅତଃପର ତତ୍କ୍ଷଣ ନୃତ୍ୟଗୀତାଦି ହୋଇ ସଭା ଭଙ୍ଗହେଲା ।

ତା ୧୩।୯।୯୪ } ବଶମ୍ବଦ
ଜାଉପୁର } ଶ୍ରୀଭଗବାନଚରଣ ଦାସ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ସେଖ ରହମୁଦ୍ଦିନ | ସୋରୋ | ଟ ୧ |
| ଶ୍ରୀଯୁକ୍ତ ଜ, ବି ଉଇଲସନ | କଟକ | ଟ ୭ |
| ବାବୁ ନରୋତ୍ତମଚରଣ ଦାସ କାନୁନଗୋ | ଗୋପ | ଟ ୩ |
| ରାଜା ଭଞ୍ଜ ଖଣ୍ଡପଡ଼ା | | ଟ ୩୩ |
| ବାବୁ ରଘୁନାଥ ଘୋଷ | କଟକ | ଟ ୭ |
| ରାଜା ଭଞ୍ଜ ରଣପୁର | | ଟ ୧୮ |
| ବାବୁ ଦଇତାରି | ବଡ଼ସିବଜାର କଟକ | ଟ ୩ |
| „ ସୋମନାଥ ମହାନ୍ତି | | ଟ ୩୫ |

Split by PDF Splitter



# PROCLAMATION OF SALE.

( SECTION 287, C. P. CODE, )

( ଏଠାରେ କଟକର ସବ୍‌ଜଜଙ୍କ ମୋହର ଅଛି )

## ନୀଲାମୀ ଇସ୍ତାହାର ।

ଦେୱାନୀ କାର୍ଯ୍ୟବିଧି ଆଇନର ଧା ୨୮୭ ର । ଏଠାରେ ସବ୍‌ଜଜଙ୍କ ଦସ୍ତଖତ ଅଛି ।

ଜିଲ୍ଲା କଟକର ସବାର୍ଡ଼ିନେଟ ଜଜ ସାହେବଙ୍କ ଅଦାଲତ ।

ନ ୨୧୭ ମ୍ବର ଡିଗ୍ରୀଜାରି ସନ୧୮୯୪ସାଲ ।

ଚୌଧୁରି ବୃନ୍ଦାବନଦାସ । ସା । ଭୃଙ୍ଗାରପୁର । ପ୍ର । କୋଠଦେଶ । ଡିକ୍ରୀଦାର ।

ବନାମ ।

ବାବୁ ଗୋଲକଚନ୍ଦ୍ର ବୋଷ ଓ ହେମଚନ୍ଦ୍ର ବୋଷ ନାବାଲଗ ଯୋଗ୍ୟପୁତ୍ର ବାବୁ ଗୋପାଳଚନ୍ଦ୍ର ବୋଷ ଗଇରେ । ମୃ । ଉକ୍ତ ନାବାଲଗ ଦଳଙ୍କ ଅବଗ୍ରହକ ମାତା କ୍ଷେତ୍ରମଣି ଦାସୀ । ସା । ଶ୍ରୀକୃଷ୍ଣପୁର ଓରଫ ଭୁଆଁପାଳ । ପ୍ର । ମାଇକଲନଗର ହାଲ ଦାଳକଜାର ସହର କଟକ ଦେଣଦାର ।

ଏତଦ୍ଵାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ଡିକ୍ରୀଦାର ଜରଡକୀ ଓଗର । ମଏ ଖର୍ଚ୍ଚା । ମୂ । ୮୧୪୬୨୨୧୮୨ ବାକୀ ପରିଶୋଧାର୍ଥେ ଏଥି ସଲଗ୍ନ ତପସୀଲ ଲିଖିତ କୋଶୀ ସମ୍ପତ୍ତି ବିକ୍ରୟ ନିମନ୍ତେ ଏହି ଅଦାଲତଙ୍କ କର୍ତ୍ତୃକ ସନ ୧୮୮୨ ସାଲର ଅ ୧୪ ଆଇନର ଧା ୨୮୪ ଧା ଅନୁସାରେ ଏକ ହୁକୁମ ପ୍ରଚାରିତ ହୋଇଅଛି । ପ୍ରକାଶ୍ୟ ନୀଲାମରେ ବିକ୍ରୟ ହେବ ଏବଂ ଉକ୍ତ ତପସୀଲ ଲିଖିତ ଲାଟବନ୍ଦୀମତେ ସମ୍ପତ୍ତି ନୀଲାମ ହେବ ଉପରୋକ୍ତ ଦେଣଦାରର ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ମାତ୍ର ବିକ୍ରୟ ହେବ ସେହି ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ତତ୍ ସଂକ୍ରାନ୍ତ ଦାୟ ଓ ଦାବୀ ସମସ୍ତ ଯେତେଦୂର ନିର୍ଣ୍ଣୟ କରି ଯାଇ ପାରେ ଓ ତତ୍‌ସମ୍ବଳିତ ତପସୀଲରେ ପ୍ରତ୍ୟେକ ଲାଟର ସମ୍ମୁଖରେ ବିଶେଷ କରି ଲେଖା ହେବ ।

ଏହି ଅଦାଲତରୁ ନୀଲାମ ସ୍ଥଗିତର କୌଣସି ହୁକୁମ ନ ହେଲେ କଟକ ମୁକାମ ସବାର୍ଡ଼ିନେଟ ଜଜସାହେବଙ୍କ କର୍ତ୍ତୃକ ସନ ୧୮୯୪ ସସିହ ନବମ୍ବର ମାସ ତା ୧୨ ରଖ । ମୂ । ସନ ୧୩୦୨ ସାଲ ମାର୍ଗଶିରମାସ ତା ୪ ରଖର ଶନିବାର ବେଳ ଘ ୧୨ ଘା ସମୟରେ ଏହି ଅଦାଲତରେ ନୀଲାମ ହେବ କିନ୍ତୁ କୌଣସି ଲାଟର ଡାକ ଶେଷ ହେବା ପୂର୍ବରେ ଉପରୋକ୍ତ ଖର୍ଚ୍ଚା ସମେତ ଡିକ୍ରୀର ଦେନା ଓ ନୀଲାମର ଖର୍ଚ୍ଚା ଦେବା ନିମନ୍ତେ ଉପସ୍ଥିତ କରାଗଲେ ଜମା ଦିଆ ହେଲେ ନୀଲାମ ସ୍ଥଗିତ ହେବ ।

ନୀଲାମରେ ସର୍ବସାଧାରଣଙ୍କୁ ସ୍ୱୟଂ ଅଥବା ଯଥାମତ କ୍ଷମତା ପ୍ରାପ୍ତ କାରପରଦାଜଦ୍ୱାରା ନୀଲାମ ଡାକିବା ନିମନ୍ତେ ଆହ୍ୱାନ କରାଯାଉଅଛି ପ୍ରଥମେ ଅଦାଲତଙ୍କର ଅନୁମତି ସ୍ପଷ୍ଟରୂପେ ଦିଆ ନ ହେଲେ ଉପର ଉକ୍ତ ଡିକ୍ରୀଦାରଙ୍କଦ୍ୱାରା ଅଥବା ସେମାନଙ୍କ ପକ୍ଷରେ କୌଣସି ଡାକ ଗ୍ରାହ୍ୟ ହେବ ନାହିଁ ଅଥବା ସେମାନଙ୍କ ନିକଟ ବିକ୍ରୟ ସିଦ୍ଧ ଗଣ୍ୟ ହେବ ନାହିଁ ।

### ନୀଲାମ ସଂକ୍ରାନ୍ତ ନିୟମ ।

୧ । ଯେ ସମ୍ପତ୍ତି ନୀଲାମ ହେବ ସେଥିରେ ଡିକ୍ରୀଦାରମାନଙ୍କର ଯେ ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ଅଛି ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କର ଯେ ଦାବୀ ଅଛି ତାହ ଅଦାଲତ ଯେତେଦୂର ଜାଣିପାରନ୍ତି ତାହା ପ୍ରକାଶ କରା ହୋଇଅଛି କିନ୍ତୁ ଏହି ଇସ୍ତାହାର କୌଣସି ଭୁଲ ବା ଅଯଥାର୍ଥ ବର୍ଣ୍ଣନା ବା ବର୍ଣ୍ଣନାର ତ୍ରୁଟି ନିମନ୍ତେ ଅଦାଲତ ଦାୟୀ ହେବେ ନାହିଁ ।

୨ । ଯେ ପରିମାଣରେ ଡାକ ବୃଦ୍ଧି କରିବାକୁ ହେବ ତାହା ନୀଲାମକାରକ କର୍ମଚାରୀ କର୍ତ୍ତୃକ ସ୍ଥିର କରା ହେବ । ଯେ ଟଙ୍କା ଡାକହୁଏ ତହିଁ ସମ୍ବନ୍ଧେ କିମ୍ବା ଯେ ବ୍ୟକ୍ତି ଡାକେ ତାହା ସମ୍ବନ୍ଧେ କୌଣସି ତର୍କ ଉତ୍ଥାପିତ ହେଲେ ତତ୍‌କ୍ଷଣାତ ଲାଟ ପୁନର୍ବାର ନୀଲାମ କରିବାକୁ ହେବ ।

୩ । ଯେ ବ୍ୟକ୍ତିର ଡାକ ସର୍ବାପେକ୍ଷା ଅଧିକ ସେ ବ୍ୟକ୍ତି ଆଇନ ଅନୁସାରେ ଡାକିବାର ଉପଯୁକ୍ତ ହେଲେ ତାହାକୁ ଲାଟର ଖରିଦଦାର ବୋଲି ପ୍ରକାଶ କରାଯିବ ।

୪ । ନୀଲାମକାରକ କର୍ମଚାରୀ ହେତୁ ଲିଖିତ ପୂର୍ବକ ଆପଣା ଇଚ୍ଛାମତେ ନୀଲାମ ସ୍ଥଗିତ ରଖିପାରିବେ କିନ୍ତୁ ତାହା ସର୍ବଦା ସନ୧୮୮୨ ସାଲର ଅ ୧୦ ଆଇନ ଧା ୨୯୧ ଧାର ବିଧାନ ପ୍ରତି ଦୃଷ୍ଟିରଖି କରିବାକୁ ହେବ ।

୫ । ଅସ୍ଥାବର ସମ୍ପତ୍ତିର ସ୍ଥଳେ ପ୍ରତ୍ୟେକ ଲାଟର ମୂଲ୍ୟ ନୀଲାମସମୟରେ ଅଥବା ତାହା ପରେ ଯେଉଁ ସମୟରେ ନୀଲାମକାରକ କର୍ମଚାରୀ ଦେବାକୁ କହନ୍ତି ସେହି ସମୟରେ ଦେବାକୁ ହେବ ଏବଂ ତାହା ନ ଦେଲେ ସମ୍ପତ୍ତି ତତ୍‌କ୍ଷଣାତ ନୀଲାମରେ ଉଠାଇ ବିକ୍ରୟ କରିବାକୁ ହେବ ।

୬ । ସ୍ଥାବର ସମ୍ପତ୍ତି ସ୍ଥଳେ ଯେଉଁ ବ୍ୟକ୍ତିକୁ ଖରିଦଦାର ବୋଲି ପ୍ରକାଶ କରା ହୁଏ ସେ ଉକ୍ତ ଖରିଦଦାର ବୋଲି ପ୍ରକାଶ କରା ଅବ୍ୟବହିତ ପରେ ମୂଲ୍ୟ ଟଙ୍କା ମଧ୍ୟରୁ ଶତକରା ଟ ୨୫ ଙ୍କା ନୀଲାମକାରକ କର୍ମଚାରୀଙ୍କୁ ଦେବେ ଏବଂ ତାହା ନ ଦେଲେ ଉକ୍ତ ସମ୍ପତ୍ତି ତତ୍‌କ୍ଷଣାତ ପୁନର୍ବାର ନୀଲାମରେ ଆଣି ବିକ୍ରୟ କରା ହେବ ।

୭ । ସମ୍ପତ୍ତି ନୀଲାମ ପରେ ସେହି ତାରଖ ବାଦ ଦ ୧୫ ନେ ଅଦାଲତ ବନ୍ଦ ହେବା ପୂର୍ବେ ମୂଲ୍ୟର ଅବଶିଷ୍ଟ ଟଙ୍କା ଦେବାକୁ ହେବ କିମ୍ବା ଦ ୧୫ ନ ରବିବାର ବା ଅନ୍ୟ କୌଣସି ବନ୍ଦର ଦିନ ହେଲେ ଦ ୧୫ ଦିନର ପର ପ୍ରଥମ କଚେରୀର ଦିନ ଦେବାକୁ ହେବ ।

୮ । ଉକ୍ତ ନିର୍ଦ୍ଧାରିତ ମିଆଦ ମଧ୍ୟରେ ମୂଲ୍ୟର ବାକୀ ଟଙ୍କା ଦିଆ ନ ହେଲେ ନୂତନ ନୀଲାମୀ ଇସ୍ତାହାର ଜାରି ପରେ ସମ୍ପତ୍ତି ପୁନର୍ବାର ବିକ୍ରୟ କରିବାକୁ ହେବ । ଅମାନତ ଟଙ୍କା ନୀଲାମର ଖର୍ଚ୍ଚପତ୍ର ବାଦ୍ ଯାହା ଥାଏ ତାହା ସରକାରରେ ବାଜ୍ୟାପ୍ତ ହେବ ଏବଂ ଉକ୍ତ ସମ୍ପତ୍ତି ତାହା ପରେ ଯେ ମୂଲ୍ୟରେ ବିକ୍ରୟ ହୁଏ ତାହାର କୌଣସି ଅଂଶ ପ୍ରତି ପୂର୍ବ ଖରିଦଦାର ଯେ ମୂଲ୍ୟ ଟଙ୍କା ଦେବାକୁ ତ୍ରୁଟି କରିଅଛି ତାହାର କୌଣସି ଦାବୀ ରହିବ ନାହିଁ ।

ଅଦ୍ୟ ସନ ୧୮୯୪ ମସିହା ସେପ୍ଟମ୍ବର ତା ୨୦ ରଖେ ଆମ୍ଭର ସ୍ୱାକ୍ଷର ଓ ଅଦାଲତର ମୋହରଯୁକ୍ତମତେ ଦିଆଗଲା ।

Digitized by srujanika@gmail.com

Split by PDF Splitter



## ସମ୍ପତ୍ତିର ତଫସିଲ

<table>
<tr><th>ଲାଟର ନମ୍ବର।</th><th>ବକୀ ସମ୍ପତ୍ତି ଯେ ପ୍ରକାରର।</th><th>ସରକାରରେ ରାଜସ୍ୱ ପ୍ରଦାୟକ କୌଣସି ସମ୍ପତ୍ତିର ସ୍ୱତ୍ୱ ହେଲେ ତାହାର ରାଜସ୍ୱର ପରିମାଣ।</th><th>ସମ୍ପତ୍ତିରେ କୌଣସି ଦାୟ ସଂଯୁକ୍ତ ଥିଲେ ତାହାର ବିସ୍ତାରିତ ବିବରଣ।</th><th>ସମ୍ପତ୍ତିର ପ୍ରତି କୌଣସି ଦାବୀ ଉପସ୍ଥିତ କରିହେଲେ ସେହି ଦାବୀ ଓ ସମ୍ପତ୍ତି ଯେ ପ୍ରକାର ଓ ତାହାର ଯେ ମୂଲ୍ୟ ହୋଇପାରେ ତତ୍ସମ୍ବନ୍ଧେ ଅନ୍ୟ ଯେ କୌଣସି ବିଷୟ ଜଣାଯାଏ।</th></tr>
<tr><td>୧</td><td>କଟକ କଲେକ୍ଟରି ଇଲାକା। ତା। ପୁରବି ଓ ସବଡେଭିଜନର। ମୁ। ଯାଜପୁର ଅନ୍ତର୍ଗତ। ।ପ୍ର। ବନ୍ଧୁଆଁ ନ ୧୩୧୩ ନମ୍ବର ତଉଜିଭୁକ୍ତ। ତା। ରାଧାମୋହନ ପ୍ରସାଦ ଜମିଦାର କ ଉହିଁର ଚୌଦ୍ଦଅଣା ସଦରଜମା<br>ତତ୍ପକ୍ଷେ ନ ୧ ନମ୍ବର ପ୍ରତିବାଦୀ ଓ ନ ୨ ନମ୍ବର ପ୍ରତିବାଦୀର ପିତା ଗୋପାଳଚନ୍ଦ୍ର ବୋଷ ଶାତକମାନଙ୍କ ନାମ ସରକାରୀ ସୀରସ୍ତାରେ ଲେଖାଯାଇ ଅଛି ତହିଁମଧ୍ୟରୁ। କ। ଟ ୦ ୯୩। ୦ ୩॥ ୧୩ ରୁ ସଦରଜମା। ବ। ମଯୋଟ<br>ଏମକଦମାରେ ରହେନ ଅଛି ନିଲାମହେବ ସେଥିର ଅନୁମାନିକ ମୂଲ୍ୟ ଟ ୨୦୦୦୦୧ ଙ୍କା</td><td>ଟ ୫୭୭୫॥/୧୯ ଅଟେ<br>ଟ ୪୩୮୪॥/ ହୋଇଅଛି</td><td></td><td></td></tr>
<tr><td>୨</td><td>।ପ୍ର। ରୁହି ଅରଖପୁର ନ ୧୧୨୧ ନମ୍ବର ତଉଜିଭୁକ୍ତ। ତା। ପଦ୍ମାରପୁର ଜମିଦାରୀ କ ଉହିଁର ଚୌଦ୍ଦଅଣା ସଦରଜମା<br>ତତ୍ପକ୍ଷେ ନ ୧ ନମ୍ବର ପ୍ରତିବାଦୀ ଓ ନ ୨ ନମ୍ବର ପ୍ରତିବାଦୀର ପିତା ଗୋପାଳଚନ୍ଦ୍ର ବୋଷ ଶାତକମାନଙ୍କ ନାମ ସରକାରୀ ସୀରସ୍ତାରେ ଲେଖାଯାଇ ଅଛି ତହିଁମଧ୍ୟରୁ। କ। ଟ ୦ ୯ ରହେନସମ୍ପତ୍ତିମଧ୍ୟରୁ ବକୀ। କ। ଟ ୦ ।/ ବାଦ୍ ବାକୀ। ବ। ଟ ୦ ⁄ ରୁ ସଦରଜମା। ବ। ମଯୋଟ<br>ଏମକଦମାରେ ନିଲାମ ହେବ ସେଥିର। ଅ। ମୂ। ଟ ୩୦୦୦ ଙ୍କା</td><td>ଟ ୩୫୧୩/୪ ଅଟେ<br>ଟ ୭୫୮୮/୩ ହୋଇଅଛି</td><td></td><td></td></tr>
<tr><td>୩</td><td>।ପ୍ର। ବାଲେଶ୍ୱର। ତା। ବସିବାକର। ମୌ। ଲୋକସ୍ତ ଜମିଦାର ପ୍ରସନ୍ନଚନ୍ଦ୍ର ଦାସ ଜମିଦାରୀଇଲାକା ମା ୩।୨୧। ମଧ୍ୟରୁ ମା ୧୦।୨୧୯ ରୁ ଜମା ଟ ୪ ୯ ୯ ଓ ଉକ୍ତ ଜୋବଗ୍ରାମଇଲା କଟର ସାହେବଙ୍କ ହାସିଲପଟା। ବା। ନିଲାମୀ ମା ୨୩।୧୨ ରୁ ଜମା ଟ ୧୧ ୯ ୭ ଓ ଉକ୍ତ ତାଲୁକ ସାମିଲ। ମୌ। ଗଣ୍ଡରପୁର ଜମିଦାର ସୀତାନାଥ ରାଏ ଓଗେରଙ୍କ ଜମିଦାରୀ ଇଲାକାର ସନ ୧୮୪୭ ମସିହା ସିତମ୍ବରମାସ ତା ୧ ରଖର ଯୋରସାହେବଙ୍କ ହାସିଲପଟା। ବା। ନିଲାମି ଖରିଦ ମା ୧୮।୭। ରୁ ଜମା ଟ ୧⁄୨ ଓ ଉକ୍ତପ୍ରଗନା ଅନ୍ତର୍ଗତ ରାଜସାହ ବା[illegible]ତ୍ରି। ପ୍ର। ଭୁବଙ୍ଗୀ ଜମିଦାର ନରୋତ୍ତମ ପୃଷ୍ଟି ଓଗେରଙ୍କ ଜମିଦାରୀଇଲାକା ଜେମ୍ସ ଜନସନ ଓ୍ୟାର୍ଡସ ସାହେବଙ୍କ ହାସିଲ ସନ ୧୮୪୭ ମସିହା ଅଗଷ୍ଟମାସ ତା ୨୦ ରଖପଟା। ବା। ମା ୯ ଣରୁ ଜମା ଟ ୩ ଏରୂପ ମା ୭୨।୧୪ ରୁ ଅଦାଏଜମା ଟ ୩୧/୪ ମଧ୍ୟରୁ କ ୩ ନମ୍ବର କୋଠିର ପଟାଇସବୁ ମା ୩।୨୨ ଦଖଲଦାର ଗୁରୁଚରଣ ନାମ ଧେୟରେ ଯାହା ପୂର୍ବ ତମସୁକରେ ବାଦୀଙ୍କ ନିକଟରେ ବନ୍ଧକ ଅଛି ତାହାବାଦ ବାକୀ ମା ୨୪।୧୭ ଓ ଉହିଁର ପଟାର ଦଖଲସହତ ବହିସ୍ଥିତ ନ ୪ ନମ୍ବର କୋଠୀ ଓ ତତ୍ସମ୍ବନ୍ଧ ଥିବା ବବର୍ଚ୍ଚିଖାନାଇତ୍ୟାଦି ଚଳଇଣ୍ଟି ଚହୁଦୀ ଅନୁସାରେ ରହେନ ଅଛି ଏମୋକଦମାରେ ନିଲାମହେବ ସେଥିର ଅନୁମାନିକମୂଲ୍ୟ ଟ ୨୦୦୦ ଙ୍କା<br>ପୂର୍ବେ ମେଗମିଲନ ସାହେବଙ୍କ କୋଠି ହତା।</td><td></td><td></td><td></td></tr>
<tr><td>ଉତ୍ତରେ ଗଭର୍ଣ୍ଣମେଣ୍ଟ ଖାସର ଜମି।</td><td>ପକାକୋଠୀ ବୋମହଲା କ ୧୬ ଖଣ୍ଡ ଓ ବବର୍ଚ୍ଚିଖାନା ଓ ମାଇଦାନ ଓ ଗାଡ଼ିଘର ଓ ଗୋଦାମ ଘର ଓ ଗୁଦଣ୍ଡ ଘର ଓ ଅସ୍ତବଲ ଓ ବଗିଚ୍ଚ ଓ ପୁଷ୍କରଣୀ ଓ କୂପ ଓ ବୃକ୍ଷାଦ କ ଉହିଁରେ ଜଏଣ୍ଟ ମାଜେଷ୍ଟ୍ରର ସାହେବଙ୍କ କେରଦ୍ଧୀ ରଖାଯାଇ ଅଛି ଉହିଁ ତଦଜମି ଦଖଲସହ</td><td>ଦକ୍ଷିଣେ ସରକାର ସଡ଼କ</td><td></td><td></td></tr>
<tr><td>୪</td><td>ପଶ୍ଚିମେ ଜଜ ସାହେବଙ୍କ କୋଠି କ ସେ ପ୍ରତିବାଦୀଙ୍କର ନ ୩ ନମ୍ବର କୋଠି।<br>ସହର କଟକ କମ୍ପୁରାଲାରେ ଥିବା ଗୋ ୧ ଟା କୋଠୀ ଚଳଇଣ୍ଟି ଚଉହଦୀ ଅନୁସାରେ ଏମୋକଦମାରେ ରହେନ ଅଛି ନିଲାମ ହେବ ସେଥିର ଅନୁମାନିକମୂଲ୍ୟ ଟ ୧୦୦୦ ଙ୍କା<br>ପୂର୍ବେ ପଲଟନ ନମ୍ବରକୁ ଯିବା ରାସ୍ତା।</td><td></td><td></td><td></td></tr>
<tr><td>ଉତ୍ତରେ ସରକାରୀ ସଡ଼କ</td><td>କମ୍ପୁକୋଠୀ କ ୧୨ ଖଣ୍ଡ ଓ ଉହିଁରେ ଥିବା ବାବୁର୍ଚ୍ଚିଘର ଓ ବବର୍ଚ୍ଚିଖାନା ଓ ବଗିଚ୍ଚ ଓ ପୁଷ୍କରଣୀ ଓ ଇଟାପଚିଛଡ ଓ ଉହିଁ ତଦଜମିର ଦଖଲସ୍ୱତ୍ୱସହିତ</td><td>ଦକ୍ଷିଣେ ନମ୍ବର ରାସ୍ତା</td><td></td><td></td></tr>
<tr><td>୫</td><td>ପଶ୍ଚିମେ ହରସୁନ୍ଦର ଦାସ କୋଠି।<br>ସହର କଟକ କମ୍ପୁରାଲାରେ ଥିବା ଏକଗୋଟା କୋଠୀ ଏମୋକଦମାରେ ରହେନ ଅଛି ଚଳଇଣ୍ଟି ଚଉହଦୀଅନୁସାରେ ନିଲାମ ହେବ ସେଥିର ଅନୁମାନିକ ମୂଲ୍ୟ ଟ ୧୦୦୦ ଙ୍କା<br>ପୂର୍ବେ ବୃନ୍ଦାବନ କୋଠି। ଶ। ମଣିଶାହୁ।</td><td></td><td></td><td></td></tr>
<tr><td>ଉତ୍ତରେ ମହାନଦୀ</td><td>କମ୍ପୁକୋଠୀ କ ୧୨ ଖଣ୍ଡ କ ଉହିଁରେ ଚସାକୋଟ ଓ ବାଜେଘର ଓ ବବର୍ଚ୍ଚିଖାନା ଓ ଗାଡ଼ିଘର ଓ ଅସ୍ତବଲାଇତ୍ୟାଦି ମଏ ଇଟାପଚିଛିଡିସହିତ ଓ ଉହିଁ ତଦଜମିର ଦଖଲିସ୍ୱତ୍ୱ</td><td>ଦକ୍ଷିଣେ ସରକାରୀ ସଡ଼କ</td><td></td><td></td></tr>
</table>

ପଶ୍ଚିମେ ସବୁସୁନ୍ଦର କୋଠି।

Digitized by srujanika@gmail.com

# ବିଜ୍ଞାପନ ।

ଶ୍ରୀଯୁକ୍ତ ଶ୍ରୀଶ୍ରୀ ବାବୁ ନଗେନ୍ଦ୍ରନାଥ ରାଏ ଚୌଧୁରି ଜମିଦାରଙ୍କ ଷ୍ଟେଟ ଅନ୍ତର୍ଗତ ନିମ୍ନଲିଖିତ ମହାଲ ମାନଙ୍କରେ ଜ ୪ ଣ ତହସିଲଦାର ନିଯୁକ୍ତ ହେବାର ଆବଶ୍ୟକ । ଅତଏବ ଏଥିଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଉକ୍ତ କାର୍ଯ୍ୟମାନଙ୍କରେ ନିଯୁକ୍ତ ହେବାକୁ ଇଚ୍ଛାନ୍ତି ସେମାନେ ଆପଣା ୨ ପ୍ରଶଂସାପତ୍ର ସହିତ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଅକ୍ଟୋବର ମାସ ତା ୧୫ ରଖ ମଧ୍ୟରେ ଉପସ୍ଥିତ ହେବେ ଓ ଆବେଦନପତ୍ରମାନ ପଠାଇବେ । ଯାମିନ ଓ ଅନ୍ୟ ସମସ୍ତ ବିଷୟ ସ୍ୱୟଂ ତଦନ୍ତ କଲେ ଜାଣି ପାରିବେ । ଇତି ।

ତଫସିଲ ।

ନ ୧୪୭୯ [ତଉଜି । ଜି । କଟକ । ପ୍ର । ତକଣ । କ । ତା । ତିରସଗୀ ।

ନ ୧୬୫୧ । ଜି । କଟକ । ପ । ତା । ପାଗ-ଗ ଡ଼ାମରପୁର ।

ନ ୧୭ । ଜି । କଟକ । ପ । ତା । ଛେଦରା ପ୍ରକାଶ ଥାଉ ଯେ ତିରସଗୀ ତାଲୁକରେ ଜ ୨ ଣ ତହସିଲଦାର ନିଯୁକ୍ତ ହେବେ ।

କାଛବଜାର ସହର କଟକ ତା ୨୭ ସିପ୍ଟମ୍ବର ୧୮୯୪ } Nilratan Mukherjee, *Officer in charge* For the estate of Babu N. N. Roy Chowdhury.

---

## NOTICE.

The first part of our Key to LETHBRIDGE'S EASY SELECTIONS (MINOR COURSE 1895) is out and available for sale. Intending purchasers of the first part will have to pay the price of the whole Key. The second part will be sent to them free as soon as out.

Price of whole Key Re. 1. Postage one anna extra for Moffosal.

To be had of the Secretary Printing Company Cuttack.

Cuttack, The 24th Septr, 1894. } Akshoy Kumar Ghose, and Hara Chand Ghose.

---

## ରାଗ-ରସଦୀପକ ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରବାଲ ନୟାସଡ଼କ କଟକ

---

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଓ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ପୂର୍ବାପେକ୍ଷା ଊଣା ମୂଲ୍ୟରେ କଣ୍ଟ୍ରାକ୍ଟ ସହିତ ବିକ୍ରୟ କରା ହେଉଅଛି । ଆଶା କରୁଁ ଗ୍ରାହକମାନେ ଏ-ସୁବିଧା ଛାଡ଼ିବେ ନାହିଁ ।

ବର୍ଷାକାଳ ବର୍ଣ୍ଣନା ( ଶ୍ରୀମତୀ ସୁଲକ୍ଷଣା ଦେବୀ-ବିରଚିତ ) ଟ° ୯୯

ରସଲେଖା ( ଉପେନ୍ଦ୍ରଭଞ୍ଜ ବିରଚିତ ) ଟ°।୵

ସଙ୍ଗୀତ ସାଗର ପ୍ରଥମ ତରଙ୍ଗ

| | | |
|---|---|---|
| | ସଉଭଙ୍ଗୀତ ସଂସ୍କରଣ | ଟ ୦ ⁄୵ |
| ଏଜନ | ଦ୍ୱିତୀୟ ଏଜନ | ଟ ୦ ୵ |
| ଏଜନ | ତୃତୀୟ ଏଜନ | ଟ ୦ ୵ |
| ଏଜନ | ଚତୁର୍ଥ ଏଜନ | ଟ ୦ ୵ |
| ଖାବଳଚମ୍ପୂ | | ଟ ୦ ⁄ |
| କପିଳାସ କ୍ଷେତ୍ର | | ଟ ୦ ⁄ |

କଟକ ୨୭।୯।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ

---

## ଭାରତରେ ନୂତନ ଅନୁଷ୍ଠାନ ।

ଆୟୁର୍ବେଦୀକ ମେଡ଼ିକେଲ ମ୍ୟାନୁଫ୍ୟାକ୍ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ କାଲିକା, ବେଙ୍ଗାଲ ।

### ରେଜିଷ୍ଟରୀକୃତ ମୂଳଧନ ଟ ୨୦,୦୦୦

ଏହି କମ୍ପାନୀର କାରଖାନାରେ ଆୟୁର୍ବେଦୋକ୍ତ ଯାବତୀୟ ଔଷଧ ବିଶୁଦ୍ଧପ୍ରକାରେ ପ୍ରସ୍ତୁତ ହୋଇ ସର୍ବଦା ସହର ଓ ମୋଫସଲର ସର୍ବତ୍ରରେ ସମ୍ଭବତଃ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । ଯେଉଁମାନେ ବିଶୁଦ୍ଧ ଔଷଧ ଇଚ୍ଛା କରନ୍ତି, ସେହିମାନେ କେବଳ କମ୍ପାନୀଙ୍କ ନିକଟରୁ ଔଷଧ ଗ୍ରହଣ କରିବେ ।

ଏଠାରେ ଶିଷ୍ଟାଳୀ, କାଶ, ଜ୍ୱର, ଇନ୍ଫ୍ଲୁଏଞ୍ଜା, ମୂର୍ଚ୍ଛା, ପ୍ରଦର, ବାତବ୍ୟାଧି ଓ ଅନ୍ୟାନ୍ୟ ପ୍ରାଚୀନ ଏବଂ ଅସାଧ୍ୟ ଉକଟ ଓ ଜଟିଳ ପୀଡ଼ାପକ୍ଷରେ ବିଶେଷ ଉପକାରୀ ଔଷଧ ମଧ୍ୟ ବିକ୍ରୟାର୍ଥ ପ୍ରସ୍ତୁତ ଥାଏ ।

ଶୋଭନ-କୁନ୍ତଳ-ତୈଳ;—ଶିରଶୀତଳ ଓ ସୌଖିନର ଅମୂଲ୍ୟ ସାମଗ୍ରୀ । ଇହାଦ୍ୱାରା ଚନ୍ଦ୍ରାଂହେଉ ମସ୍ତିଷ୍କବିକୃତିର ନାଶ ଏବଂ କେଶର ଉନ୍ନତି ହୁଏ ।

୧ ଶିଶିର ମୂଲ୍ୟ ଟ ୧୲ ଖରଚ୍ଚ ଟ° ।୵

ଦନ୍ତସଂସ୍କାରଚୂର୍ଣ୍ଣ;—ଦନ୍ତରୋଗର ଏକମାତ୍ର ଔଷଧ । ପ୍ରତ୍ୟହ ବ୍ୟବହାର କରିବାର ଉତ୍ତମ ଉପଯୋଗୀ,

୧ ଡବାର ମୂଲ୍ୟ ଟ°୵୲ ଡାକଖର୍ଚ୍ଚାଦ ଟ° ୵

କୁନ୍ତଳ-କୌମୁଦୀ-ତୈଳ;—ନୂତନ ଶିଷ୍ଟାଳୀ ଶିଅର ଔଷଧ । ଏହା ବ୍ୟବହାରକଲେ ଶୀଘ୍ର କେଶୋଦ୍ଗମ ହୁଏ ।

୧ ଶିଶିର ମୂଲ୍ୟ ଟ ୧୲ ଖର୍ଚ୍ଚାଦ ଟ ୦।୵

ଏହି କମ୍ପାନୀ ୧୮୮୨ ସାଲର ୬ ଆଇନ ଅନୁସାରେ ରେଜିଷ୍ଟରୀ ହୋଇଅଛି । ଏହା ୨୦୦୦ ଅଂଶରେ ବିଭକ୍ତ । ଏଥିର ପ୍ରତି ଅଂଶର ମୂଲ୍ୟ ଟ ୧୦୦୲ ଙ୍କା । ୧।୨ କିସ୍ତିରେ ଟ ୨୫୲ ଙ୍କା ହିସାବରେ ଆଦାୟ ହୋଇଅଛି । ଏମାନେ ଅପରାପର କମ୍ପାନୀଠାରୁ ଅଧିକ ଲାଭ ଦେଖାଇବାକୁ ସାହସ କରନ୍ତି । ଏବେହେଲେ ମଧ୍ୟ ଅଂଶ ବିକ୍ରୟ ନିମନ୍ତେ ମୌଜୁଦ ଅଛି । ଗ୍ରାହକମାନେ ସତ୍ୱର ନାମଧାମ ସହ ଆବେଦନ କରିବେ ।

ଶ୍ରୀ ଶଶିଭୂଷଣ ବନ୍ଦ୍ୟୋପାଧ୍ୟାୟ
ସେକ୍ରେଟରୀ ଏବଂ ଟ୍ରେଜରର

---

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ପତଂଗଗାରାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୨୯ ଖ | ସଂ ୪୦ ସଂଖ୍ୟା

ତା ୧୨ ଇଣ ମାହେ ଅକ୍ଟୁବର ସନ ୧୮୯୫ ମସିହା । ମୂ । ଈ ୨ ୫ କାର୍ତ୍ତିକ ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

ସମ୍ବତ୍ସରର ପୂଜା ସପ୍ତାହ ଛୁଟି ଭୋଗ କରି ପୁନର୍ବାର କାର୍ଯ୍ୟ କ୍ଷେତ୍ରରେ ଉପସ୍ଥିତ ହେଲୁଁ । ଭକ୍ତବତ୍ସଳା ଆନନ୍ଦମୟୀ ଭକ୍ତ ହୃଦୟରେ ଶୁଭାଗମନ ପୂର୍ବକ ଆନନ୍ଦ ଉଦ୍ଭାସିତ କରି ଯଥା ସମୟରେ ଦୁଃଖମୟ ପୃଥିବୀରେ ଶାନ୍ତିବାରି ପ୍ରଦାନ ପୂର୍ବକ ଶତ୍ରୁ ମିତ୍ରଙ୍କୁ ଉତ୍ସବରେ ମତ୍ତ କରାଇ ଓ ଭକ୍ତମାନଙ୍କର ଐହିକ କ୍ଷଣିକ ମନୋମାଳିନ୍ୟ ଦୂରୀଭୂତ କରି ସ୍ୱଧାମକୁ ଗମନ କଲେ, ଆମ୍ଭେମାନେ ତାଙ୍କର ଯଶୋକୀର୍ତ୍ତି ଗାନ କରି ଆନନ୍ଦ ଲହରୀରେ କାଳକ୍ଷେପଣ ପୂର୍ବକ ତାଙ୍କ ଆଗମନ ପ୍ରତୀକ୍ଷାରେ ବର୍ଷକ ନିମନ୍ତେ କର୍ତ୍ତବ୍ୟ କାର୍ଯ୍ୟ କରିବା ପାଇଁ ଗ୍ରାହକ, ପାଠକ ଓ ବନ୍ଧୁବର୍ଗଙ୍କ ନିକଟରେ ଉପସ୍ଥିତ ହୋଇ ବିଜୟାର ଆଲିଙ୍ଗନ ସହିତ ଅଭିବାଦନ କରୁଅଛୁଁ । ମା ଆନନ୍ଦମୟୀ ଆମ୍ଭମାନଙ୍କ ମନର ବଳ ଗ୍ରାହକ, ପାଠକ, ଅନୁଗ୍ରାହକ ଓ ବନ୍ଧୁବର୍ଗେ ଉତ୍ସାହ ଓ ସାହସ ପ୍ରଦାନ କଲେ ଆମ୍ଭେମାନେ ଆଶା କରୁଁ ଆମ୍ଭମାନଙ୍କର କର୍ତ୍ତବ୍ୟ କାର୍ଯ୍ୟ ସମ୍ପାଦିତ ହେବା ପକ୍ଷରେ କୌଣସି ବାଧା ବିଘ୍ନ ଘଟିବ ନାହିଁ । ଆମ୍ଭମାନଙ୍କର ପ୍ରାର୍ଥନା ଆନନ୍ଦମୟୀ କୃପାକରି ଆମ୍ଭମାନଙ୍କର ସହାୟ ହେଉନ୍ତୁ ।

---

ଜୟପୁର ଅଞ୍ଚଳରେ କଷ୍ଟ ବଢ଼ି ଉଠା ଦେଖାଯିବାରୁ ଅନ୍ନ ଛତ୍ର କରାଯାଇ କେବଳ ଉକ୍ତ କାର୍ଯ୍ୟଦ୍ୱାରା ସାହାଯ୍ୟ ଦିଆଯାଉଅଛି ।

---

ଓଲ୍ଡବାଡିଅରେ ଅଳ୍ପଦିନ ହେଲା ଏକ ବ୍ୟକ୍ତିର ଦୋକାନ ଘରେ ଚୋରମାନେ ପଶି ଦୋକାନରେ ଶୋଇଥିବା ତିନିଜଣ ଲୋକଙ୍କୁ ବାନ୍ଧି ପକାଇ ପ୍ରାୟ ଅଢ଼େଇ ହଜାର ଟଙ୍କାର ଦ୍ରବ୍ୟ ନେଇ ଚାଲି ଗଲେ । ପୁଲିସ ଅନୁସନ୍ଧାନରେ ଦୁଇଜଣ ଚୌକିଦାରଙ୍କ ଉପରେ ସନ୍ଦେହ ହେବାରୁ ସେମାନେ ଧରା ହୋଇ ଅଛନ୍ତି । ଖୋଜିଲେ ଏପରି ଚୌକିଦାର ଅନେକ ସ୍ଥାନରେ ମିଳିବେ ମାତ୍ର ଦେଖନ୍ତି କିଏ ?

---

ଏ ନଗରରେ ସ୍ଥାପିତ ଓଡ଼ିଶା ସଂସ୍କୃତ ସମିତିର ସଭାପତି ଶ୍ରୀଯୁକ୍ତ ପାର୍ଜିଟର ସାହେବ ସମିତିର କାର୍ଯ୍ୟ ନିର୍ବାହାର୍ଥ ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି ଅବଶ୍ୟ ଅର୍ଥ ବିନା କାର୍ଯ୍ୟ ନିର୍ବାହ ହେବା ଅସମ୍ଭବ ଅସ୍ଥିର ସାହାଯ୍ୟ ଉପରେ ନିର୍ଭର କରି ରହିବା ମଧ୍ୟ ଭଲ ନୁହେ । ଯେପରି ସ୍ଥାୟୀ ସାହାଯ୍ୟ ସଂଗୃହୀତ ହେବ ଏବଂ ଯଥା ସମୟରେ ଦେବା ଆଦାୟ ହେବ ତହିଁର ଉପାୟ କରିବା ପ୍ରତି ସମିତିର ମନୋଯୋଗୀ ହେବା ଆବଶ୍ୟକ ।

---

ହାଉଡ଼ା ଡିଷ୍ଟ୍ରିକ୍ଟର ଅମରାଗୋଶୀର ବାବୁ ଈଶ୍ୱରଚନ୍ଦ୍ର ହାଜରା ତାଙ୍କ ଗ୍ରାମରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ସ୍ଥାପନ ନିମନ୍ତେ ଟ ୧୨୦୦୦ ଙ୍କାର ଗଭର୍ଣ୍ଣମେଣ୍ଟ ପ୍ରମିସରିନୋଟ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟଙ୍କ ନିକଟରେ ପ୍ରଦାନ କରିଅଛନ୍ତି ଓ ମଧ୍ୟ ଉପଯୁକ୍ତ ପକ୍କାଗୃହ ନିର୍ମାଣର ଅଧିକା ଖର୍ଚ୍ଚ ବହନ କରିଅଛନ୍ତି । ଛୋଟଲାଟ ବାହାଦୁର ଉକ୍ତ ଦାନ ଗ୍ରହଣ କରି ବାବୁଙ୍କ, ତାଙ୍କର ସାଧୁ ଗୁଣ ଉତ୍ସାହ ଓ ଦାନଶୀଳତା ନିମନ୍ତେ ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

---

ଗତ ବନ୍ୟା ହେତୁ କଟକ ଅଞ୍ଚଳରେ ବିଶେଷତଃ ଗଡ଼ର ଚତୁର୍ଦ୍ଦିଗ ଦୁଇକ୍ରୋଶ ମଧ୍ୟରେ ପ୍ରଜାଙ୍କର ନିତାନ୍ତ ଦୁରବସ୍ଥା ଘଟିବା ଏବଂ ଅନେକ ଲୋକ ଅନାହାରରେ ରହିବାର ଦେଖି ଆଳିର ରାଜା ଗତ ସେପ୍ଟେମ୍ବର ମାସ ମଧ୍ୟଭାଗରେ ଗଡ଼ ମୁକାମରେ ଗୋଟିଏ ଅନ୍ନଛତ୍ର ବସାଇ ସାହାଯ୍ୟ ଦେବା ଦ୍ୱାରା ଯଥାର୍ଥ ପ୍ରଜାବତ୍ସଳତାର ସୁନ୍ଦର ପରିଚୟ ଦେଇ ଅଛନ୍ତି । ଅନ୍ନ ଛତ୍ର କେବଳ ଅକ୍ଷମ ବ୍ୟକ୍ତିଙ୍କ ସାହାଯ୍ୟ ନିମିତ୍ତ ହୋଇଅଛି ଯେଉଁମାନେ କାର୍ଯ୍ୟ କ୍ଷମ ସେମାନଙ୍କ ସାହାଯ୍ୟ ନିମନ୍ତେ ଡିଷ୍ଟ୍ରିକ୍ଟବୋର୍ଡ଼ ସଡ଼କ କାମ ଲଗାଇ ଦେଇ ଅଛନ୍ତି ।

---

ସରକାରୀ ଷ୍ଟେସନରୀ ମହକୁମାର ଗତ ବାର୍ଷିକ ବିବରଣରେ ଆନନ୍ଦସହିତ ପାଠ କଲୁଁ କି ବିଲାତି ଜିନିଷ ବଦଳରେ ଦେଶୀୟ ଜିନିଷ ବ୍ୟବହାର କରିବା ଦ୍ୱାରା ଏବଂ କାଗଜର ଖରଚ କିଛି ଉଣା ହେବା ଦ୍ୱାରା ଏକା ବଙ୍ଗଦେଶରେ ଦେଢ଼ ଲକ୍ଷ ଟଙ୍କା ଖରଚ ଉଣା

Digitized by srujanika@gmail.com

Split by PDF Splitter



ପଡ଼ଅଛି । କାଗଜ ଅର୍ଦ୍ଧେ ବିଲାତରୁ ଆମଦାନି ହେଉ ନାହିଁ ଏବଂ ଦେଶୀୟ ନଖଚଣି ମମଛାମା ଛୁରୀ ସିହାଇ ଇତ୍ୟାଦି ମଧ୍ୟ ବ୍ୟବହାର ହେଉଅଛି । ସରକାରଙ୍କର ଦେଶୀୟ ଦ୍ରବ୍ୟ ପ୍ରତି ଯେପରି ଆଗ୍ରହ ବଢ଼ୁଅଛି ଦେଶୀୟ ଲୋକଙ୍କର ସେହିପରି ବଢ଼ିଲେ ପରମ ମଙ୍ଗଳ ହେବ ।

— * —

ପାଠକମାନଙ୍କୁ ଜଣାଅଛି ଯେ ଆଗାମୀ ଡିସେମ୍ବର ମାସ ଶେଷ ସପ୍ତାହରେ ମହାସମିତିର ଅଧିବେଶନ ମାନ୍ଦ୍ରାଜ ନଗରରେ ହେବାର ସ୍ଥିର ହୋଇଅଛି । ଏହି ଅଧିବେଶନ ବ୍ୟୟନିର୍ବାହାର୍ଥ ମାନ୍ଦ୍ରାଜର କାର୍ଯ୍ୟକାରୀ ସଭା ଧନି ଲୋକଙ୍କଠାରୁ ଦେବା ସଙ୍ଗ୍ରହ ଛଡ଼ା ଦ୍ୱାରେ ଦ୍ୱାରେ ଭିକ୍ଷା କରିବାର ବ୍ୟବସ୍ଥା କରି ଅଛନ୍ତି । ଉକ୍ତ ପ୍ରଦେଶର ସହର ମୋଫସଲ ପ୍ରତ୍ୟେକ ସ୍ଥାନରେ ଶାଖା କମେଟୀମାନ ଗଠିତ ହୋଇ ଅଛି ଏବଂ ଦ୍ୱାରେ ଦ୍ୱାରେ ଭିକ୍ଷା କରିବା ଦ୍ୱାରା ଏଥିମଧ୍ୟରେ କଏହଜାର ଟଙ୍କା ସଂଗୃହୀତ ହେବାର ଶୁଣାଯାଏ । ଦ୍ୱାରେ ଦ୍ୱାରେ ଭିକ୍ଷା କରିବାର ତାତ୍ପର୍ଯ୍ୟ ଏହିକି ସର୍ବ ସାଧାରଣ ମହାସମିତିର କଥା ଜାଣିପାରିବେ ଏବଂ ସମସ୍ତଙ୍କର ସହାନୁଭୂତି ଥିବାର ପ୍ରକାଶ ପାଇବ ।

———

ଖଣ୍ଡପଡ଼ା ପୁଲିଶ ଷ୍ଟେସନର ସବଇନସ୍ପେକ୍ଟର ଲେଖି ଅଛନ୍ତି ଯେ ଗତମାସ ତା ୩୦ ରିଖରେ ଗୋଟାଏ ହନୁମାନ ଷ୍ଟେସନରେ ଉପସ୍ଥିତ ହୋଇ, କେହି ଅସ୍ତ୍ର ଦ୍ୱାରା ତାହାର ଦକ୍ଷିଣ ଗୋଡ଼ ଏବଂ ଲାଙ୍ଗୁଳରେ ଆଘାତ କରିଥିବାରୁ ଅତ୍ୟନ୍ତ ପୀଡ଼ିତ ଥିବାର ଇଙ୍ଗିତ ଦ୍ୱାରା ପର୍ଯ୍ୟାପକର ତଦାରଖ ଚାହିଁବାରୁ ସବଇନସ୍ପେକ୍ଟର ମହାଶୟ ତଦାରଖରେ ନିଯୁକ୍ତ ହୋଇଅଛନ୍ତି । ତଦନ୍ତର ଫଳ ଏପରେ ଜଣାଇବେ, ମର୍କଟହସ୍ପିଟାଲ ନ ଥିବାରୁ ତାହାକୁ ଥେପାଙ୍ଗଣରେ ରଖି ଡାକ୍ତର ଦ୍ୱାରା ଚିକିତ୍ସା କରାଉ ଅଛନ୍ତି । ସବଇନସ୍ପେକ୍ଟରଙ୍କ କର୍ତ୍ତବ୍ୟ ପରାୟଣତା ଅବଶ୍ୟ ପ୍ରଶଂସନୀୟ ଅଟେ । ଯେତେବେଳେ ଆସାମୀ ଗ୍ରେପ୍ତାର ହୋଇ ସରକାରୀ ଅଦାଲତରେ ମୋକଦ୍ଦମାର ବିଚାର ହେବ ସେତେବେଳେ ଦେଖିବାର ବଡ଼ କଉତୁକ ହେବ ।

———

ସ୍ଥାନାନ୍ତରେ ପ୍ରକାଶିତ ଇଂରାଜୀ ପତ୍ରରୁ ପାଠକମାନେ ଦେଖିବେ ଯେ ଏଠାର ଦେଶୀୟ ଖ୍ରୀଷ୍ଟିୟାନ ମଣ୍ଡଳୀ ଆପଣାମାନଙ୍କର ଅଭାବ ମୋଚନ ଓ ଉନ୍ନତି ସାଧନାର୍ଥ ଆପଣା ମଧ୍ୟରେ ଏକ ସଭା ସ୍ଥାପନ କରିଅଛନ୍ତି । ଧାର୍ଯ୍ୟ ହୋଇଥିବା ପ୍ରସ୍ତାବମାନଙ୍କରୁ ପ୍ରକାଶ ଯେ ନୈତିକ ଏବଂ ସାମାଜିକ ଉନ୍ନତି ବିଧାନ ଏଥିର ମୁଖ୍ୟ ଉଦ୍ଦେଶ୍ୟ ଅଟଇ । ବର୍ତ୍ତମାନ ଦେଶୀୟ ଖ୍ରୀଷ୍ଟିୟାନ ମଣ୍ଡଳୀ ମଧ୍ୟରେ ଯେପରି ନୈତିକ ଏବଂ ସାମାଜିକ ଉନ୍ନତିର ବିପରୀତ ଭାବ କେତେ କେତେ ଦେଖା ଯାଉଥିଲା ତାହା ଏଥିଦ୍ୱାରା ଅନ୍ତର୍ହିତ ହେବା ପକ୍ଷେ ଆଉ ସନ୍ଦେହ ନାହିଁ ଏବଂ ଯେତେବେଳେ ସଭା ଆମ୍ଭମାନଙ୍କର ବିଶେଷ ପରିଚିତ ସୁଯୋଗ୍ୟ ବାବୁ ମଧୁସୂଦନ ଦାସଙ୍କୁ ସଭାପତି ପଦରେ ବରଣ କରି ଅଛନ୍ତି ସେତେବେଳେ ଯେ ସଭାର ସାଧୁ ଉଦ୍ଦେଶ୍ୟ ଅଚିରେ ଫଳବାନ୍ ହେବ ଏହା ବୋଲିବା ଅଧିକ ।

———

ଯେପରି ଗୋବିଜ ଟୀକାଦ୍ୱାରା ବସନ୍ତ ରୋଗ ନିବାରଣ ହୁଅଇ ସେହିପରି ଔଷଧ ବିଶେଷର ଟୀକାଦ୍ୱାରା ଓଲାଉଠା ରୋଗ ନିବାରଣର ଉପାୟ ଜଣେ ରୁଷିୟ ଡାକ୍ତର ବାହାର କରି ଅଛନ୍ତି ଏବଂ ଭାରତବର୍ଷର କେତେକ ସ୍ଥାନରେ ତହିଁର ପରୀକ୍ଷା ହେଉଅଛି । କଲିକତା ମିଉନିସିପାଲିଟୀ ଏହି ପରୀକ୍ଷା ନିମନ୍ତେ ସାଢ଼େ ସାତହଜାର ଟଙ୍କା ମଞ୍ଜୁର କରିଅଛନ୍ତି । ଲକ୍ଷ୍ନୌର ଏକ ଗୋରାପଲଟନର ଜ ୧୩୦ ଣ ସିପାହିଙ୍କୁ ସେହି ଟିକା ଦିଆ ଯାଇଥିଲା ମାତ୍ର ଏଥିମଧ୍ୟରେ ସେହି ପଲଟନର ଜ ୧୪୦ ଣଙ୍କୁ ଓଲାଉଠା ଧରିବାରୁ ସେମାନଙ୍କ ମଧ୍ୟରୁ ଜ ୧୯ ଣ ମରିଗଲେ । ରୋଗିଙ୍କ ମଧ୍ୟରେ ଟୀକା ନେଇଥିବା ବ୍ୟକ୍ତି ଜ ୧୭ ଣ ଥିଲେ ଏବଂ ସେମାନଙ୍କ ମଧ୍ୟରୁ ଜ ୧୨ ଣ ମରିଗଲେ । ସୁତରାଂ ଟୀକାର ଫଳ ଭଲ ହେବା ଦୂରେଥାଉ ବରଂ ଟୀକାନେଇ ନଥିବା ବ୍ୟକ୍ତିଙ୍କଠାରୁ ଟୀକା ନେଇଥିବା ବ୍ୟକ୍ତିଙ୍କ ମୃତ୍ୟୁର ଅନୁପାତ ଅଧିକ ହେଲା । କଲିକତା ମିଉନିସିପାଲିଟୀ ଏକଥା ଶୁଣି ଅବଶ୍ୟ ଦୁଃଖିତ ହେବେ । ବାସ୍ତବ ଅନିଶ୍ଚିତ ବ୍ୟାପାରରେ ଟିକସଦାତାଙ୍କ ଅର୍ଥ ବ୍ୟୟ କରିବା ବିଷୟରେ ବିଶେଷ ସାବଧାନ ହେବା ଉଚିତ ।

———

ଢାକାର କମିଶନର ଶ୍ରୀଯୁକ୍ତ ଲଟମାଞ୍ଜନସନ୍ ସାହେବ ସେ ବିଭାଗର ଗତ ବାର୍ଷିକ ବିବରଣୀରେ ପୁଲିଶ ସମ୍ବନ୍ଧରେ ଲେଖି ଅଛନ୍ତି ଯେ ମଇମନସିଂହର ମାଜିଷ୍ଟ୍ରେଟଙ୍କ ମତରେ ସେଠା ପୁଲିଶର ଘୁସ ନେବା ଖ୍ୟାତି ଅବିଚଳିତ ରହିଅଛି ସେ ନିଜେ ଜଣେ ବହୁଦର୍ଶୀ କର୍ମଚାରୀଠାରୁ ଶୁଣିଥିଲେ ଯେ ମଇମନ ସିଂହରେ ଏକ ଜଣ ସବଇନସ୍ପେକ୍ଟରର ଆୟ ମାସକୁ ଟ ୩୦୦୦ ଟଙ୍କା ଲେଖାଏ ଅଟେ । ଅଳ୍ପଦିନ ହେଲା ଗୋଟାଏ ଦେୱାନୀ ମୋକଦ୍ଦମାରେ ଏକ ମୁନସିପଙ୍କଠାରେ ପ୍ରମାଣ ହେଲା ଯେ ସେଠା କୋର୍ଟ ସବଇନସ୍ପେକ୍ଟର ଟ ୨୦୦୦ ଟଙ୍କା ଘୁସ ନେଇ ଥିଲେ ଏ ସବୁ ଘଟିବାର କାରଣ ପୁଲିଶ ବିଭାଗର ତତ୍ତ୍ୱାବଧାନର ଶିଥିଳତା ଅଟେ । ମାନ୍ୟବର ଛୋଟଲାଟ ବ୍ୟସ୍ତ ହୋଇ କହି ଅଛନ୍ତି କମିଶନର ସାହେବ ପୁଲିଶ ଇନସ୍ପେକ୍ଟର ଜେନେରେଲ ଅନୁରୋଧ କଲେ ସେ ଶୀଘ୍ର ଉପାୟ ଅବଲମ୍ବନ କରିବେ । ଆମ୍ଭମାନଙ୍କ ବିବେଚନାରେ ପୁଲିସ ସୁପ୍ରିଣ୍ଟେଣ୍ଡେଣ୍ଟମାନେ ସୁଯୋଗ୍ୟ ନ ହେଲେ ଓ ମାଜିଷ୍ଟ୍ରେଟମାନେ ପୁଲିଶ ଉପରେ ତୀକ୍ଷ୍ଣ ଦୃଷ୍ଟି ନ ରଖିଲେ କିଛି ଫଳ ହେବ ନାହିଁ । ଘୁସଖୋର ପୁଲିଶ କର୍ମଚାରୀ ଏକା ମଇମନ ସିଂହରେ ଅନେକ ସ୍ଥାନରେ ଅଛନ୍ତି । ମାତ୍ର ସେମାନଙ୍କୁ ଧରୁଛି କିଏ ?

———

ଜାପାନ ଓ ଚୀନର ଯୁଦ୍ଧ କ୍ରମଶଃ ଘୋରତର ହେବାକୁ ଆରମ୍ଭ ହୋଇଅଛି । ଚୀନ ପ୍ରଥମରେ ଜାପାନକୁ ହରାଇ ଥିବାରୁ ଯୁଦ୍ଧର ଶେଷ ଶୀଘ୍ର ହେବା ଆଶା ହେଉଥିଲା କିନ୍ତୁ ଜାପାନ ଚୀନର ସୈନ୍ୟମାନଙ୍କୁ କ୍ରମଶଃ ଘଉଡ଼େଇ ନେଇ ଯିବାରେ ଯୁଦ୍ଧ କିଛିଦିନ ସ୍ଥାୟୀ ହେବାର ବୋଧ ହେଉଅଛି । ଜାପାନ ଧୀରେ ଧୀରେ ଗୋଟିଏ ଗୋଟିଏ ଗ୍ରାମ ଅଧିକାର କରୁଛନ୍ତି । ଜାପାନ ଅଗ୍ରସର ହୋଇ କର୍ଦ୍ଦମରେ ୟାଲୁ ନଦୀ ଅତିକ୍ରମ କରିଅଛନ୍ତି । ନଦୀର ଅପର ପାର୍ଶ୍ୱରେ ଏକ ଯୁଦ୍ଧ ଘଟିବାର ଆଶଙ୍କା ଜାତ ହୋଇଅଛି । ୯୦୦୦ ଜାପାନ ସୈନ୍ୟ ଚମ୍ପୋଲରେ ଉପସ୍ଥିତ ହୋଇଥିଲେ ସେମାନଙ୍କ ମଧ୍ୟରୁ ୪୦୦୦ ସୈନ୍ୟ ସିଓଲକୁ ପ୍ରେରିତ ହୋଇଛନ୍ତି । ଆଶଙ୍କା ଉପସ୍ଥିତ କୋରିଆବାସୀମାନେ ଜାପାନ ବିରୁଦ୍ଧରେ ଦଣ୍ଡାୟମାନ ହେବେ କିନ୍ତୁ ଜାପାନ ସୈନ୍ୟାଧ୍ୟକ୍ଷ କୋରିଆବାସୀମାନଙ୍କ ସହିତ ଶାନ୍ତି ସ୍ଥାପନରେ ଚେଷ୍ଟିତ ଅଛନ୍ତି । ଯୁଦ୍ଧ ସମୟରେ ମଧ୍ୟ ଧନଲୋଭ ନିରୁଦ୍ଦେଶ ହୋଇ ନାହିଁ ଚୀନର ପ୍ରତିନିଧିଙ୍କ ବାରୁଦ ଓ ବନ୍ଧୁକ ଯୋଗାଇବାର ଭାର ଗ୍ରହଣ କରିଥିଲେ କିନ୍ତୁ ସେ କଷ ସଲଫଲ ବନ୍ଧୁକ ଯୋଗାଇ ଉତ୍ତମ ଜିନିଷ ଉଚିତ ମୂଲ୍ୟ ଦରରେ ଜସି. କେକେ

Digitized by srujanika@gmail.com

ମୂସାରୁ କରିବାକୁ ପ୍ରଭୃତି ଯେଉଁ ଜନଙ୍କୁ ଅନେକ ହୋଇଥିଲେ ପ୍ରତ୍ୟେକ ତାଙ୍କର ସ୍ତୁତିକୁ ଦେଖି ଗଡରେ କର୍ଣ୍ଣରଭ ହୋଇ ଏକ ଗୃହଦ୍ୱାରେ ଲାଗି ମୁଖରୁ ବହିସ୍କୃତ କର ଦେଇ ଥିଲେ । ଜର କ ମୋହିନୀ ଶକ୍ତି ।

—*—

## କଟକରେ ଦୁର୍ଗାପୂଜାର ସମାରୋହ ।

ଏ ନଗରରେ ଏ ପର୍ବ ଏକପ୍ରକାର ସୁଖ-ଦୁଃଖରେ ନିର୍ବାହିତ ହେଲା । ନଗରେ ବେଶି ଜଳ ଥିବାରୁ ଅଥବା ମହାର୍ଘ୍ୟ ହେତୁ ପଇ-ସାର ବଳ ନ ଥିବାରୁ ମୋଫସଲ ଦର୍ଶକ ସଂଖ୍ୟା ପୂର୍ବବର୍ଷଠାରୁ ଊଣା ହୋଇଥିଲା । ପୁଲିସ ଶାନ୍ତିରକ୍ଷା ପକ୍ଷରେ ବିଶେଷ ଯତ୍ନବାନ୍ ଥିବାରୁ କୌଣସି ଦୁର୍ଘଟନା ଘଟି ନାହିଁ ।

ପ୍ରତିମା ୩୩ ମେଢ଼ ମଧ୍ୟରୁ ଦୁର୍ଗାଙ୍କମେଢ଼ ୨ କାଳୀ ମେଢ଼ ୨୨ ଗୋଟିଥିଲା ।

୨ ଗୋଟି ଦୁର୍ଗାମେଢ଼ ମଧ୍ୟରୁ ବିନୋଦବି-, କାଜିବଜାର ଓ ଗୃହକାଟୋଳ ଏହି ୩ ର ସାଜସଜ୍ଜା ଉତ୍ତମ ଥିଲା ।

ାଳୀପ୍ରତିମା ମଧ୍ୟରେ ବାବୁ ଦୁର୍ଗାପ୍ରସାଦ ଗତଙ୍କର ନୃସିଂହ ମେଢ଼ ଅତ୍ୟନ୍ତ ଉତ୍କୃଷ୍ଟ ହୋଇ ଥିଲା ଅଥଚ ପୂର୍ବେ ସେହି ମେଢ଼ରେ ଗଣେଶ ପୂଜା ହୋଇଥିଲା । ମଙ୍ଗଳାବାଗର ଦ୍ୱାରିକାଡ଼ିଙ୍କ ବଗଲା ମେଢ଼ ମଧ୍ୟ ମନ୍ଦ ନ ଥିଲା । ଚୌଧୁରୀବଜାର ହାଟର ମହାଦେବ ମେଢ଼ ସୁଦୃଶ୍ୟ ହୋଇଥିଲା । ୧ାଲବଜାରସ୍ଥ ପାଲବନ୍ଧୁ-ସାନ୍ଧଙ୍କ ଲାଗସଂଯୁକ୍ତ କାଳୀୟଦଳନ ମେଢ଼ରେ ଦୁଇଗୋଟି ସଖି ନୃତ୍ୟ କରୁଥିବା ଦେଖିବାକୁ ପ୍ରୀତିକର ହୋଇଥିଲା । ବକ୍ସିବଜାର ସଦାଶିବ କର ଶରୀର ଅସୁଖ ଥିବାରୁ ସେ ପ୍ରତିବର୍ଷ ଯେମନ୍ତ ନୂତନ ନୂତନ ଦୃଶ୍ୟ ଦେଖାଇ ସାଧାରଣ-ଙ୍କର ମନୋରଞ୍ଜନ କରୁ ଥିଲେ ଏବର୍ଷ ତେମନ୍ତ କିଛି ହୋଇ ନ ଥିଲା । ସୁତରାଂ ତା-ଙ୍କପାଇଁ ଲୋକେ ଦୁଃଖ ପ୍ରକାଶ କରୁଥିଲେ ।

---

## ଓଡ଼ିଶା ସାହିତ୍ୟବିଭାଗର ବିବରଣ ।

ପୂର୍ବେ ବିଭାଗୀୟ କମିଶନରମାନଙ୍କ ବାର୍ଷିକ ବିବରଣର ପ୍ରଧାନ ବିଷୟମାନ ସଂକ୍ଷେପରେ ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟ ଆପଣା ମନ୍ତବ୍ୟ-ସହିତ ପ୍ରକାଶ କରୁଥିଲେ । ଏବର୍ଷ କମିଶନ-ରମାନଙ୍କର ବାର୍ଷିକ ବିବରଣ ସମ୍ପୂର୍ଣ୍ଣରୂପେ ଏବଂ ତହିଁସଙ୍ଗେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ମନ୍ତ୍ର ନିର୍ଦ୍ଧାରଣ କଲିକତାଗେଜେଟରେ ପ୍ରକାଶିତ ହେବାର ଆରମ୍ଭ ହୋଇଅଛି । ଏଥିରେ ଗେଜେଟର କଳେବର ବୃଦ୍ଧି ହେଲେହେଁ ସର୍ବସାଧାରଣଙ୍କର ପ୍ରତ୍ୟେକ ବିଭାଗର ବିସ୍ତା-ରିତ ବିବରଣ ଜାଣିବାର ସୁବିଧା ହୋଇଅଛି ।

ଶ୍ରୀଯୁକ୍ତ ନୋଲାନ ସାହେବ ବର୍ତ୍ତମାନ ରାଜ-ସାହି ବିଭାଗର କମିଶନର ଏବଂ ସେ ବଙ୍ଗାଳ-ସିଭିଲିୟାନଙ୍କ ମଧ୍ୟରେ ଜଣେ ସୁଯୋଗ୍ୟ ଏବଂ ବହୁଦର୍ଶୀ କର୍ମଚାରୀ ଅଟନ୍ତି । ଆପଣା ବିଭାଗର ଗତ ବାର୍ଷିକ ବିବରଣୀରେ କେତେଗୁଡ଼ିଏ ବିଷ-ୟରେ ସେ ଯେଉଁ ମୂଲ୍ୟବାନ୍ ମତ ନିରପେକ୍ଷ-ଭାବରେ ପ୍ରକାଶ କରିଅଛନ୍ତି ପାଠକମାନଙ୍କୁ ତାହା ଉପହାର ନ ଦେଇ ରହି ପାରିଲୁଁ ନାହିଁ । ପୁଲିସସମ୍ବନ୍ଧରେ ସେ ଲେଖିଅଛନ୍ତି କି ଗବର୍ଣ୍ଣମେଣ୍ଟଙ୍କ ସକଳ ବିଭାଗରେ ଉନ୍ନତି ଦେଖାଯାଏ ମାତ୍ର ପୁଲିସବିଭାଗରେ ତାହା ଅଦ୍ୟାବି ଜଣାପଡୁ ନାହିଁ । ପୁଲିସ କର୍ମଚାରୀମାନଙ୍କ ଦଣ୍ଡ ଓ ପଦୋନ୍ନତିର ବ୍ୟବସ୍ଥା ଅନ୍ୟ ସମସ୍ତ ମହକୁମାରୁ ସ୍ୱତନ୍ତ୍ର ଅଟେ । ସାମାନ୍ୟରୁ କ୍ରମେ କ୍ରମେ ଉଚ୍ଚପଦକୁ ଉଠିଥିବା ଏକ ଏକ ପୁଲିସ କର୍ମଚା-ରୀର ଦଣ୍ଡର ଲିପିମାନ ପଢିଲେ ଅନେକ ସମୟରେ ମନେ ହୁଏ କୌଣସି ବିଖ୍ୟାତ ଅପ-ରାଧୀର ଇତିହାସ ପଢ଼ାଯାଉଅଛି ।

ବନ୍ଦୋବସ୍ତ କାର୍ଯ୍ୟରେ ଅପରିଣତ ବୟସର ସବ୍‌ଡେପୁଟୀମାନେ ନିଯୁକ୍ତ ହେବାର ଦେଖି ସେ କହିଅଛନ୍ତି କି ଏହି ଶ୍ରେଣୀର କର୍ମଚାରୀ-ମାନଙ୍କୁ ଛୋଟ ଛୋଟ ମୋକଦମାର ବିଚାର କାର୍ଯ୍ୟରେ ନିଯୁକ୍ତ କରିବା ଉଚିତ । ବନ୍ଦୋବସ୍ତ ପରି ଗୁରୁ-ତର ବ୍ୟାପାର କି ଯହିଁରେ ଉଚିତ କର ଧାର୍ଯ୍ୟ କରିବା କଠିନ କାର୍ଯ୍ୟ ଅଟେ ତହିଁ ନିମନ୍ତେ ଅଧିକ ବହୁଦର୍ଶିତାର ଆବଶ୍ୟକ ରଖେ ।

କାଞ୍ଜିହାଉସ ସମ୍ପର୍କରେ ସେ କହିଅଛନ୍ତି କି କାଞ୍ଜିହାଉସମାନ ଇଜରା ହେବାର ମନ୍ଦଫଳ, ଯଥା, ଫିସ ପାଇବା ଅଭିପ୍ରାୟରେ ଅନ୍ୟାୟରୂପେ ପଶୁମାନ ଧରନେବା, ଅଧିକା ଫିସ ଅଦାୟ କରିବା, ପଶୁମାନଙ୍କୁ ଆହାର ଯୋଗାଇବାରେ ତ୍ରୁଟି କରିବା ଇତ୍ୟାଦି ଅମ୍ଭ ବିବେଚନାରେ ଏତେ ଗୁରୁତ୍ତ୍ୱ ଯେ ଇଜରା ଦ୍ୱାରା ଅଧିକ ଅର୍ଥାଗମର ଯୁକ୍ତି ତଦପେକ୍ଷା ଗୁରୁତର ହୋଇ ନ ପାରେ । ବେତନ ଦେବାଦ୍ୱାରା ଯୋଗ୍ୟ କାଞ୍ଜିହାଉସରକ୍ଷକ ନିଯୁକ୍ତ କରିବା ଏବଂ ତାହାର ହିସାବାଦି ପରୀକ୍ଷା କରିବାର ଅଧିକ ସୁବିଧା ଥିଲା ।

ଫେର ସାହେବଙ୍କୁ ଲକ୍ଷ କର ସେ କହୁଅଛନ୍ତି କି ଏହାଙ୍କୁ ସାଧାରଣ ତାର୍ଯ୍ୟ ଅପେକ୍ଷା ଟିକସ ଆଦା-ୟର ଗୋଟିଏ ଉପାୟସ୍ୱରୂପ ବିବେଚନା କରିବାର ପ୍ରବୃତ୍ତି ଅଧିକ ଦେଖାଯାଏ । ଖା-ସରେ ଘାଟ ପାର କାର୍ଯ୍ୟ ନିର୍ବାହ କଲେ ଗୃହ-ରମାନଙ୍କ ଆମଦାନୀ ହିସାବ ବୁଝିବା ଅସାଧ୍ୟ ମାତ୍ର ପକ୍ଷାନ୍ତରେ ଇଜରା ଦେଲେ ଇଜରାଦାର ବଳ ନୌକା ରଖିବାକୁ ଦାୟୀ ଏ କଥାପ୍ରତି ଅନେକସ୍ଥଳେ ଦୃଷ୍ଟି ରଖାଯାଏ ନାହିଁ । ଜିଲ୍ଲା-ବୋର୍ଡ ଉପଯୁକ୍ତ ନୌକା ଯୋଗାଇ କେବଳ ତାହା ଚଳାଇବାର କାର୍ଯ୍ୟ ଇଜରା ଦେବା ଉଚିତ ।

ମାନ୍ୟବର ବଙ୍ଗୀୟ ଲେଫ୍ଟେନାଣ୍ଟ ଏହି ବାର୍ଷିକ-ବିବରଣ ନିମନ୍ତେ ଶ୍ରୀଯୁକ୍ତ ନୋଲାନ ସାହେବଙ୍କୁ ବିଶେଷ ପ୍ରଶଂସା କରି ଜିଲ୍ଲା କଲେକ୍ଟରମାନଙ୍କ ଏହା ମନୋଯୋଗ ସହିତ ପଢ଼ିବାର ଉପଦେଶ ଦେଇଅଛନ୍ତି ଏବଂ ତାହାଙ୍କ କେତେଗୁଡ଼ିଏ ପ୍ରସ୍ତାବରେ ଐକ୍ୟ ହୋଇ ତଦନୁସାରେ କାର୍ଯ୍ୟ କରିବାର ଆଦେଶ ଦେଇଅଛନ୍ତି । ସର୍ବଥା ଏହି ଆଦେଶମାନ ପ୍ରତିପାଳିତ ହେବାର ଦେଖିଲେ ଆମ୍ଭେମାନେ ଆନନ୍ଦିତ ହେବୁଁ ।

—†—

## ଓଡ଼ିଶାର ଲବଣବିଭାଗ

ବଙ୍ଗପ୍ରଦେଶର ଗତବର୍ଷର ଲବଣମହକୁ-ମାର ବାର୍ଷିକବିବରଣ ପ୍ରତି ବଙ୍ଗୀୟଲେଫ୍ଟେନାଣ୍ଟ ଯେଉଁ ମନ୍ତବ୍ୟ ପ୍ରକାଶ କରି ଅଛନ୍ତି ତହିଁରେ ଓଡ଼ିଶାର ଲବଣମହକୁମା ସମ୍ବନ୍ଧରେ ଲେଖି ଅଛନ୍ତି କି ଏ ମହକୁମାର ଆୟ ଦୁଇଲକ୍ଷ ୧୭ ହଜାର ଟଙ୍କାରୁ ୭୭ ହଜାରକୁ ଓହ୍ଲାଇ ଆସିଅଛି । ସ୍ଥାନୀୟ ପୋକ୍ତାନ ଊଣା ପଡିବା ଏଥିର କାରଣ ଅଟେ । ଏଥିରୁ ପ୍ରକାଶ ଯେ ପୂର୍ବବର୍ଷରେ ୬୨ ହଜାର ମହଣ ପୋକ୍ତାନ ହୋଇଥିବା ସ୍ଥଳେ ଗତବର୍ଷ କେବଳ ୧୫ ହ-ଜାର ମହଣ ପୋକ୍ତାନ ହୋଇଥିଲା । ସୁତରାଂ ପୋକ୍ତାନ ଏକ ଚତୁର୍ଥାଂଶରୁ ଊଣା ହୋଇଥି-ବାସ୍ଥଳେ ଆୟ ସେହି ଅନୁପାତରେ ଊଣା ପଡି-ଅଛି । ଅଥଚ ଏକଲକ୍ଷ ୨୯ ହଜାର ଟଙ୍କା ଅର୍ଥାତ୍ ଆୟର ଦ୍ୱିଗୁଣ ଖରଚ ହୋଇ ଅଛି । ମାନ୍ଦ୍ରାଜ କର୍ତ୍ତୃପକ୍ଷମାନେ କହନ୍ତି କି ଓଡ଼ିଶା ଆମଦାନି ହେବା ଲୁଣ ଉପରେ ସ୍ଥାନାନ୍ତରେ ଯେତେ ମାସୁଲ ଅଦାୟ ହେଲା ସେ ମାସୁଲ ଟଙ୍କାକୁ ଓଡ଼ିଶାର ଆୟମଧ୍ୟରେ ଧରିଲେ ୧୯ ଲକ୍ଷ ଟଙ୍କା ଆୟ ହେବାର ଜଣାଯିବ ମାତ୍ର

Split by PDF Splitter
Digitized by srujanika@gmail.com

ମାଜ୍ୟବରଷ୍ଟେଲଙ୍କ ବାହାଦୁର ଏ ଯୁକ୍ତି ଖଣ୍ଡନ କରି ପାରୁ ନାହାନ୍ତି। କାରଣ ରାଜସ୍ୱ ରକ୍ଷା ମହକୁମା ବସିବା ପୂର୍ବେ ଓଡିଶାର ଆମଦାନି ହେବା ଲୁଣର ମାସୁଲ ଅଳ୍ପରେ ଅଦାୟ ହେଉଥିଲା ଏବଂ ସମ୍ପ୍ରତି ତାହା ବୃଦ୍ଧି ହେଲେହେଁ କେବଳ ସ୍ଥାନୀୟ ପୋକ୍ତାନ ଊଣା ପଡିବା ତହିଁର ହେତୁ ଅଟେ। ନଚେତ୍ ଓଡିଶାର ଲବଣ ବିଭାଗ ମାନ୍ଦ୍ରାଜ ବାବୁମାନଙ୍କ ଅଧୀନରେ ରହିବା ପୂର୍ବେ ଯେପରି ଲବଣ ଓଡିଶାରେ ଖରଚ ହେଉଥିଲା ବର୍ତ୍ତମାନ ତହିଁରୁ ଅଧିକ ବୃଦ୍ଧି ହୋଇ ନାହିଁ। ଯଥା ସନ ୧୮୮୬।୮୭ ସାଲରେ ୭ ଲକ୍ଷ ୪୪ ମହଣ ଖରଚ ହୋଇଥିଲା ସନ ୧୮୯୩।୯୪ ସାଲରେ ୭ ଲକ୍ଷ ୫୧ ହଜାର ମହଣ ଖରଚ ହୋଇଅଛି। ପକ୍ଷାନ୍ତରେ ଜଣପ୍ରତି ଲବଣ ଖରଚର ପରିମାଣ ବୃଦ୍ଧି ନ ହୋଇ ବରଂ ଊଣା ହୋଇଅଛି। ଫଳତଃ ପୂର୍ବେ ପୁଲିସ ହାତରେ ଶ୍ୱେତ ଲୁଣ ନିବାରଣର ଭାର ଥିବା ସମୟରେ ସରକାର ଯେତେ ରାଜସ୍ୱ ପାଉଥିଲେ ବର୍ତ୍ତମାନ ପ୍ରାୟ ସେତିକି ପାଉଅଛନ୍ତି। ଓଡିଶାର ଲବଣ ମହକୁମା ମାନ୍ଦ୍ରାଜର ଅଧୀନରେ ରଖିବାର ପ୍ରଧାନ ଉଦ୍ଦେଶ୍ୟ ଏହି ଥିଲା କି ସ୍ଥାନୀୟ ପୋକ୍ତାନ କ୍ରମଶଃ ବୃଦ୍ଧି ହୋଇ ଲୁଣ ଶସ୍ତା ହେବ ମାତ୍ର ଫଳ ଏହି ହେଲା ଯେ ଲକ୍ଷ ୨ ମହଣ ସ୍ଥଳରେ ୧୫ ହଜାର ମହଣ ମାତ୍ର ପୋକ୍ତାନ ହେଲା ଲୁଣର ଗୁଣ ମନ୍ଦ ଓ ଦର ବୃଦ୍ଧି ହେଲା ଜଣ ପ୍ରତି ଖରଚ ଊଣା ପଡଲା ବଜାରଭାଉ ପ୍ରାୟ ସମାନ ରହିଲା ବଙ୍ଗଳାର ଅନ୍ୟାନ୍ୟସ୍ଥାନରେ ପ୍ରଚଳିତ ଦରଠାରୁ ଦର ଅଧିକ ଊଣା ନ ହେଲା ମଲିଙ୍ଗିମାନେ ସରକାରୀ ଦାଦନ ପୁଞ୍ଜି ନ ପାଉଲେ ଏବଂ ବର୍ଷମଧ୍ୟରେ ଗୋଟିଏ ସ୍ୱଳ୍ପ ବସ୍ତୁର ପରିମାଣରେ ଶ୍ୱେତଲୁଣ ପୋକ୍ତାନ କରିବାର ମୋକଦ୍ଦମା ଶୁଣି ପଡଲା ନାହିଁ। ଅନ୍ୟ ଦିଗରେ ସମସ୍ତ ବଙ୍ଗପ୍ରଦେଶରେ ପ୍ରାୟ ଅର୍ଦ୍ଧେ ଇକୋଟି ଟଙ୍କା ରାଜସ୍ୱ ୬୬ ହଜାର ଟଙ୍କା ଖରଚରେ ଆଦାୟ ହୋଇଥିବା ସ୍ଥଳେ ଅନ୍ୟାନ୍ୟ ସ୍ଥାନରେ ଆଦାୟ ହୋଇଥିବା ରାଜସ୍ୱ ଦେଖାଯିଲେ ସୁଦ୍ଧା ଓଡିଶାରେ ୨୦ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରିବାକୁ ୧। ଲକ୍ଷ ଟଙ୍କା ବ୍ୟୟ ହୋଇଅଛି। ଅତଏବ ନିଃସନ୍ଦେହ ଜଣାଯାଉ ଅଛି ଯେ ମାନ୍ଦ୍ରାଜର କାର୍ଯ୍ୟ ପ୍ରଣାଳୀ ଓଡିଶାରେ ବିଫଳ ହୋଇ ଅଛି ଏବଂ ତଳିକା ଦାଢ଼ର ଲବଣ ପୋକ୍ତାନ କାର୍ଯ୍ୟ ମାନ୍ଦ୍ରାଜର ଅଧୀନ ରଖିବା ବାଞ୍ଛନୀୟ ହେଲେ ସୁଦ୍ଧା ଶ୍ୱେତଲୁଣ ପୋକ୍ତାନ ନିବାରଣ ନିମନ୍ତେ ନିମକପୁଲିସ ମହକୁମାରେ ଯେତେ ଟଙ୍କା ବ୍ୟୟ ହେଉଅଛି ତାହା ଅପବ୍ୟୟ ଅଟେ।

ଉପରଲିଖିତ ମନ୍ତବ୍ୟ ଉପରେ ଆମ୍ଭମାନଙ୍କର ଅଧିକ କହିବାର ନାହିଁ। ତହିଁର ପ୍ରତ୍ୟେକ କଥା ଆମ୍ଭେମାନେ ଅନୁମୋଦନ କରୁଁ ଏବଂ ତହିଁ ପାଇଁ ମାନ୍ୟବର ଷ୍ଟେଲଙ୍କୁ ଅନ୍ତରିକ ଧନ୍ୟବାଦ ଦେଉ ଅଛୁଁ। ଓଡିଶାର ଲୁପ୍ତପ୍ରାୟ ଲବଣ ବ୍ୟବସାୟକୁ ଯେବେ ପୁନର୍ଜୀବିତ କରି ଦରିଦ୍ର ଓଡିଶାର ଲକ୍ଷ ୨ ମଲଙ୍ଗିଙ୍କୁ ପାର୍ଦ୍ଧକାଳର ଅସହ୍ୟ ଅନ୍ନକଷ୍ଟରୁ ରକ୍ଷା କରିବାର ଉପାୟ କରି ଦେବେ ତେବେ ସର୍ବ୍ବାନ୍ତଃକରଣରେ ଆମ୍ଭମାନଙ୍କର ଚିରକୃତଜ୍ଞତାର ପାତ୍ର ହେବେ ସନ୍ଦେହ ନାହିଁ। କେବଳ ନିମକ ମହକୁମାର ବ୍ୟୟରେ ସରକାରଙ୍କର କ୍ଷତି ହେଉଅଛି ଏତେ ନୁହେ ପୋକ୍ତାନ ବନ୍ଦହେବା ଯୋଗେ ଦରିଦ୍ରତା ବଢିବାରୁ ସରକାରଙ୍କର ଅନ୍ୟାନ୍ୟ ପ୍ରକାରେ ଅନେକ କ୍ଷତି ହେଉଅଛି ଏବଂ କେତେ ଗରିବ ନିମକପୁଲିସର ଅତ୍ୟାଚାରରେ ଅର୍ଥଦଣ୍ଡ ଓ କାରାଦଣ୍ଡର ଯନ୍ତ୍ରଣା ଭୋଗ କରୁ ଅଛନ୍ତି।

---

# ସାପ୍ତାହିକ ସମ୍ବାଦ।

ଏ ସପ୍ତାହରେ ବୃଷ୍ଟିର ଧାରା କମ ନାହିଁ କହିଲେ ହୁଏ। ଏଥରେ ଉତ ମଙ୍ଗଳବାର ପ୍ରାତଃକାଳରେ ସହର ମୋଫସଲ ପ୍ରାୟ ସବୁ ମୁଷଳଧାରରେ ବୃଷ୍ଟି ହୋଇଅଛି। ଏ ବୃଷ୍ଟି ଧାନପକ୍ଷେ ଅତୀବ ଉପକାର ହୋଇଅଛି। ଅଗ୍ନି ପାଣିର ଦେଖା ନାହିଁ। ଅନାବାଦୀ କେତେକ ଅସବେ ବୃଷ୍ଟି ହେଲେ ଚଷାମାନଙ୍କୁ ଉପକାର ହେବ।

## କଲିକତା-ଗଜେଟ।

ଲିମ୍ନଲିଖିତ କର୍ମଚାରୀମାନେ ଆଗାମୀ ନଭେମ୍ବର ତା ୧ ଠାରୁ ଓଡିଶା ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ହେବା ସକାଶେ ଗଭର୍ଣ୍ଣମେଣ୍ଟର ରେଭେନ୍ୟୁବୋର୍ଡର ଅଧୀନରେ ଅବସ୍ଥାପିତ ହୋଇଛନ୍ତି।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଯାମିନୀମୋହନ ଦାସ

" " " ଉମେଶଚନ୍ଦ୍ର ଦାସ

" " " ହରଶ୍ଚନ୍ଦ୍ର ରାୟ

" " " ଶ୍ରୀ ଗୋପାଳ ଚାଟାର୍ଜି

" " " କେଦାରମୋହନ ଘୋଷ

" " " ଭଗବାନ ଘୋଷ

" " " ନିକୁଞ୍ଜ ଗୁପ୍ତ

" " " ଯୋଗେଶ୍ୱର ଦାସ

ଅଫିସିଏଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏଚ୍ ଏଲ୍ ମାଇ ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଉଇଲସନ

" " " ମିଃ ଏଚ, ଏ, ଲଏଡ

ଅଫିସିଏଟିଂ ଜଜ ମିଃ ଅର୍ଣ୍ଣେଷ୍ଟ କାର୍ଡେନ ଡେଃ କଲେକ୍ଟର ବାବୁ ଗିରୀଶଚନ୍ଦ୍ର ଦତ୍ତ

" " " ଅଭୟଚରଣ ଦାସ

" " " ଅମୃତଲାଲ ଗୁପ୍ତ

" " " ହରେକୃଷ୍ଣ ମହାନ୍ତି

" " " ଅନ୍ନଦାଚରଣ ଦାସ

ବାଲେଶ୍ୱରସ୍ଥ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ମୋତିଲାଲ ବସୁ ଓ ବାବୁ କୃଷ୍ଣବିହାରୀ ଗୋସ୍ୱାମୀ ଫୌଜଦାରି ମୋକଦ୍ଦମା ବିଚାରର କ୍ଷମତା ପ୍ରାପ୍ତ ହୋଇଅଛନ୍ତି।

ଡେଃ ମାଃ ଓ ଡେଃ କଃ ବାବୁ କୃଷ୍ଣବିହାରୀ ଗୋସ୍ୱାମୀ ବାଲେଶ୍ୱର କ୍ରିମିନାଲ ୧୮୮୦ ସନ ଆଇନର ୩ ୨ ଧାରା ୪ ଉପଧାରା ଅନୁସାରେ କ୍ଷମତା ପ୍ରାପ୍ତ ହୋଇଅଛନ୍ତି। ପରୀକ୍ଷା ଦେଇ ବାବୁ ଅକ୍ଷୟଚନ୍ଦ୍ର ଦାସ ନଭେମ୍ବର ତା ୧ ରିଖଠାରୁ ଅସ୍ଥାୟୀ ପାଞ୍ଚମ ଶ୍ରେଣୀ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ।

ଓଡିଶାବିଭାଗର ଅଫିସିଏଟିଂ କଲେକ୍ଟର ଓ କର୍ମଚାରୀମାନଙ୍କ ବାର୍ଷିକ ପରୀକ୍ଷା ଆଗାମୀ ମାସ ତା ୧ ରିଖଠାରୁ ଆରମ୍ଭ ହେବ।

ଫର୍ଲୋଗୃହୀତ ଜୁନିୟର ମାଜିଷ୍ଟ୍ରେଟ ଓ କଲେକ୍ଟର, ନାଥ ଦେ ବାଲେଶ୍ୱରର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହୋଇଛନ୍ତି।

ଡେଃ କଲେକ୍ଟର ବାବୁ ଗଙ୍ଗାଗୋବିନ୍ଦ ଦାସ ବାଙ୍ଗାଲା ଆକ୍ଟ, କ୍ରିମିନାଲ ୧୮୮୦ ସାଲର ୩ ୨ ଧାରାର ୪ ଉପଧାରା ଅନୁସାରେ କଲେକ୍ଟରର କ୍ଷମତା ପ୍ରାପ୍ତ ହୋଇଛନ୍ତି।

ଡେଃ ଜେ, ଏସ୍, ମାକଡୋନେଲ୍ଡ କଟକର ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହୋଇଛନ୍ତି।

---

ଢାକା ଅଦାଲତରେ ବର୍ତ୍ତମାନ ଏକ ଅଭୂତ ପ୍ରକାରର ମୋକଦ୍ଦମା ଉପସ୍ଥିତ ହୋଇ ଯାଇଅଛି। ଏକ ବ୍ୟକ୍ତି ଆପଣାର ସ୍ତ୍ରୀକୁ ଘରୁ ବାହାରି ଯିବାକୁ କହିଲା। ସ୍ତ୍ରୀ ଆପଣାର ସ୍ୱାମୀକୁ ଅଭିମାନରେ କହିଲା ଅଥବା ପ୍ରତିଶୋଧ ନେବା ଆଶାରେ ସ୍ୱାମୀ ନାମରେ ଚୋରୀ ଅପରାଧର ନାଲିସ କରି ଦେଲା। ମୋକଦ୍ଦମା ବିଚାରରେ ସ୍ୱାମୀ ଜବାବ ଦେଲା ଯେ ତାହାର ସ୍ତ୍ରୀ ତାହାର ସମ୍ପତ୍ତି ଅଟେ ତେଣୁ ମୀମାଂସା କରିବା ମାନସରେ ଏପରି କରିଅଛି ଏବଂ ସେ ଅପରାଧ ମିଥ୍ୟା ହେବାର ସମ୍ଭାବନା। ସ୍ୱାମୀ ମୁକ୍ତିଲାଭ କଲା। ସ୍ତ୍ରୀ ଫୌଜଦାରୀ ସୋପର୍ଦ୍ଦ ହୋଇ ବିଚାରରେ ଏକମାସ କଠିନ ପରିଶ୍ରମ ସହିତ କାରାଦଣ୍ଡ ଭୋଗ କରୁଅଛି।—ବାହୁଁ ବାହୁଁ ଯାଏ ଯେ।

ଭୂତ୍ତବେଶରେ ସୁବର୍ଣ୍ଣ ଅନ୍ୱେଷଣ କରିବାର ଉଦ୍ୟମ ଚାଲିଅଛି। କେଣେ ଭୂତତ୍ତ୍ୱବିତ୍ କର୍ମଚାରୀ ଏ କାର୍ଯ୍ୟରେ ନିଯୁକ୍ତ ହେବେ।

ସମ୍ବାଦଠାରେ ଅଦ୍ୟାପି ଖ୍ରୀଷ୍ଟିୟାନ ଦସ୍ୟୁମାନ ଉପଦ୍ରବ କରୁଥିବାର ସମ୍ବାଦ ମିଳଇ ଏବଂ ଏହି ଉପଦ୍ରବ ଥମିବ

ଅତ କାଳ ଏଠାରେ ଯାତ୍ରିମାନଙ୍କ ମଧ୍ୟରେ ସମ୍ବଳପୁର, ସୋନପୁର ଏବଂ ଦାକ୍ଷିଣାତ୍ୟ ଯାତ୍ରୀ ସଂଖ୍ୟା ଅଧିକାଂଶ ଅଟେ।

ଦେବୀଙ୍କ ଆଗମନ ସଙ୍ଗେ ମହାଷ୍ଟମୀଦିନଠାରୁ ଓଲଉଠାର ଆଗମନ ହୋଇଅଛି। ସେହି ଦୁଇଦିନ ମଧ୍ୟରେ ଜ ୧୦।୧୨ ଣ ଲକ୍ଷ ଲୋକ ଆକ୍ରାନ୍ତ ହୋଇଥିଲେ। ଅତ କାଳ ମଧ୍ୟ ପ୍ରତ୍ୟହ ଏହାର ସୂଚନ ମିଳିଅଛି। ଏହି ଅସ୍ତୁର କାମୁଦେବପୁର ଗ୍ରାମରେ ଏହି ରୋଗର ବିଶେଷ ପ୍ରାଦୁର୍ଭାବ ହୋଇ ଥିବାର ଶୁଣାଯାଏ।

ଏମାସରେ ବର୍ଷା ପ୍ରାପ୍ତ ନାହିଁ ହେଉଅଛି। ନଦୀ, ଖାଲ, କୂପ, ପୁଷ୍କରିଣୀମାନ ଜଳପୂର୍ଣ୍ଣ ହୋଇଅଛି।

ଗତ ତା ୧୬ ର ଦିନଠାରୁ ସରକାରୀ ଅଫିସମାନ ଏବଂ ତା ୧୭ ରଖଠାରୁ ଜିଲା ସ୍କୁଲ ଦୁର୍ଗାପୂଜା ଛୁଟୀ ପର ଖୋଲ ଅଛି।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ।

ମହାଶୟ!

ନିମ୍ନଲିଖିତ କେତେକ ପଂକ୍ତି ପତ୍ରିକାସ୍ଥ କରି ଚିରବାଧିତ କରାଇବା ହେବେ।

ମୁଁ ଆଜକୁ ପୂର୍ବେ ଏକବରଷ ହେଲା ବଙ୍ଗଳୀର ସମ୍ପାଦକ ହୋଇ ଉତ୍କଳଭ୍ରାତାମାନଙ୍କଠାରେ ବିରୋଧୀ ହୋଇଥିବାରୁ ବର୍ତ୍ତମାନ ତହିଁ ପାଇଁ ଅନୁତପ୍ତ ଦୁଃଖିତ ଓ ସନ୍ତପ୍ତ ହେଉଅଛି ସୁତରାଂ ବର୍ତ୍ତମାନ ମୁଁ ଦୃଢ଼ପ୍ରତିଜ୍ଞ ହୋଇଅଛି ଯେ ମୁଁ ଭବିଷ୍ୟତେ ଆଉ ବଙ୍ଗଳୀର ସମ୍ପାଦକ ସ୍ୱରୂପ ଦେଖା ଦେବି ନାହିଁ ଅତଏବ ଏଥିଦ୍ୱାରା ବର୍ତ୍ତମାନ ପ୍ରାର୍ଥନା କରୁଅଛି ଯେ ଉତ୍କଳଭ୍ରାତାମାନେ, ଇନ୍ଦ୍ରଧନୁଦଳ ଓ ବଙ୍ଗଳୀଦଳ ଅନୁଗ୍ରହ କରି କ୍ଷମା ଦାନ କରିବେ। ବଙ୍ଗଳୀଦଳଙ୍କଠାରେ ସାନୁନୟ ନିବେଦନ କରୁଅଛି ଯେ ଅତ ଉନବିଂଶ ଶତାବ୍ଦିରେ କାହାର ଇଚ୍ଛାବିରୁଦ୍ଧରେ କେହି ଜବରଦସ୍ତି କରି ନ ପାରେ ଏହା ବୁଝି ମୋ ପ୍ରତି ଅସନ୍ତୋଷଭାବ ରଖିବେ ନାହିଁ। ମୁଁ କପଟ ଭାବରେ ସମ୍ପାଦକ ହୋଇଥିଲି ତାହା ସମସ୍ତଙ୍କୁ ଜଣାଅଛି ସୁତରାଂ ସେ ବିଷୟରେ ବିଶେଷ ବଳିବା ନ ଲୋଡ଼ି ବର୍ତ୍ତମାନ ଏଥିଦ୍ୱାରା ଜଣାଇ ଦେଉଅଛି ଯେ ଅଦ୍ୟଠାରୁ ବଙ୍ଗଳୀ ନିମନ୍ତେ ଆଉ ଦାୟୀ ନୁହେଁ। ଇତି।

ତା ୧୬।୧୦।୯୪ ମସିହା } ବଶମ୍ବଦ
ଦେବଗଡ଼ ବାମଣ୍ଡା } ଶ୍ରୀ ଦାଶରଥି ସ୍ୱାଇଁ

---

To The Editor of Utkal Dipika

The native Christians of Cuttack met at 3 P. M. on Friday the 5th October in the Bapist Mission College in order to form an association having for its object the general improvement of the native christian community of Orissa.

The meeting was largely attended. A few European missionaries also attended the meeting and seemed to be interested in its proceedings.

The meeting commenced by a few remarks from Mr. M. S. Das who presided on th eoccasion. He pointed out to the gentlemen present the necessities of handing themselves into an association. The native christian community of Orissa was gaining every year in numerical strength, but they had not yet formed themselves into a body with a view to represent to Government their wants and grievances; and there is no doubt that the native christians have wants peculiar to their community.

The following resolution were then passed :—

I. That an association of the Christians of Orissa be formed with the object of promoting the moral and social improvement of the community and to represent their wants, grievances and views to the authorities.

II. That this association be called the Orissa Christian Association.

III That the names of the persons present at this meeting who have expressed their desire to become members of the association be recorded as members.

IV. That any Indian Christian who is a resident of Orissa and is not a minor may be elected as a member at any meeting of the association on being duly proposed and seconded by two members, unless his election be opposed by a majority of the members present at such meeting.

V. That the following gentlemen be appointed as office bearers.

| | |
|---|---|
| M. S. Das | *President* |
| Rev. Shem Sahu | *Vice President* |
| Babu Anam Chunder Das | *Secretary* |
| Babu J. Samson Rout | *Joint Secretary* |
| Babu Brojanand Das | *Treasurer* |

---

## ପ୍ରେରିତପତ୍ରର ସଂକ୍ଷେପମର୍ମ।

ଜଣେ ଅଜ୍ଞାତ ବ୍ୟକ୍ତି ଲେଖିଅଛନ୍ତି ଯେ ।ପ୍ର। ଅସ୍ତୁରେଶ୍ୱର ।ମୌ। ଫତେଗବାଦ ନିବାସୀ ବାବୁ ଗୋବିନ୍ଦଚନ୍ଦ୍ର ଜଗତୀ ଅନେକ ଟଙ୍କା ଏବଂ ୬୨୭ ଖଣ୍ଡ ଭରଣ ଧାନ ବର୍ତ୍ତମାନ ଦୁର୍ଭିକ୍ଷ ସମୟରେ ଋଣ ଦେଇ ଆପଣା ଗୃହ ଚତୁଃପାର୍ଶ୍ୱ ୧୦ କ୍ରୋଶ ଆୟତନ ଭୂମିଖଣ୍ଡର ଖୋସବାସ ଏବଂ ଦୁଃସ୍ଥମାନଙ୍କର ବିଶେଷ ଉପକାର କରିଅଛନ୍ତି ଏବଂ ଗତ ଅପ୍ରେଲ ମାସଠାରୁ ଏପର୍ଯ୍ୟନ୍ତ ପ୍ରତ୍ୟହ ୧୦୦।୧୫୦ ଲୋକଙ୍କୁ ଗୃହକୁ ଚୂଡ଼ା ଓ ରନ୍ଧାଗୁଡ଼ ପ୍ରଦାନ କରୁଅଛନ୍ତି। ଏପର ସ୍ଥାନରେ ଗୋଟିଏ ମଧ୍ୟମଶ୍ରେଣୀର ଛାତ୍ରବୃତ୍ତି ସ୍କୁଲ ସ୍ଥାପନ କରି ଉକ୍ତ ସ୍କୁଲର ବୋରଡ଼ର ସାଂଦାୟ୍ୟ ନେଇ ଅବଶିଷ୍ଟ ବ୍ୟୟ ସ୍ୱହସ୍ତରୁ ଯୋଗାଉଅଛନ୍ତି। ବର୍ତ୍ତମାନ ଏ ବିଦ୍ୟାଳୟରେ ଜ ୬୦ ଣରୁ ଅଧିକ ପିଲା ପଢ଼ୁଅଛନ୍ତି। ତାହାଙ୍କର ଇଚ୍ଛା ଯେ ଅଚିରେ ଏହାକୁ ମାଇନରସ୍କୁଲରେ ପରିଣତ କରିବେ।

---

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ ବାବୁ ରାଧାନାଥରାୟଙ୍କ ତୁଳସୀ ସ୍ତବକ ସମ୍ବନ୍ଧରେ କହିଅଛନ୍ତି ଯେ ବର୍ତ୍ତମାନ ଯୁଗରେ ନୈତିକ ଅଙ୍ଗର ଶିକ୍ଷାଦାନର ପ୍ରଧାନ ଅଭାବ ହୋଇଥିବା ସ୍ଥଳେ ସେହି ନୀତିପୂର୍ଣ୍ଣ ପୁସ୍ତକ ବର୍ଣ୍ଣାକ୍ୟୁଲର ବିଦ୍ୟାଳୟମାନଙ୍କର ଉଚ୍ଚ ଶ୍ରେଣୀ ଏବଂ ନର୍ମାଲ ବିଦ୍ୟାଳୟର ନିମ୍ନ ଶ୍ରେଣୀମାନଙ୍କରେ ପାଠ୍ୟପୁସ୍ତକ ହେଲେ ଭଲ ହୁଅନ୍ତା। ପାଠ୍ୟପୁସ୍ତକ ନିର୍ବାଚକସମିତି ଏଥିର ବିଚାର କରିବେ। ଆମ୍ଭମାନଙ୍କ ବିବେଚନାରେ ଏ ପୁସ୍ତିକା ଏତେ କ୍ଷୁଦ୍ର ଯେ ଏହା ପାଠକବର୍ଗମାନଙ୍କର ଅତ୍ୟଳ୍ପ ନୀତିଶିକ୍ଷା ହେବ। ଏଣୁ ଯେ ସ୍ଥଳେ ଗୁଣବ୍ୟଞ୍ଜକ ନୀତିପୁସ୍ତକ ବିଦ୍ୟାଳୟରେ ସ୍ଥାନ ପାଇ ନାହିଁ ସେ ସ୍ଥଳେ ନୀତିଶିକ୍ଷା ଦେବା ବିଷୟରେ କର୍ତ୍ତୃପକ୍ଷମାନେ ବ୍ୟସ୍ତ ଥିବାର ଅନୁମାନ ହେଉ ନାହିଁ।

---

## ମୂଲ୍ୟପ୍ରାପ୍ତ।

| | | |
|---|---|---|
| ବାବୁ ହେମଚାନ୍ଦ | କଟକ | ୫ ୩୯ |
| „ ସେନ୍ଦ ପ୍ରଭାପତ | „ | ୫ ୯୯ |
| „ ଗୋପୀ କେଶବ | „ | ୫ ୯୯ |
| „ ଜନାର୍ଦ୍ଦନ ଜାସ୍ତ | ବାଲଡା | ୫ ୧୯ |

Split by PDF Splitter
Digitized by srujanika@gmail.com

Split by PDF Splitter



| | | |
|---|---|---|
| ମୁନସି ଫକିର ମହମ୍ମଦ | ସୋରାଗଡ଼ | ଟ ୩୯ |
| ବାବୁ ଗୋପୀନାଥ ମହାନ୍ତି | କୁଳଶୀପୁର | ଟ ୧୯ |
| „ ନାରଣ ହଜୋର | ସମୁଥର | ଟ ୩୯ |
| „ ଉମେଶଚନ୍ଦ୍ର ସରକାର | ଧାଇଡ଼େଇର | ଟ ୩୯ |
| ଶ୍ରୀ ରାଜା କଶୋରଚନ୍ଦ୍ର ଦେବ | ଢେଙ୍କାନାଳ | ଟ ୩୯ |

କଟକ କଲେକ୍ଟର ଓ କମିଶନର କଚେରିମାନ ଗତ ତା ୧୭ ରୁ ଗ ମଙ୍ଗଳବାର ବନ୍ଦରୁ ଫିଟିଅଛି । ଅଦାଲତ କଚେରି ଓ ସ୍କୁଲମାନ ଫିଟି ନାହିଁ ।

## ବିଜ୍ଞାପନ ।

**NOTICE.**

Wanted an Assessor on a salary of Rs. 100 per meusem for three months to revise the assessment of the Puri Municipality.

Candidates should apply with their testimonials before 30th November 1894.

JAGABUNDHU PATNAIK
*Vice-Chairman.*

**NOTICE.**

The first part of our Key to LETHBRIDGE's EASY SELECTIONS ( MINOR COURSE 1895 ) is out and available for sale. Intending purchasers of the first part will have to pay the price of the whole Key. The second part will be sent to them free as soon as out.

Price of whole Key Re. 1.
Postage one anna extra for Moffosal.

To be had of the Secretary Printing Company Cuttack.

Cuttack, The 24th Septr, 1894. } Akshoy Kumar Ghose, and Hara Chand Ghose.

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !
ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।
ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।
ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୰ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମ୍ରି ପ୍ରଭୃତି ସୁମଧୁର-ସ୍ୱରର ଅତଥିଲ୍ଷ୍ମ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପା ବୁକ୍ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ବେଦନାର ଆଉ କଷ୍ଟ ପାଅନା ।

ରାମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ କିମ୍ବା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ିଯାଇଁ କିମ୍ବା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାର ଦ୍ୱାରା ଝିନ୍ ଝିନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ ବିନ୍ଧା ଛୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ତତ୍କ୍ଷଣାତ୍ ପ୍ରାୟ ତତ୍କାଳ ଉପଶମ ହୁଅଇ । ସମସ୍ତ ସଂସାରି ଲୋକଙ୍କର ଏକ ୨ ଶିଶି ଘରେ ରଖିବାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତରି ଔଷଧ ବିନ୍ଦୁ ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିଙ୍କ ନିକଟରୁ ମିଳିଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ କା ପାକିଂ ଟ ୦।୵ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର ।

ଜେ, ପି, ରାୟ ।
ନ ୪୫ ମର ନେବୁତଲା ଲେନ,
ବହୁବଜାର । କଲିକତା ॥—

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ୨ ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ୨ ରୋଗୀ ଯେଉଁମାନଙ୍କୁ ବଡ଼ ୨ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରୋଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନକଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପ୍ରଭୁପଦ୍ମହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁସ୍ସାଧ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ କା ପ୍ୟାକିଂ ଟ ୦।୵ ଅଣା, ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଯେ, ପି, ରାୟ
ନ ୪୫ ମର ନେବୁତଲା ଲେନ-
ବହୁବଜାର ।

## ରାଗ-ରସଦୀପକ !

ଅର୍ଥାତ୍

ନବୀନ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।
ମୂଲ୍ୟ ଦୁଇଅଣା ମାତ୍ର ।
ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ ।
ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ନୟାସଡ଼କ କଟକ

Digitized by srujanika@gmail.com

Split by PDF Splitter



# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାଳକାରୁ କେତେକ ସାର ସଙ୍ଗ୍ରହ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱର ଦକ୍ଷିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

# New School Books.

## JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କରଙ୍କ ସ୍ଥାୟୀଙ୍କ ବସା ସନ୍ଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକା, ରେଶମୀ ଓ ଗେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଯଦ୍ଦ୍ୱାରା ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା କଷି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାରଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ତାଲିକା ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଦୁଇଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତାଲିକା ।

ଜିନିଷର ନାମ — ମୂଲ୍ୟ

- ଅଷ୍ଟେମେଣ୍ଟ ପେନସିଲ — ଗୋ ୧ ଟ ୦ ।/
- ଲାଲ ଓ ନେଳ ପେନସିଲ — ଗୋ ୧ ଟ ୦ ୵୯
- ଓଡ଼ିଶା ପେନସିଲ — ବ ୧ ଟ ୦ ।୵
- ନକସା କାଗଜ — ଦ ୧ ଟ ୦ ୳।୵
- ଫୁଲସ୍କେପ କାଗଜ ସରୁଆ — ଦ ୧ ଟ ୦ ୵୩
- ଏକଜ ରୁଲବାଲ — ଦ ୧ ଟ ୦ ୵୨
- ଏକଜ କରୁଆ — ଦ ୧ ଟ ୦ ୵୩
- ଫୋଲସିନୋଟପେପର ଓ ଲଫାଫା — ଦ ୧ ଟ ୨।
- ଡାକକାଗଜ ସରୁଆ — ଦ ୧ ଟ ୦ ୵
- ଏଜଲ ମଧ୍ୟମ — ଦ ୧ ଟ ୦ /
- ଲଫାଫା ସରୁଆ ସ୍ୱ୧୦୦ ଟ୦୳୵ ଗୋ ୨୫ ଟ୦୵୩
- ଏକଜ ମଧ୍ୟମ ସ୍ୱ୧୦୦ ଟ ୦ ।୵ ଗୋ ୨୫ ଟ୦ ୯
- ବାଲିକାଗଜ ୧୬ ପଣି — ଦ ୧ ଟ ୦ ୵୩
- ସୀଲ୍ୱାଲ — ବୋ ୧ ଟ ୦ ୳୵
- ଏକଜ ଗୁଣ୍ଡି ଏହାକୁ ଅଧ- ବୋତଲ ଜଳରେ ପକାଇ ଫୁଟିବା ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ — ବ ୧ ଗୁଲି ଟ ୦ ୵୨
- ସିଲ୍ଟ ପେନସିଲ — ବ ୧ ଟ ୦ ।୵
- ରବର — ଖ ୧ ଟ ୦ ।୵୩
- ହଂସପକ୍ଷୀ କଲମ — ଗୋ ୨୫ ଟ ୦ ।/
- ଲୁହା କଲମ (ନବ) ସରୁଆ — ଡ଼ି ୧ ଟ ୦ ୵
- ଏଜଲ ଜିରୁଆ — ଡ଼ି ୧ ଟ ୦ ୯୧
- ଏକଜ ବଡ଼ିମାଗଜବୋଲମ — ଗୋ ୧ ଟ ୦ ୯୬
- ହାତଦାନ୍ତିଆ ଛୁରୀ ଖଣ୍ଡିତ ସହିତ (ଜନଶାବାଲ) — ଗୋ ୧ ଟ ୦ ।
- ଏଜଲ ସାଧାରଣ — ଗୋ ୧ ଟ ୦୵୨
- ଜଲଫେଡ଼ା ସରୁଆ — ଗା ୧ ଟ ୦।୵
- କୋଉସ୍ୱାର ବେଗ ଷ୍ଟେସନ୍ତ — ଗୋ ୧ ଟ ୦୳୷
- ମନିବେଗ — ଗୋ ୧ ଟ ୦ ୵
- ମୂଗ୍ଧଳପଥରର ଫଗିଡିବା ଓ ରୁପେଇନଙ୍କସାବାଲ — ଗୋ ୧ ଟ ୨।
- ଲେଟେବ୍ରେର — ଗୋ ୧ ଟ ୧୯
- ମେହସର ଷ୍ଟେଲ — ଗୋ ୧ ଟ ୦ ୳
- ସାବୁନ ସରୁଆ — ଖ ୧ ଟ ୦ ।୧
- ଫଲଦାନ — ଗୋ ୧ ଟ ୧୵
- ଦେବାଲଗିର ୨ଡାଳିଆ — ଗୋ ୨ ଟ ୪।
- ଏକଜ ଏକଡାଳିଆ — ଗୋ ୧ ଟ ୨
- ସେକ — ଗୋ ୧ ଟ ୨
- ଅସ୍ତ୍ରେଷ୍ଟ — ଗୋ ୧ ଟ ୵ ୨
- ତାସ — ବ ୧ ଟ ୦ /୵
- ସ୍ନାନପାତ୍ରୀ — ଗୋ ୧ ଟ ୫ ୧
- ବନାରଶୀ ସୋଣ୍ଡ ତାସ — ଗ ୧

ଯେଉଁଠାରେ ଏହାକୁ ଚିହ୍ନାଇଦି ଘାଉରେ ଉଷି ନଅଁରେ ଭିଜାଇ ତୋଠା ଖଣ୍ଡର ଫାଟରେ ଲଗାଇ ଦେଲେ ଯାଣି ପଡ଼ିବାର ବନ୍ଦ ହେବ ସେ ୧ ଟ ୦

କଟକ } ଅରବିନ୍ଦ ଳର
ଚୌଧୁରୀ ବଜାର } କମ୍ପାନୀ

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅର୍ଦ୍ଧସ୍ତମ୍ଭକୁ ଟ ୨୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦ ୳ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥର ଦେଢ଼ା ଓ ତିନିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକୋମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. ୪

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ଷ
ସଂ ୪୧ ସଂଖ୍ୟା
ତା ୨୭ ଏଣ ମାହେ ଅକ୍ଟୁବର ସନ ୧୮୯୪ ମସିହା । ମୂ । ୭ଇଁ କାର୍ତ୍ତିକ ସନ ୧୩୦୨ ସାଲ ଶନିବାର ।
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୭

ନୟାଗଡର ଗୋଳମାଳ ଶାନ୍ତ ନହେବା ହେଉଣିକ ଆଉ କ୍ରମଶଃ ଗୁରୁତର ହେଉଅଛି । ଲୋକମାନେ ବନ୍ଧୁକ ପ୍ରୟୋଗ କରିବାରେ ଆରମ୍ଭ କରି ଅଛନ୍ତି । ପୁରୀ ମାଜିଷ୍ଟ୍ରେଟ ମିଃ ହକ୍ସ ନୟାଗଡ଼ ଅଭ୍ୟନ୍ତରରେ ପ୍ରବେଶ କରି ଲୋକମାନଙ୍କର ଏ ପ୍ରକାର ଆଚରଣ ଦେଖି ସୈନ୍ୟ-କଟୋଲିଷ୍ଟ ସାହାଯ୍ୟାର୍ଥେ ଗଡଜାତର ସୁପ-ରିଣ୍ଟେଣ୍ଡେଣ୍ଟଙ୍କୁ ରିପୋର୍ଟ ପଠାଇବାର ଶୁଣାଯାଉଅଛି । କିନ୍ତୁ ସର୍ବଶେଷ ହାଲ ଠିକ୍‌ରୂପେ ଜଣା ପଡ଼ି ନାହିଁ ପ୍ରକାଶ ହେଲେ ଯଥାସମୟରେ ପାଠକମାନଙ୍କ ନିକଟରେ ଅବଗତ କରିବୁଁ ।

---

ଅଙ୍ଗୁଲର ପ୍ରଜାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ଉକ୍ତସ୍ଥ ରାଜା ଅନ୍ନଛତ୍ର ବସାଇ ସାହାଯ୍ୟ ପ୍ରଦାନ କରିବା ଓ ଡିଷ୍ଟ୍ରିକ୍ଟବୋର୍ଡ କାର୍ଯ୍ୟ-ଷମ ଲୋକଙ୍କୁ ସାହାଯ୍ୟ ଯୋଗାଇବା ବିଷୟ-ରେ ଆମ୍ଭେମାନେ ଗତ ସପ୍ତାହରେ ଲେଖିଥିଲୁଁ । ଶ୍ରୀଯୁକ୍ତ ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ସାହେବ ଏତଦ୍ବିଷୟରେ ମନୋଯୋଗ ପ୍ରଦାନ କରିଥିବାରୁ ସେ ଧନ୍ୟ-ବାଦାର୍ହ ହୋଇଛନ୍ତି । ଅଙ୍ଗୁଲର ବିଷୟ ବର୍ତ୍ତ-ମାନ ଅଫିସିଏଟିଂ କଲେକ୍ଟର ଶ୍ରୀଯୁକ୍ତ ଏଚ ମାକଫର୍ସନ ସ୍ୱୟଂ ଅଙ୍ଗୁଲ ଗତ ସୋମବାର ଦିବସରୁ ଗମନ କରିଛନ୍ତି । ଆମ୍ଭେମାନେ ଆଶାକରୁଁ ପ୍ରଜାଙ୍କ କଷ୍ଟ ନିବାରଣ ନିମନ୍ତେ ବିହିତ ଉପାୟ ଅବଲମ୍ବନ କରିବାକୁ ସଚେଷ୍ଟ ହେବେ ।

---

ରୁସିୟା ପାମୀରଠାରେ ନିଶ୍ଚିନ୍ତ ହୋଇ ରହି ନାହାନ୍ତି । କର୍ଣ୍ଣେଲୟାନୋଫ କ୍ଷୁଦ୍ରସେନା ସହି-ତରେ ମର୍ଘବ ନଦୀ ପାର ହୋଇ ଶୁନ ଏବଂ ସଖଦର ଉପତ୍ୟକାରେ ପହୁଞ୍ଚି ପଞ୍ଜା ନଦୀର ଦକ୍ଷିଣ କୂଳସ୍ଥ ସମୁଦାୟ ଭୂଖଣ୍ଡରୁ ଅଫଗାନମା-ନଙ୍କୁ ଉଠିଯିବାକୁ ଆଦେଶ କଲେ । ସ୍ଥାନୀୟ ଅଫଗାନ କର୍ମଚାରୀମାନେ ସଖଦର ଉପତ୍ୟକା-ରେ ରୁସିୟା ପ୍ରବେଶ କରିବା ପ୍ରତି ଘୋର ଆପତ୍ତି କରିଥିଲେ ଏବଂ କଥା୨କେ ଗୁଳି ଚଳା ଚଳ ହୋଇଗଲା । ସେଥିର ଫଳ ଜଣାଯାଇ ନ ଥିଲେହେଁ ଅମୀର କର୍ମଚାରୀମାନଙ୍କୁ ପଞ୍ଜାନଦୀ ପାରିହୋଇ ଏପାଖକୁ ଚାଲିଆସିବା କାରଣ ଆଦେଶ କରି ରୁସିୟାର ବାଟ ଅବରୋଧ କରି-ବା ପକ୍ଷେ ନିଷେଧ କରି ଅଛନ୍ତି । ଏହି ଆଦେ-ଶମତେ ଅଫଗାନମାନେ ରୋସାନ ଏବଂ ଉକ୍ତ ଉପତ୍ୟକାଦ୍ୱୟ ଛାଡ଼ିଆସି ଅଛନ୍ତି କି ନାହିଁ ଜଣା ଯାଇ ନାହିଁ । ଉକ୍ତ ସ୍ଥାନମାନଙ୍କ ସମ୍ବନ୍ଧେ ବହୁତର ବିବାଦ ଥିବାରୁ ଅମୀର ଉକ୍ତ ରୂପ ଆଦେଶ ଦେଇ ଅଛନ୍ତି ।

---

ଗତ ଶନିବାର ରାତ୍ରରେ ଆମ୍ଭମାନଙ୍କର ମାନନୀୟ କମିଶ୍ନର ସାହେବଙ୍କ ଲାଲବାଗ କୋଠିରୁ ମାନନୀୟ ଏକଟିଂ ମାଜିଷ୍ଟ୍ରେଟ କଲେ-କ୍ଟର ସାହେବଙ୍କର ଗୋଟିଏ ବାକ୍ସ ଚୋରି ଯାଇଅଛି । ଦୁଃଖର ବିଷୟ ସାହେବ ମହୋଦୟ କମିଶ୍ନରଙ୍କ କୋଠିରେ ଅଠ ଦଶଦିନ ରହିଲା ପରେ ତାଙ୍କର ଅସବାବ ଚୋରି ଗଲା ଅଥଚ କମିଶ୍ନର ସାହେବ ବହୁ ଦିବସରୁ ରହୁଥିବାରେ ସୁଦ୍ଧା ତାଙ୍କର କୌଣସି ପଦାର୍ଥ ଗଲା ନାହିଁ । ଏଥିରୁ ବୋଧ ହେଉଅଛି ଯେ କେହି ଜାଣିକ ଲୋକ ଚୋରି କରିଅଛି । ପୋଲିସ ଏ ଚୋର ଧରି ନ ପାରିଲେ ମାଜିଷ୍ଟ୍ରେଟ ଓ କମିଶ୍ନର ପୋଲିସର କାର୍ଯ୍ୟଦକ୍ଷତାକୁ ବୁଝି ପାରିବେ । ଯାହା ହେଉ ଆମ୍ଭେମାନେ ଶୁଣିଲୁଁ ଯେ ବାକ୍ସ ମଧ୍ୟରେ ଗୋଟିଏ ସୁନାର ଚେନ ଓ ନଗଦ ଟ ୭୦ ଙ୍କା ଓ ଖଜଣାଖାନାର କେତେକ ଚାବି ଥିଲା ଓ ତାଙ୍କର ନିଜର କେତେକ ସଙ୍ଗେଲ ଚିଠି ଥିଲା । ଅବଶ୍ୟ ମାଲ କିଛି ବେଶି ନ ଥିଲା ତଥାପି ହାକିମ ଘରେ ଚୋରି ଯିବା ବଡ଼ ଆଶ୍ଚର୍ଯ୍ୟ କଥା । ଚୋରକୁ ଧନ୍ୟ କହିବା !

---

ବର୍ଦ୍ଧମାନ ବିଭାଗର କମିଶ୍ନର ମାନନୀୟ ରମେଶ୍ଚନ୍ଦ୍ର ଦତ୍ତ ମହାଶୟ ବଙ୍ଗୀୟ ଦେଶୀୟ ସମ୍ବାଦପତ୍ରସମ୍ବନ୍ଧରେ ଲେଖି ଅଛନ୍ତି ଯେ ଇଂରା-ଜୀ ସମ୍ବାଦପତ୍ରମାନଙ୍କର ସ୍ୱର ଉନ୍ନତ ନହେଲେ ଦେଶୀୟ ସମ୍ବାଦ ପତ୍ରର ସ୍ୱର ଉନ୍ନତ ହେବ । ଦେଶୀୟ ସମ୍ବାଦ ପତ୍ର ଇଂରାଜୀର ଅନୁକରଣ ମାତ୍ର ଏବଂ ଦେଶୀୟ ସମ୍ବାଦ ପତ୍ର-ମାନେ କେତେ୨ ଅଲକ୍ଷିତ ଭାବରେ ଇଂରାଜ ସମ୍ବାଦ ପତ୍ରର ଅନୁକରଣ କରି ସେହି ସ୍ୱରରେ କଥା କହୁ ଅଛନ୍ତି । ଦେଶୀୟ ଲୋକ ଏବଂ ସେମାନଙ୍କର ଆକାଂକ୍ଷା ସମ୍ବନ୍ଧରେ ଇଂରାଜୀ ପତ୍ର-

Digitized by srujanika@gmail.com

Split by PDF Splitter



ମାନେ କଦର୍ଯ୍ୟ ଏବଂ ନିନ୍ଦା ଭାବରେ ଲେଖିବା ଯେମନ୍ତ ଦୁର୍ଭାଗ୍ୟର ବିଷୟ ତେମନ୍ତ ଦେଶୀୟ ସମ୍ବାଦପତ୍ରମାନେ ତହିଁର ଉତ୍ତର ଦେବାକୁ ଯାଇ ରାଗ ଏବଂ ତୀବ୍ର ଭାବରେ ଲେଖିବା ଦୁର୍ଭାଗ୍ୟର ବିଷୟ ଅଟଇ ।—ଦତ୍ତ ମହାଶୟଙ୍କ ମତ ସମ୍ପୂର୍ଣ୍ଣ ଅନୁମୋଦନୀୟ । ଅମ୍ଭେମାନେ ଇଂରାଜ ଜାତିଙ୍କର ଯେ କେବଳ ଅନୁକରଣ କରୁଅଛୁଁ ତାହା ନୁହେ । ସେମାନଙ୍କ ଠାରୁ ଅମ୍ଭେମାନେ ଶିକ୍ଷା ଲାଭ କରୁଅଛୁଁ । ସେମାନେ ଯେପରି ବାଟ କାଟିବେ ଅମ୍ଭେମାନେ ସେପରି ଚାଲିବୁଁ ।

---

ଏଠା କଲେକ୍ଟରଙ୍କ ସିରସ୍ତାଦାର ବାବୁ ଜଗନ୍ମୋହନ ଲାଲ ବହୁଦିନ ସୁଖ୍ୟାତି ସହିତ କାର୍ଯ୍ୟ କରି ଆଗାମୀ ମାସରୁ କାର୍ଯ୍ୟରୁ ପେନସନ ନେଇ ଅବସର ଗ୍ରହଣ କରିବାର ଆଦେଶ ପ୍ରାପ୍ତ ହୋଇ ଅଛନ୍ତି । ବାବୁ ମହୋଦୟଙ୍କର ବୟସ ୫୫ ବର୍ଷ ହେବ । ନିୟମାନୁସାରେ କଲେକ୍ଟରଙ୍କ ଅନୁମତି ନେଇ ଆହୁରି ୫ ବର୍ଷ କାର୍ଯ୍ୟ କରି ପାରି ଥାଆନ୍ତେ କିନ୍ତୁ ତଉଜୀଖାନାର ଗୋଲମାଲ ତାଙ୍କର ଶତ୍ରୁ ହେଲା । ଉକ୍ତ ଗୋଲମାଲରେ ତାଙ୍କର ଭଳି ଲିପ୍ତ ଥିଲେ ସୁଦ୍ଧା ତାଙ୍କପ୍ରତି କୌଣସି ଦୋଷ ହୋଇ ନାହିଁ । ବହୁକାଳ ସତ୍ସ୍ୱଭାବରେ କାର୍ଯ୍ୟ କରି ଆସିଲେ ପାପ ସହଜରେ ନିକଟକୁ ଆସି ପାରେ ନାହିଁ । ଅମ୍ଭେମାନେ ଲାଲ ସାହେବଙ୍କର ସଦ୍‌ଗୁଣକୁ ପ୍ରଶଂସା କରୁଅଛୁଁ ଓ ଆଶାକରୁଁ ତାଙ୍କଠାରୁ ସର୍ବସାଧାରଣ ଶିକ୍ଷାଲାଭ କରିବେ ଏଥିର ଜନ୍ୟ ବଢାଏ ଥାଏ । ଅମ୍ଭେମାନେ ଭରସାକରୁ ଲାଲ ସାହେବ ସରକାରି କର୍ମରୁ ଶୀଘ୍ର ବିଦାୟ ଗ୍ରହଣ କଲେ ବୋଲି କ୍ଷୁଣ୍ଣ ନ ହୋଇ ବରଂ ଅହ୍ଲାଦିତ ହୋଇ ସାଧାରଣର ମଙ୍ଗଳ କାର୍ଯ୍ୟରେ ବ୍ୟସ୍ତ ହେବେ । ସମାଜରେ କାର୍ଯ୍ୟ ନାନା ରୂପ ଅଛି । ବର୍ତ୍ତମାନ ସ୍ୱାଧୀନ କାର୍ଯ୍ୟରେ ଯୋଗଦାନ କରିବାର ଉଚିତ ସମୟ ହୋଇଅଛି ।

---

ବଙ୍ଗଳା ଗଭର୍ଣ୍ଣମେଣ୍ଟ ଓ ଛୋଟଲାଟଙ୍କ ଅଫିସମାନଙ୍କରେ କରାଣିକାର୍ଯ୍ୟରେ ନିଯୁକ୍ତ ହେବା ନିମନ୍ତେ ନିୟମ ସଂଶୋଧିତ ହୋଇ ଗତ ଗେଜେଟରେ ପ୍ରକାଶିତ ହୋଇ ଅଛି । ଏଥିପୂର୍ବେ କରାଣିକାର୍ଯ୍ୟ ନିମନ୍ତେ ଦୁଇଗୋଟି ପରୀକ୍ଷା କରା ହୋଇଥିଲା । ଉପର ଓ ନିମ୍ନ ବିଭାଗରେ କାର୍ଯ୍ୟ ନିମନ୍ତେ ପରୀକ୍ଷାଦ୍ୱାରା କରାଣି ମନୋନୀତ ହେଉଥିଲେ । କିନ୍ତୁ ଉପର ବିଭାଗର କାର୍ଯ୍ୟରେ ପରୀକ୍ଷୋତ୍ତୀର୍ଣ୍ଣ କରାଣିମାନେ ଉତ୍ତମରୂପେ କାର୍ଯ୍ୟ ନ ଚଳାଇବାରୁ ଓ ହାକିମମାନେ ସେମାନଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନ ହେବାରୁ କେବଳ ନିମ୍ନବିଭାଗର କରାଣି କାର୍ଯ୍ୟ ନିମିତ୍ତ ପରୀକ୍ଷା ଗୃହୀତ ହେବ । ମାତ୍ର ତଦ୍ଦ୍ୱାରା ସମୁଦାୟ କାର୍ଯ୍ୟ ପୂରଣ ହେବ ନାହିଁ । କାର୍ଯ୍ୟଶାଳମଧ୍ୟରୁ ଏକଚତୁର୍ଥାଂଶ ରେଜିଷ୍ଟ୍ରାର ଉକ୍ତ ଆପ୍ରେଣ୍ଟିସ ଓ ଇଉରୋପିୟାନ ଓ ଇଉରେସିୟାନ ନିଯୁକ୍ତ ହେବେ । ଏହି ନିୟମ କେବଳ କଲିକତାସ୍ଥ କେନ୍ଦ୍ର ଅଫିସରେ ପ୍ରବର୍ତ୍ତିବ । ପରୀକ୍ଷାର ନିୟମ ବିଶେଷରୂପେ ଉଲ୍ଲିଖିତ ହୋଇ ଅଛି । ଗଭର୍ଣ୍ଣମେଣ୍ଟଙ୍କର ଏହିପରି ମୀମାଂସାରୁ ପ୍ରକାଶ ପାଉଅଛି ଉପରସ୍ଥ କାର୍ଯ୍ୟ ନିମନ୍ତେ ପରୀକ୍ଷାଦ୍ୱାରା ଉତ୍ତମ ଲୋକ ମିଳିଲା ନାହିଁ । ଅମ୍ଭେମାନେ ଆଶାକରୁଁ ଗଭର୍ଣ୍ଣମେଣ୍ଟ ଅନ୍ୟ କାର୍ଯ୍ୟର ପରୀକ୍ଷାର ଫଳ ଶୀଘ୍ର ପ୍ରକାଶ କରିବେ ।

---

ଚୀନ ଓ ଜାପାନର ଯୁଦ୍ଧ ଅଦ୍ୟାପି ଚାଲୁଅଛି ଏବଂ କେତେକାଳେ ତାହା ଶେଷ ହେବ ବୋଲାଯାଇ ନ ପାରେ । ମଧ୍ୟରେ ଶୁଣାଯାଇଥିଲା ଯେ ଚୀନ ସନ୍ଧି କରିବା କାରଣ ଜାପାନ ଠାକୁ ଦୂତ ପଠାଇଥିଲେ ଏବଂ ଯୁଦ୍ଧ ସକାଶେ ଜାପାନଙ୍କୁ କ୍ଷତିପୂରଣ ଦେବା ସକାଶେ ପ୍ରସ୍ତୁତ ଥିଲେ ମାତ୍ର ବର୍ତ୍ତମାନ ଚୀନ ଦୂତ ପ୍ରକାଶ କରୁଅଛନ୍ତି ଯେ ସନ୍ଧି କରିବା କଥା ସତ୍ୟ ନୁହେ ଏବଂ ତାହା ବହୁକାଳ ପରବର୍ତ୍ତୀର କଥା ଅଟେ । ଇତି ମଧ୍ୟରେ ବିଲାତ ଯୁଦ୍ଧ ନିବାରଣ ଉଦ୍ଦେଶ୍ୟରେ ଅନ୍ୟାନ୍ୟ ରାଜାମାନଙ୍କୁ ଯତ୍ନବାନ ହେବା କାରଣ ପ୍ରାର୍ଥନା କରିଥିଲେ ମାତ୍ର ଜର୍ମାନୀ ତହିଁରେ ସମ୍ମତ ନୋହିବାରୁ ତାହା ଭାଙ୍ଗିଗଲା । ଚୀନାମାନେ ଜାପାନୀଙ୍କୁ ଯାଲୁନଦୀର ଦକ୍ଷିଣ ତୀରରୁ ତଡ଼ି ଦେଇଥିଲେ ମାତ୍ର ଜାପାନୀମାନେ ପୁନର୍ବାର ନଦୀ ପାର ହୋଇ ଉତ୍ତର କୂଳରେ ପହଞ୍ଚି ଅଛନ୍ତି । ଏହିଠାରେ ଘୋରଯୁଦ୍ଧ ହେବାର ଆଶଙ୍କା ଅଛି ଏବଂ ତହିଁରେ ଜାପାନ ଜୟଲାଭ କଲେ ଅନାୟାସରେ ଦଶଦିନ ମଧ୍ୟରେ ପବିତ୍ର ମକଦନଗର ଅଧିକାର କରି ନେବେ । ଏ ଗୋଲମାଲରେ ରୁଷିଆ ମଧ୍ୟ ନିଶ୍ଚିନ୍ତ ନାହାନ୍ତି । ସେ ଚୀନ ରାଜ୍ୟରେ ଗୋଲମାଲର ଆଶଙ୍କା କରି ଅନୁରଠାରେ ସୈନ୍ୟ ପ୍ରସ୍ତୁତ ରଖି ଅଛନ୍ତି ଏବଂ କୋରିଆର ପ୍ରାନ୍ତସୀମାରେ ପଞ୍ଚ ସହସ୍ର ରୁଷୀୟ ସେନା ସଜ୍ଜିତ ହୋଇ ରହିଅଛନ୍ତି ।

---

ମହୀଶୁର ରାଜ୍ୟର ବାର୍ଷିକ ଦରବାର ଚଳିତ ମାସ ତା ୧୨ ରଖରେ ହୋଇ ଯାଇଥିବାର ସମ୍ବାଦ ମିଳିଲା । ଉକ୍ତ ଦରବାରରେ ଦେୱାନ ଯେଉଁ ରିପୋର୍ଟ ପାଠ କଲେ ତହିଁରୁ ପ୍ରକାଶ ଯେ ସେ ରାଜ୍ୟର ଆୟ ଟ ୧୬୯୨୨୦୦୦ ଙ୍କା ଏବଂ ଖର୍ଚ୍ଚ ଟ ୧୩୯୬୨୦୦୦ ଙ୍କା । ଏଣୁ ଟ ୨୯୬୦୦୦୦ ଙ୍କା ଉଦ୍‌ବର୍ତ୍ତ ରହିଥିଲା । ଗତବର୍ଷ ମଧ୍ୟରେ ୨୦୮୦୦ ଏକର ଭୂମି ଆବାଦ ହୋଇ ଟ ୧୮୨୦୦୦ ଜମା ବୃଦ୍ଧି ହୋଇଅଛି । ଅବକାରୀ ରାଜସ୍ୱ ମଧ୍ୟ ଦୁଇଲକ୍ଷ ଟଙ୍କା ବୃଦ୍ଧି ହୋଇଅଛି । ନୂତନ ରେଲବାଟ ନିର୍ମାଣରେ ଟ ୭୨୫୦୦୦ ଙ୍କା ଖର୍ଚ୍ଚ ହୋଇଅଛି ଏବଂ ଦୁଇଲକ୍ଷ ଟଙ୍କା ରେଲବାଟ ପାଣ୍ଠିରେ ଯୋଗ ହୋଇଅଛି । ରିପୋର୍ଟରେ ଅନ୍ୟାନ୍ୟ ଯାହା ପ୍ରକାଶ କରା ଯାଇଅଛି ତହିଁରୁ ଦେଶର ଉନ୍ନତି ଅକ୍ଷୁଣ୍ଣ ଭାବରେ ଚାଲୁଥିବାର ପ୍ରକାଶ ହେଲା । ପରିଶେଷରେ ରାୟତମାନଙ୍କର ଋଣ ସମ୍ବନ୍ଧରେ ଲେଖି ଅଛନ୍ତି ଯେ ଅବଶ୍ୟକ ସ୍ଥଳେ ବଡ଼ ୨ କୃଷିମାନେ ଅଳ୍ପ ସୁଧରେ ଟଙ୍କା ପାଇଁ କାର୍ଯ୍ୟ ଚଳାଇ ଅଛନ୍ତି ମାତ୍ର ସାଧାରଣ ରାୟତଙ୍କୁ ଅତ୍ୟନ୍ତ ଅଧିକ ସୁଧ ଦେବାକୁ ପଡ଼ୁଅଛି । ଏହା ଦୂରିଭୂତ କରିବା କାରଣ ଦେୱାନ ପ୍ରସ୍ତାବ କରିଅଛନ୍ତି ଯେ ଜମିଦାରମାନେ ଆପଣା ମଧ୍ୟରେ ଏକ ସଭା କରି ତହିଁରେ ନିୟମିତ ରୂପେ ଟଙ୍କା ଗଚ୍ଛିତ କରି ଏକ ବାଙ୍କ ବସାଇବେ ଯେ ରାୟତମାନଙ୍କୁ ଦେଖି ଶୁଣି ଟଙ୍କା ଋଣ ଦେଇ ତାହା ଆଦାୟ ପୂର୍ବକ ତାଙ୍କର ଶ୍ରୀବୃଦ୍ଧି କରିବେ । ଏ ପ୍ରସ୍ତାବ ଅବଶ୍ୟ ସୁଫଳ ଦାୟକ ସନ୍ଦେହ ନାହିଁ ମାତ୍ର ଆମ୍ଭ ଏଦେଶ ପରି ଜମିଦାର ନିଜେ ଋଣକରି ଜମିଦାରୀ ବନ୍ଧକ କରୁଥିଲେ ରାୟତ ପୋଷି ହେବେ କାହିଁ ?

---

ଓଡ଼ିଶା ବନ୍ଦୋବସ୍ତ କାର୍ଯ୍ୟ ନିମନ୍ତେ ଜଣେ ବନ୍ଦୋବସ୍ତ କର୍ମଚାରୀ ନିଯୁକ୍ତ ହୋଇଥିଲେ ଓ ତାଙ୍କ ଅଧୀନରେ ଅନେକ ଗୁଡ଼ାଏ ଆସିଷ୍ଟାଣ୍ଟ ବନ୍ଦୋବସ୍ତ କର୍ମଚାରୀ ନିଯୁକ୍ତ ଥିଲେ କିନ୍ତୁ ଗତ ଗେଜେଟରେ ବନ୍ଦୋବସ୍ତ କର୍ମଚାରୀ ଓଡ଼ିଶା ନିମନ୍ତେ ଦୁଇଜଣ ନିଯୁକ୍ତ ହୋଇଅଛନ୍ତି । ମିଃ ଡାକନଲ୍ଡ ମଜ କଟକ ଓ ପୁରୀ ଡିଷ୍ଟ୍ରିକ୍ଟମାନଙ୍କର ଓ ମିଃ ଏସ୍, ଏଲ୍, ମାଡକସ ବାଲେଶ୍ୱର ଡିଷ୍ଟ୍ରିକ୍ଟର ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହୋଇଅଛନ୍ତି । ବୋଧହୁଏ କାର୍ଯ୍ୟ ଶୃଙ୍ଖଳାରୂପେ ଶୀଘ୍ର ଶେଷ ହେବା ଅଭିପ୍ରାୟରେ ଉକ୍ତ-

Digitized by srujanika@gmail.com

Split by PDF Splitter



ସେଲ୍ ପ୍ରକାର ବନ୍ଦୋବସ୍ତ ହୋଇଅଛି । କଟକ ଓ ପୁରୀ କର୍ମଚାରୀଙ୍କ ଅଧୀନରେ ନିମ୍ନଲିଖିତ ଅଃ ବନ୍ଦୋବସ୍ତ କର୍ମଚାରୀ ନିଯୁକ୍ତ ହୋଇଅଛନ୍ତି ।

| | |
|---|---|
| ମିଃ ଅମ୍ବିକାଚରଣ ସେନ ଏମ୍, ଏ, ବିଏଲ୍ | ବାବୁ ଜଗନ୍ନାଥ ଘୋଷ । |
| | " ଜ୍ୟୋତିନ୍ଦ୍ରମୋହନ ସିଂହ |
| ବାବୁ ହରିଶ୍ଚନ୍ଦ୍ର ଦାସ | " ଅକ୍ଷୟକୁମାର ସେନ |
| " ଯାମିନୀମୋହନ ଦାସ | " ଅମୃତଲାଲ ଗୁପ୍ତ |
| ବାବୁ ଅନ୍ନଦାଚନ୍ଦ୍ର ଦାସ | |

ବାଲେଶ୍ୱର ବନ୍ଦୋବସ୍ତ କର୍ମଚାରୀ ଅଧୀନରେ ନିମ୍ନଲିଖିତ ଆସିଷ୍ଟାଣ୍ଟ କର୍ମଚାରୀ ନିଯୁକ୍ତ ହୋଇଅଛନ୍ତି ।

| | |
|---|---|
| ମିଃ ଓଡନଲ ଏ ଓସ୍ୱନ | ବାବୁ ଯୋଗେଶ୍ୱର ଦସ୍ତାର |
| ବାବୁ ଶ୍ୟାମଗୋପାଳ ଭଟ୍ଟାଚାର୍ଯ୍ୟ | " ପ୍ରସନ୍ନକୁମାର ବାନର୍ଜ୍ଜି |
| " ଚୁନିଲାଲ ସରକାର | " ଜିରଷ୍ଟନ, ବର |
| " ରମେଶଚନ୍ଦ୍ର ଦାସ | " ହରେକୃଷ୍ଣ ମହାନ୍ତି |
| ବାବୁ ଅଭୟପ୍ରସାଦ ଦାସ | |

କର୍ମଚାରୀମାନଙ୍କ ମଧ୍ୟରୁ କେତେକ ନୂତନ ନିଯୁକ୍ତ ହୋଇଅଛନ୍ତି ଓ କେତେକ କଟକରୁ ବାଲେଶ୍ୱର ଓ ବାଲେଶ୍ୱରରୁ କଟକକୁ ବଦଳ ହୋଇଅଛନ୍ତି । ଏପରି ବଦଳ କରିବାର କାରଣ କିଛି ବୁଝାଯାଉ ନାହିଁ । ଯେଉଁ କର୍ମଚାରୀ ଯେଉଁ ସର୍କଲରେ କାର୍ଯ୍ୟ କରୁଥିଲେ ସେମାନଙ୍କୁ ସେହି ସ୍ଥାନମାନଙ୍କରେ ପୁନର୍ବାର ନିଯୁକ୍ତ କରିବା ଉଚିତ । ନୂତନ ସର୍କଲରେ ବର୍ଷକୁ ବର୍ଷ କାର୍ଯ୍ୟ କରିବାଦ୍ୱାରା କାର୍ଯ୍ୟ କିଛି କମ୍ ଓ ମଧ୍ୟ ଗୋଳମାଳ ହୋଇପାରେ ଅନ୍ତତଃ ସେଠାର କାର୍ଯ୍ୟ ଓୟାକଫ ହେବା ନିମନ୍ତେ କିଛି ସମୟ ଅବଶ୍ୟକ ହେବ ।

---

## ପୁରସ୍କାର ବିତରଣ ।

ଗତମାସ ତା ୨୯ ରଖ ଶନିବାର ଦିବା ୧୧ ଟିକା ସମୟରେ ଏଠା ରେଭେନ୍ସା କଲେଜ ଗୃହରେ କଲେଜିଏଟ ସ୍କୁଲର ବାଳକମାନଙ୍କ ବାର୍ଷିକ ପୁରସ୍କାର ବିତରଣ ନିମନ୍ତେ ସଭା ହୋଇଥିଲା । ସଭାରେ ଆମ୍ଭମାନଙ୍କର ମାନନୀୟ କମିଶନର ଶ୍ରୀଯୁକ୍ତ ଜି କୁକ୍ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ଓ ଦେଶୀୟ ଓ ବିଦେଶୀୟ କେତେକ ଭଦ୍ରଲୋକ ଉପସ୍ଥିତ ହୋଇଥିଲେ । ହେଡ୍‌ମାଷ୍ଟର ବାର୍ଷିକ ବିବରଣୀ ପାଠ କଲା ଉତ୍ତାରୁ ସଭାପତି ସ୍ୱହସ୍ତରେ ପୁରସ୍କାର ପୁସ୍ତକମାନ ବଣ୍ଟନ କରି ଗୋଟିଏ ସାରଗର୍ଭ ଉପଦେଶପୂର୍ଣ୍ଣ ବକ୍ତୃତା ପ୍ରଦାନ କରିଥିଲେ । ବକ୍ତୃତାର ସାରମର୍ମ ଏହି ଥିଲା ଯେ ବର୍ତ୍ତମାନ ଓଡ଼ିଶାର ଶିକ୍ଷା ଦେଉଥିବା ସ୍କୁଲେ ସାଧାରଣ ପ୍ରତିଯୋଗିତାରେ ଓଡ଼ିଆ ବଙ୍ଗାଳିଙ୍କ ସଙ୍ଗେ ସମାନ ହେବାର ଉଚିତ ଜନ୍ତୁ ପୁରସ୍କାର ପୁସ୍ତକ ପ୍ରଦାନ କରିବା ସମୟରେ ଅନେକ ଷ୍ଟ୍ରେଟ୍‌ସି ଓ ବାନର୍ଜି ନାମ ଶୁଣି କହିଥିଲେ ଯେପରି ଆଗାମୀ ବର୍ଷରେ ମାହାନ୍ତି ପଟ୍ଟନାୟକର ସଂଖ୍ୟା ବିଶେଷ ଶୁଣାଯାଏ । ମାନସିକ ପରିଶ୍ରମ ସହିତ ଶାରୀରିକ ପରିଶ୍ରମ ସମଭାବରେ କରିବା ଉଚିତ । ସାହେବ ମହୋଦୟଙ୍କ ଉପଦେଶ ବାଳକମାନଙ୍କ ପ୍ରତି କଷ୍ଟ ହୋଇପାରେ ଏହା ଭାବି ପରିଶେଷରେ କହିଥିଲେ ଯେ ଯେ ରୋଗୀକୁ ରୋଗର ଉପଶମ ନିମନ୍ତେ ଔଷଧ ପ୍ରଦାନ କରିବାକୁ ଆସିଛନ୍ତି ରୋଗୀ ପ୍ରତି ଔଷଧ କେବେ ମିଷ୍ଟ ହୋଇ ନ ପାରେ ଜନ୍ତୁ ତାଙ୍କର ଔଷଧ ପ୍ରଦାନ କରିବା କର୍ତ୍ତବ୍ୟ କାର୍ଯ୍ୟ ହେଉଅଛି । ସଭାପତିଙ୍କ ବକ୍ତୃତା ଅତୀବ ସୁନ୍ଦର ଥିଲା ଓ ସମସ୍ତେ ପୁନଃ ପୁନଃ କରତାଳି ପ୍ରଦାନ ପୂର୍ବକ ବକ୍ତୃତା ସାରପୂର୍ଣ୍ଣ ଥିବାର ଅନୁମୋଦନ କରିଥିଲେ, ସଭାପତି ଆସନ ଗ୍ରହଣ କଲାରୁ ପ୍ରିନ୍ସପାଲ ମହୋଦୟ କାଡ୍ରୋଆଲ କରି ଅଇନ ଅଧ୍ୟାପକ ବାବୁ ଯୋଗେଶଚନ୍ଦ୍ର ସ୍କୁଲର ଉଚ୍ଚ ଶ୍ରେଣୀର ଛାତ୍ରମାନଙ୍କୁ ବିଶେଷ ପରୀକ୍ଷା ଦ୍ୱାରା ପୁରସ୍କାର ପ୍ରଦାନ କରିବାକୁ ସ୍ୱୀକୃତ ଥିବାର ଜଣାଇଥିଲେ । ଅମ୍ଭେମାନେ ଯୋଗେଶ ବାବୁଙ୍କ କାର୍ଯ୍ୟକୁ ପ୍ରଶଂସା କରୁଅଛୁଁ ଓ ଆଶା କରୁଁ ଶିକ୍ଷାପ୍ରତି ଉତ୍ସାହ ପ୍ରଦାନାର୍ଥେ ଶିକ୍ଷିତ ଧନୀମଣ୍ଡଳୀ ବାବୁ ମହୋଦୟଙ୍କର ପଶ୍ଚାଦ୍‌ଗାମୀ ହେବେ ।

---

## ଓଡ଼ିଆ ରଇତ ।

କୃଷିବିଭାଗର ଜଣେ କର୍ମଚାରୀ ବାନର୍ଜ୍ଜି ସାହେବ ଓଡ଼ିଶା ସମ୍ବନ୍ଧରେ ଯେଉଁ ରିପୋର୍ଟ କରିଅଛନ୍ତି ତହିଁରେ ଏ ପ୍ରଦେଶର ପ୍ରାକୃତିକ ଅବସ୍ଥା ପ୍ରସଙ୍ଗରେ ଯାହା ଲେଖିଅଛନ୍ତି ତହିଁର ସଂକ୍ଷିପ୍ତ ବିବରଣ ଓଡ଼ିଶା ବନ୍ଧ ପ୍ରବନ୍ଧରେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇ ଅଛୁଁ । ଓଡ଼ିଶାର କୃଷି ସମ୍ବନ୍ଧରେ ତାହାଙ୍କର ଅଭିପ୍ରାୟ ବର୍ତ୍ତମାନ ସଂକ୍ଷେପରେ ଜଣାଉ ଅଛୁଁ ଯଥା—

ବ୍ରାହ୍ମଣଠାରୁ ଅତ୍ୟନ୍ତ ଶ୍ରେଷ୍ଠଜାତି ଅଧମ ବନବାସୀ ପର୍ଯ୍ୟନ୍ତ ଚାଷ କାର୍ଯ୍ୟରେ ଲିପ୍ତ ମାତ୍ର ଖଣ୍ଡାଏତ ଏବଂ ଚଷାମାନେ କୃଷି କାର୍ଯ୍ୟରେ ବିଶେଷ ପଟୁ । ବ୍ରାହ୍ମଣମାନେ ପଢ଼ିବା ପନ୍ଥ ଉତ୍ପନ୍ନ କରିବାରେ ଅଧିକ ନିଯୁକ୍ତ ଥାନ୍ତି । କଣ୍ଡରାମାନେ ପରିଶ୍ରମୀ ଓ ଉତ୍ତମ ମଜୁର ଅଟନ୍ତି ମାତ୍ର ଦୁର୍ଭାଗ୍ୟବଶତଃ ହାଡ଼ି ଓ ପାଣ ପରି ଜାତି ପାନରେ ବିଶେଷ ଅନୁରକ୍ତ । ଦୁଃଖର ବିଷୟ ଯେ ସମସ୍ତ ଜାତିର କୃଷକ ପୂର୍ବ ପୁରୁଷଙ୍କ ଧାରିକ ଧରି ଚଳିବା ଏବଂ ଦୈବ ଉପରେ ଭୂମିର ଉର୍ବରା ଶକ୍ତି ନିର୍ଭର କରେ ଏହି କଥା ବିଶ୍ୱାସ କରିବାରୁ ବଙ୍ଗାଳ ରଇତଙ୍କୁ ଅନେକ ଦୂର ପଛରେ ପଡ଼ି ଅଛନ୍ତି । ଖତ ପ୍ରତି ଏମାନଙ୍କର ମନୋଯୋଗ ନାହିଁ ଓ ତହିଁର ବ୍ୟବହାର ପ୍ରାୟ ଜାଣନ୍ତି ନାହିଁ । ଏଠାର ପ୍ରଧାନ ଫସଲ ଧାନ ସୁତରାଂ ଏହା ଓଡ଼ିଆମାନଙ୍କର ପ୍ରଧାନ ଖାଦ୍ୟ ଜନ୍ତୁ ଏମାନଙ୍କ ରୁଚି ଏମନ୍ତ ଯେ ଅମ୍ବିଳା ପଖାଳ ଭାତକୁ ଅତି ସୁଖାଦ୍ୟ ମନେ କରନ୍ତି । ଡାଲି ଶାଗ ପରିବା ଛଡ଼ା ଗରିବ ଲୋକମାନେ ବନ୍ୟ ଜାତ ଫଳ ମୂଳ ସୁଦ୍ଧା ଆହାର କରନ୍ତି । ମାଛର ବ୍ୟବହାର ବିରଳ ନୁହେ ଏବଂ ଉଚ୍ଚ ଜାତିର ଲୋକମାନେ ଛେଳି ଶମ୍ବର ଓ ହରିଣ ମାଂସ କେବେ କେବେ ବ୍ୟବହାର କରନ୍ତି ମାତ୍ର ନୀଚ ଜାତିମାନେ ମୃତ ପଶୁର ମାଂସ ଏବଂ କାଉ, ମାଙ୍କଡ଼, ସାପ ସୁଦ୍ଧା ଛାଡ଼ନ୍ତି ନାହିଁ । ମୁସଲମାନମାନେ ଗାଈ ଓ କୁକୁଡ଼ା ମାଂସ ଖାଆନ୍ତି । ପିଆଜ ରସୁଣ ଏମାନଙ୍କ ପ୍ରଧାନ ମସଲା । ବଡ଼ଲୋକମାନେ ଧନିଆ ମରିଚ ଓ ଅଦା ବ୍ୟବହାର କରନ୍ତି ଯେଉଁମାନେ ମାଛ ଓ ପରିବା କିଣିବାକୁ ଅକ୍ଷମ ସେମାନେ ଲୁଣ ଓ ତେଲ ଲଗାଇ ଭାତ ଖାଆନ୍ତି । ରଇତମାନେ ଆପଣା ଆବଶ୍ୟକୀୟ ପ୍ରାୟ ସମସ୍ତ ଦ୍ରବ୍ୟ ଆପେ ଉତ୍ପନ୍ନ କରିବାରୁ ସେମାନଙ୍କର ଦୈନିକ ଖରଚ ଅଳ୍ପ ଅଟେ । ଦିନାକୁ ଗୃହଅଣା ହେଲେ ପାଞ୍ଚପ୍ରାଣି-ବିଶିଷ୍ଟ ଗୋଟିଏ ପରିବାରର ନିର୍ବାହକୁ ଯଥେଷ୍ଟ ଅଟେ । ଅନେକ ସ୍ଥଳେ ବାନର୍ଜ୍ଜି ସାହେବ ଦେଖିଅଛନ୍ତି ଯେ ଦିନକୁ ୬।୭ ପଇସାରେ ଅପେକ୍ଷାକୃତ ଭଲ ଅବସ୍ଥାର ଲୋକ ନିର୍ବାହ କରନ୍ତି । ତଥାପି ଅଧିକାଂଶ ରଇତ ପେଟପୂରା ଆହାର ପାଆନ୍ତି ନାହିଁ । ପୂର୍ଣ୍ଣଖାଦ୍ୟକୁ ପ୍ରାୟ ଏକଚତୁର୍ଥାଂଶ ଊଣା ପଡ଼େ । ଲୁଗା ଖରଚ ଜଣ ପ୍ରତି ବର୍ଷକେ ଏକଟଙ୍କା ଓ ଅନେକ ଗରିବ ଲୋକ ଏତିକ ସୁଦ୍ଧା ସଂଗ୍ରହ କରି ପାରନ୍ତି ନାହିଁ କେବଳ ସଙ୍ଗତିପନ୍ନ ଦୋକାନଦାର ପ୍ରଭୃତି ଯୋଡ଼ା ମାଡ଼ନ୍ତି । ସ୍ୱାମୀଙ୍କ ସଙ୍ଗତି ଅନୁସାରେ ସ୍ତ୍ରୀମାନେ ଅଳଙ୍କାର ପିନ୍ଧନ୍ତି । ଅନେକ ରଇତ ଘରେ କଂସା ପିତଳର ବାସନ ଦେଖାଯାଏ ଗରିବମାନେ ମାଟି ବାସନରେ ନିର୍ବାହ କରନ୍ତି । ପ୍ରାୟ ଜ ୭୫ ଣ ଅତି ସାମାନ୍ୟରେ ନିର୍ବାହ କଲେ ସୁଦ୍ଧା ଶତକଡ଼ା ପ୍ରାୟ ଜ ୭୫ ଣ ଓଡ଼ିଆ

Digitized by srujanika@gmail.com

Split by PDF Splitter



ରଯ୍ୟତ ଦେଶବାର ଗତ ବ ୨୦|୩୦ ବର୍ଷ ମଧ୍ୟରେ କ୍ରମାଗତ କେତେବର୍ଷ ଭଲ ଫସଲ ହେବା ଏବଂ ସଡ଼କ ରେଲ ପ୍ରଭୃତି ନିର୍ମାଣ ହେବାଯୋଗେ ଫସଲର ଦର ବୃଦ୍ଧି ହେବାରୁ ପ୍ରଜାଙ୍କ କପାଳ ଫେଟି ହୋଇ ଅଛି ଏବଂ ମୃତ୍ତିକାପାତ୍ର ବଦଳରେ ସେମାନଙ୍କ ଘରେ କଂସା ପିତଳ ବାସନ ଏବଂ ସେମାନଙ୍କ ଦେହରେ ଅଧିକ ଅଳଙ୍କାର ବିଲାତି ଲୁଗାର ଖରଚ ଏବଂ ମୂଲିଆଙ୍କ ଦର ବୃଦ୍ଧି ଇତ୍ୟାଦିର ପ୍ରମାଣ ଦେଉ ଅଛି ସତ୍ୟ ତଥାପି ସେମାନଙ୍କ ଅବସ୍ଥା ସନ୍ତୋଷଜନକ ବୋଲାଯାଇ ନ ପାରେ। ସେମାନଙ୍କ ସୌଭାଗ୍ୟ ନିତାନ୍ତ ଅଚିର କାରଣ ସେମାନେ ଅଦୂରଦର୍ଶୀ ଏବଂ ଧାନ ସେମାନଙ୍କର ଜୀବନ ଧାରଣର ଏକମାତ୍ର ଉପାୟ ହେବାରୁ ଗୋଟିଏ ବର୍ଷ ଫସଲ ନଷ୍ଟପଡ଼ିଲେ ଦୁର୍ଭିକ୍ଷ ଉପସ୍ଥିତ ହୁଅଇ କୃଷି ଏବଂ ଶିଳ୍ପର ଉନ୍ନତି ଏବଂ ଅଧିକ ମୂଲ୍ୟବାନ ଫସଲମାନଙ୍କର ଆବାଦ ନ ହେଲେ ଏ ଅବସ୍ଥା ସଂଶୋଧନର ଆଶା ନାହିଁ। ପ୍ରକୃତରେ ଦେଖାଯାଉ ଅଛି କି ଯେଉଁ ରଯ୍ୟତମାନେ କୃଷିକାର୍ଯ୍ୟସଙ୍ଗେ ଅନ୍ୟାନ୍ୟ ବ୍ୟବସାୟ ଯୋଗ କରି ଅଛନ୍ତି ସେମାନଙ୍କର ଅବସ୍ଥା ଅପେକ୍ଷାକୃତ ଭଲ ଅଟେ।

ଉପରଲିଖିତ ବର୍ଣ୍ଣନାରୁ ପାଠକମାନେ ଅବଶ୍ୟ ଜାଣି ପାରିବେ ଯେ ବାନ୍ସର୍ଫୀ ସାହେବ ଓଡ଼ିଆ ରଯ୍ୟତଙ୍କ ଅବସ୍ଥା ଅନୁସନ୍ଧାନ କରିବା ବିଷୟରେ ଅନେକ ଯତ୍ନ ଓ ପରିଶ୍ରମ କରି ଅଛନ୍ତି ଏବଂ ତାହାଙ୍କ ପ୍ରକାଶିତ ବିଷୟମାନ ଅଧିକାଂଶ ଯଥାର୍ଥ ଅଟେ। ସେ ଓଡ଼ିଆ ରଯ୍ୟତଙ୍କ ହିତ କାମନାରେ କଷ୍ଟ ସ୍ୱୀକାର କରି ତାହାଙ୍କ ଅଭିପ୍ରାୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରୁ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ। ଗବର୍ଣ୍ଣମେଣ୍ଟ ସକଳ ଶ୍ରେଣୀର ଲୋକଙ୍କ ଉନ୍ନତି କାମନା ସର୍ବଦା କରନ୍ତି। ମାତ୍ର କଉପାୟରେ ତାହା ହେବ ସ୍ଥିର କରିବା ସହଜ ନୁହେ। ଓଡ଼ିଆ ରଯ୍ୟତଙ୍କ ଉନ୍ନତି ସାଧନର ଗୋଟିଏ ଉତ୍ତମ ଉପାୟ ବାନ୍ସର୍ଫୀ ସାହେବ ଜଣାଇ ଦେଇ ଅଛନ୍ତି। ଭରସାକରୁଁ ଗବର୍ଣ୍ଣମେଣ୍ଟ ତାହା ଅନୁମୋଦନ କରି କାର୍ଯ୍ୟରେ ପରିଣତ କରିବାର ବ୍ୟବସ୍ଥା କରିବେ।

## ବଙ୍ଗପ୍ରଦେଶର ସ୍ୱାସ୍ଥ୍ୟ।

ବଙ୍ଗପ୍ରଦେଶର ସନ ୧୮୯୨ ସାଲର ସ୍ୱାସ୍ଥ୍ୟ ବିବରଣ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟଙ୍କ ମନ୍ତବ୍ୟ ପ୍ରକାଶିତ ହୋଇଅଛି। ସ୍ୱାସ୍ଥ୍ୟର ପରିଚୟ ଜନ୍ମ ମୃତ୍ୟୁର ତାଲିକାରୁ ମିଳିବାର କଥା। ଏଥିପାଇଁ ଜନ୍ମ ମୃତ୍ୟୁର ତାଲିକା ସଂଗ୍ରହ କରିବା ପୁଲିସର ଗୋଟିଏ କାର୍ଯ୍ୟ ହୋଇଅଛି। ଏହି ତାଲିକା ଅବଶ୍ୟ ଠିକରୂପେ ; ବଙ୍ଗଳାର ସବୁଠାରେ ଲେଖା ନ ଗଲେହେଁ ପୂର୍ବଠାରୁ କ୍ରମଶଃ କାର୍ଯ୍ୟ ଭଲ ହେବାର ଜଣାଯାଏ। ତଥାପି କେତେକ ସହର ଓ ମୋଫସଲ ତାଲିକା ଅସଙ୍ଗତରୂପେ ରଖା ଯିବାର ପ୍ରକାଶ ପାଇଅଛି ଏବଂ ସେସବୁ ସ୍ଥାନର କର୍ତ୍ତୃପକ୍ଷମାନଙ୍କ ଭବିଷ୍ୟତରେ ସାବଧାନ ହୋଇ କାର୍ଯ୍ୟ କରିବା ବିଷୟରେ ତାଗିଦ ହୋଇଅଛି।

ବର୍ତ୍ତିତ ବର୍ଷରେ ସମସ୍ତ ବଙ୍ଗଦେଶରେ ୨୫ ଲକ୍ଷ ୩୭ ହଜାର ମନୁଷ୍ୟ ଜନ୍ମ ଓ ୨୦ ଲକ୍ଷ ୫ ହଜାର ମୃତ୍ୟୁ ହେବାର ପ୍ରକାଶ ପାଇଅଛି। ଏମନ୍ତେ ଲୋକ ସଂଖ୍ୟାର ପ୍ରତିହଜାରରେ ହରଦର ୩୬.୨୨ ଜନ୍ମ ଏବଂ ୨୮.୨୦ ମୃତ୍ୟୁ ଘଟିଅଛି। ଏଥି ପୂର୍ବବର୍ଷ ହାରାହାରି ମୃତ୍ୟୁ ପ୍ରାୟ ୩୨ ପଡ଼ିଥିଲା। ପୂର୍ବ ବର୍ଷଠାରୁ ଏବର୍ଷ ସ୍ୱାସ୍ଥ୍ୟ ଭଲ ଥିବାରୁ ମୃତ୍ୟୁ ଊଣା ପଡ଼ିଅଛି। ତଥାପି ଏତ ଆସାମ ପ୍ରଦେଶ ଛଡ଼ା ଭାରତର ଅନ୍ୟ କୌଣସି ପ୍ରଦେଶରେ ମୃତ୍ୟୁର ଦର ଅନ୍ୟ କୌଣସିଠାରେ ଏତେ ଅଧିକ ହୋଇ ନାହିଁ। ଜନ୍ମ ମୃତ୍ୟୁ ସମ୍ବାଦ ଦେବାକୁ ଲୋକେ ବାଧ୍ୟ ଥିଲେହେଁ ଲୋକଙ୍କର ଅମନୋଯୋଗ ହେତୁ ଅନେକ ଲେଖା ହୋଇ ପାରୁ ନାହିଁ। ଅନ୍ୟୂନ ଏକସହସ୍ର ଲୋକ ଏହି ସମ୍ବାଦ ଲେଖାଇବାକୁ ତ୍ରୁଟି କରିବା ଅପରାଧରେ ଦୋଷୀ ହୋଇ ଟ ୧୩୦୧୬୯ ଜା ଅର୍ଥଦଣ୍ଡ ଦେଇ ଅଛନ୍ତି ଏବଂ ୨୭୮ ଜଣ ତାଗିଦ ସହିତ ଖଲାସ ପାଇଅଛନ୍ତି। ମାତ୍ର ପୁରୀ ହଜାରିବାଗ ରାଜସାହି ପ୍ରଭୃତି କେତୋଟି ଜିଲ୍ଲାରେ ଜଣେହେଁ ଦଣ୍ଡ ପାଇ ନାହିଁ।

ଓଲାଉଠା, ବସନ୍ତ ଏବଂ ଜ୍ୱର ବଙ୍ଗଦେଶର ପ୍ରଧାନ ମଡ଼କ। ଏବର୍ଷ ଓଲାଉଠାର ପ୍ରାଦୁର୍ଭାବ ବିସ୍ତୃତ ଊଣା ଥିବା କାରଣ ପୂର୍ବବର୍ଷ ଏହି ରୋଗରେ ୨ ଲକ୍ଷ ୬୧ ହଜାର ଲୋକ ମରି ଥିଲେ। ଏବର୍ଷ ୧ ଲକ୍ଷ ୨୭ ହଜାର ମୃତ୍ୟୁ ଘଟିଅଛି। ପୁଣି ଆଶ୍ଚର୍ଯ୍ୟର ବିଷୟ ଯେ ଓଡ଼ିଶା ବିଭାଗରେ ଅନ୍ୟାନ୍ୟ ବର୍ଷ ଏ ରୋଗର ପ୍ରାଦୁର୍ଭାବ ବିଶେଷ ଥିଲେହେଁ ଏବର୍ଷ ଅଧିକ ଯାତ୍ରୀ ସମାଗମ ହେବା ସତ୍ତ୍ୱେ ଅନେକ ଊଣା ପଡ଼ିଅଛି ଅଥଚ ଢାକା ଚଟ୍ଟଗ୍ରାମ ଯେଉଁଠାରେ ଅନ୍ୟାନ୍ୟ ବର୍ଷ ଓଲାଉଠା ମୃତ୍ୟୁ ହିସାବର ଊଣା ଥାଏ ସେଠାରେ ଅଧିକ ମୃତ୍ୟୁ ଘଟିଅଛି। ଗ୍ରୀଷ୍ମକାଳର ବିଶେଷ ବୃଷ୍ଟି ରୋଗ ଊଣା ପଡ଼ିବାର କାରଣ ସ୍ୱରୂପ ବ୍ୟକ୍ତ ହୋଇଅଛି ରଥଯାତ୍ରା ଫେରନ୍ତା ସମୟରେ କଟକ ଓ ନାଲିର ନାନା ଲକଠାରେ ଓଲାଉଠାରେ ମରିବାର ଜଣା ଯାଇଅଛି ଅଥଚ ଏ ରୋଗ ଗ୍ରାମମାନଙ୍କରେ ପ୍ରବେଶ କରି ନାହିଁ। ସେନିଟେରି କମିସନରଙ୍କର ଏହି ଧାରଣା ହୋଇଅଛି କି ଶୁଦ୍ଧ ପାନୀୟ ଜଳପ୍ରତି ସମଧିକ ମନୋଯୋଗ ପ୍ରଦତ୍ତ ହେବା ହେତୁ ରୋଗର ଉତ୍ପାତ ଏତେ ଊଣା ହୋଇଅଛି ଏବଂ ଏତିକି ଦୂଷଣୀୟ ଜଳାଶୟମାନ ନଷ୍ଟ କଲେ ଅଧିକ ଭଲଫଳ ହେବ। ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ଅତ୍ୟନ୍ତ ଉତ୍ତମ କଥା ବଟେ ଏ ଉନ୍ନତି ଗୋଟିଏ ବର୍ଷରେ ସାଧିତ ହେବାର ଅସମ୍ଭବ ଏବଂ ପୂର୍ବ ବର୍ଷଠାରୁ ଯେ ଗତବର୍ଷ ବିସ୍ତର ପରିମାଣରେ ଉନ୍ନତି ହୋଇଥିଲା ଏମନ୍ତ ବୋଲାଯାଇ ନ ପାରେ। ଅତଏବ ରୋଗ ବୃଦ୍ଧି ବା ଊଣା ହେବାର ଅନେକ କାରଣ ଅଛି ଯାହାକି ଅଦ୍ୟାପି ନିଶ୍ଚୟ ହୋଇ ପାରି ନାହିଁ। ସୁତରାଂ ଗୋଟିଏ କାରଣ ଉପରେ ନିର୍ଭର କରି ବିଶ୍ୱାସକର ଉପାୟ ଅବଲମ୍ବନ କରିବା ଶାସନକର୍ତ୍ତାଙ୍କର ଉଚିତ ନୁହେଁ।

ବସନ୍ତ ରୋଗ ମଧ୍ୟ ପୂର୍ବ ବର୍ଷଠାରୁ ଅନେକ ଊଣା ଥିଲା ଏବଂ ମୃତ୍ୟୁ ସଂଖ୍ୟା ପ୍ରାୟ ଅର୍ଦ୍ଧେ ଘଟିଥିଲା। ମାତ୍ର ଯେମନ୍ତ ପୂର୍ବବର୍ଷ ତେମନ୍ତ ଏବର୍ଷ। ଏ ରୋଗ ପୁରୀ ଓ କଟକରେ ଅତିବଡ଼ ପ୍ରବଳ ଥିଲା। ମାନ୍ୟବର ଲେଫ୍ଟେନାଣ୍ଟ ବସନ୍ତଟୀକା ବିଷୟକ ରିପୋର୍ଟର ସମାଲୋଚନା ସମୟରେ ଏଥିର ବିସ୍ତର କହିବାର ମାନସ କରିଅଛନ୍ତି।

ଜ୍ୱରରୋଗରେ ସର୍ବାପେକ୍ଷା ଅଧିକ ମୃତ୍ୟୁ ଘଟେ। ଏବର୍ଷ ୧୪ ଲକ୍ଷ ୭୭ ହଜାର ଲୋକ ଏ ରୋଗରେ ମରି ଅଛନ୍ତି। ଗତବର୍ଷ ୧୬ ଲକ୍ଷ ଲୋକ ମରିଥିଲେ। ଅନ୍ୟାନ୍ୟ ବର୍ଷପରି ଅଧିକାଂଶ ମୃତ୍ୟୁ ଅକ୍ଟୋବର ନଭେମ୍ବର ଓ ଡିସେମ୍ବର ମାସରେ ଘଟିଥିଲା। ସନ ୧୮୯୧ ସାଲଠାରୁ ସନ ୧୮୯୨ ସାଲରେ ଅଧିକ ବୃଷ୍ଟି ହେବା ପ୍ରତ୍ୟକ୍ଷେ ଜ୍ୱର ଊଣା ପଡ଼ିବା ବିଷମସମସ୍ୟା ଅଟେ। ପ୍ରକୃତରେ ରୋଗ ଘଟିବାର କାରଣ ଅଦ୍ୟାପି ବୁଝାଯାଇ ନାହିଁ। ତଦପେକ୍ଷା ଡାକ୍ତରଙ୍କ ଯୋଗେ କୁଇନାଇନ ବିକ୍ରୟ ବୃଦ୍ଧି ହେବାରୁ ଜ୍ୱର ଊଣା ହୋଇଅଛି ବୋଲିବା ଅଧିକ

Digitized by srujanika@gmail.com

Split by PDF Splitter



ଏବର୍ଷ ହରିହରଠାରେ ବାର୍ଷିକ ମେଳକ ପ୍ରଦର୍ଶନ ହେବ ନାହିଁ । ଦରକାରହେତୁ କଟକଠାରେ ଘର ଓ ଗାଡ଼ିର ମୂଲ୍ୟ ଅତ୍ୟନ୍ତ ଅଧିକ ହୋଇଅଛି । ଏଣିକି ଟଙ୍କା ଗାଡ଼ିର ଦର ଏକସପ୍ତାହ ଭିତରେ ୫ ୧୨୦ ରୁ ଓ ହୋଟେଲରେ ରହିବା ନିମିତ୍ତ ଦରକୁ ୫ ୧୨ ରୁ ଦର ହୋଇ ଥିବାର କଥିତ ହୁଏ ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ଅନ କାଲି ଏସ୍ଥଳରେ ସ୍ୱଚ୍ଛଭଳ ବୃଷ୍ଟି ହେଉଥିବାରୁ ଏହା କୃଷକପକ୍ଷରେ ବିଶେଷ ଉପଯୋଗି ହୋଇଅଛି । ଏହିପରି ସୁପାଳକ ଯେବେ ଆଉ ୧ ୧୫ ଦିନପର୍ଯ୍ୟନ୍ତ ହୁଏ ତାହା ହେଲେ ଲୋକେ ସୁଖରେ କାଳଯାପନ କରିବେ । ଏଥର ମୋଟାଉଲ ସମ୍ବତ ସେ ୧୨ ର ଘରରେ ବନ୍ଦସ୍ଥ ହେଉ ଅଛି । ଗତ କେତେକ ଦିନ ହେଲା ବିଶେଷ ଗରମ ହେଉ ଅଛି ।

ଏଠାକାର ହାଇସ୍କୁଲ ପୂଜା ଅବସର ଶେଷ କରି ଗତ ତା ୧୯ ରିଖରେ ଖୋଲିଅଛି ।

ଅଳ୍ପଦିନ ତଳେ ଅତ ଅଞ୍ଚଳରେ କେତେକଜଣ ଡକାଏତ ଗୋଟିଏ ଲୋକ ଘରେ ପଶି ଘରସ୍ଥିତ ଲୋକମାନଙ୍କୁ ବାନ୍ଧି ଘରର କେତେକ ଗୌଣି ଧାନ ଓ ଗହଣା ଇତ୍ୟାଦି ଚୋରି କରିଥିବା ଅପରାଧରେ ପୁଲିଶହାତ ଧୃତ ହୋଇ ଏଠାକୁ ଆସିଥିଲେ । ସେମାନେ ଚୋରି କରିଥିବାର ଏକରାର କରିବାରୁ ଫୌଜଦାରୀସୋପର୍ଦ୍ଦ ହୋଇଅଛନ୍ତି ।

ତେଲଙ୍ଗପିଠାରେ ଗୋଟିଏ ଲୋକ ଅନ୍ୟ ଏକ ଲୋକକୁ ହତ୍ୟା କରିଥିବାରେ ଚଲାଣ ହୋଇ ଏଠାକୁ ଆସିଅଛି । ମୋକଦ୍ଦମା ଏଯାବତ ତଦନ୍ତାଧୀନରେ ଅଛି ।

ପଟ୍ଟାମୁଣ୍ଡାଇଠାରେ ଗୋଟିଏ ବିଧବା ଗୋଟିଏ ୭।୮ ବର୍ଷର ବାଳକକୁ ମାରି ପକାଇ ଥିବାର ପ୍ରମାଣ ପାଇବାରୁ ପୁଲିଶ ତାହାକୁ ଏଠାକୁ ଧରି ଆଣି ଅଛନ୍ତି । ଶୁଣାଯାଏ ଉକ୍ତ ବାଳକର ଦେହରେ କିଛି ଗହଣା ଥିବାରୁ ଅଜ୍ଞାନୀ ମାତ୍ର ଲୋଭରେ ତାହାକୁ ନଈକୂଳକୁ ନେଇ ଯାଇ ଜଳରେ ତାହା ବେକ ଉପରେ ଗୋଡ଼ ଚପି ତାହାର ପ୍ରାଣ ନେଇଅଛି । କି ଭୟଙ୍କର !

ଅସ୍ମାନଙ୍କର ଆସିଷ୍ଟାଣ୍ଟ କଲେକ୍ଟର ସାହେବ ଗତ ମଙ୍ଗଳବାର ଏଠାରେ ପହଞ୍ଚି ଏଠା ଅଞ୍ଚଳର କେତେକ ସ୍ଥାନ ଦେଖି ସେହିଦିନ ଅସ୍ମାନଙ୍କର ସବ ଡିଭିଜନାଲ ଅଫିସରଙ୍କ ସହିତ ଦୁର୍ଭିକ୍ଷ ସାହାଯ୍ୟ ଦେଖିବା ସକାଶେ ଅନ୍ୟ ଅଞ୍ଚଳକୁ ଯାଇଅଛନ୍ତି ।

ଅତ ଦୁର୍ଭିକ୍ଷ ସାହାଯ୍ୟର ସବ ଡେପୁଟି କଲେକ୍ଟର ବାବୁ ଭୁବନେଶ୍ୱର ମହାନ୍ତି ବନ୍ଦୋବସ୍ତ କାର୍ଯ୍ୟକୁ ପ୍ରେରିତ ହେବାରୁ ବର୍ତ୍ତମାନ ବାବୁ ଅନନ୍ତଚନ୍ଦ୍ର ଦାସ ସେହି କାର୍ଯ୍ୟର ଭାରପ୍ରାପ୍ତ ହୋଇଅଛନ୍ତି ।

## ପତ୍ର ପ୍ରେରକଙ୍କ ପ୍ରତି ।

ଶ୍ରୀ ନିଧିଚରଣ ମହାନ୍ତି ପୋଃ ଅଃ ଜୋବ୍ରା-ସ୍କୁଲ—ଭୂସ୍ୱାମୀ ଶ୍ରୀରଘୁନାଥ ଦାସ କରିବା ନିଷ୍ଠୁର ମୁକାମକୁ ଗମନ କରି ଚାଷୀମାନଙ୍କୁ ନାନା ଯନ୍ତ୍ରଣା ଓ ନିଷ୍ଠୁରଭାବରେ ଅପଦସ୍ଥ କରି ଥିଲେ ଓ ନିଃସହାୟ ଦରିଦ୍ରଲୋକଙ୍କୁ ସୁଦ୍ଧା ଖାଦ୍ୟ ଦେଇଥିଲେ । ଏତଦ୍ବିଷୟରେ ଅଧିକ ଉଲ୍ଲେଖର ଅପ୍ରୟୋଜନ ବିବେଚନାରେ ଆପଣଙ୍କ ପତ୍ରିକା ଉପେକ୍ଷିତ ହେଲା ।

କେହି ଜଣେ—ରଣ୍ଡାଭୂଲର ଯଣ୍ଢଷାର ପ୍ରଶ୍ନକାରଙ୍କ ସମ୍ବନ୍ଧରେ ଇନସ୍ପେକ୍ଟର ମହୋଦୟଙ୍କୁ ଉପଦେଶ ପ୍ରଦାନ କରି ଥିଲେ ଆପଣ ତହା ଦେଇ ନ ଥିବାରୁ ଆପଣଙ୍କ ପତ୍ରିକା ଉପେକ୍ଷିତ ହେଲା ।

କାଲେଶ୍ୱରର ବେନାମୀ ପତ୍ର—ଡିଷ୍ଟ୍ରିକ୍ଟବୋର୍ଡ ସମ୍ବନ୍ଧରେ ଲେଖା ଅଛି କିନ୍ତୁ ପତ୍ରପ୍ରେରକଙ୍କ ନାମ ନ ଥିବାରୁ ପତ୍ର ପ୍ରକାଶ ହେଲା ନାହିଁ । ଆମ୍ଭେମାନେ ବେନାମୀ ପତ୍ରକୁ ସ୍ଥାନଦାନ ଦେଉଁ ନାହିଁ ଏ ବିଷୟ ସାଧାରଣରେ ଜଣାଥିଲେ ସୁଦ୍ଧା ନାମ ନ ଦେଇ ପତ୍ର ପଠାଇବା ଦ୍ୱାରା ଲେଖକର ପରିଶ୍ରମ ବୃଥା ହୁଏ ଓ ଆମ୍ଭମାନଙ୍କର ସମୟ ମଧ୍ୟ ନଷ୍ଟ ହୁଏ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ତୁଳସୀସ୍ତବକ ରୂପ ଭକ୍ତି ପୋଥି ମହାରାଜା ଅଷ୍ଟମଣିଡାଧୀଶ୍ୱରଙ୍କୁ ଅର୍ପିତ ହୋଇଅଛି । ମହାରାଜା ବାହାଦୁର ସ୍ତବକର ମୂଲ୍ୟ ଅବଶ୍ୟ ବୁଝିପାରିବେ । ଆମ୍ଭମାନଙ୍କ ପରି ସାଧାରଣ ପାଠକେ ଯଦିଚ ସମସ୍ତ ଲାଳିତ୍ୟପୂର୍ଣ୍ଣ ପଦମାନ ଉତ୍ତମରୂପେ ବୁଝିପାରୁ ନାହୁଁ । ମହାରାଜା ଏକ ଜଣ ଅତି ବିଚକ୍ଷଣ ଲୋକ ଥିବାର ପ୍ରଜାତ ଅଛି, ସେ ନିଶ୍ଚୟ ମୂଲ୍ୟ ବୁଝି କାର୍ଯ୍ୟ କରିବେ ଯଥା :—

" ବିଚକ୍ଷେ ଅନ୍ଧାରରେ ଜୀବନ ଗଲ,
ଧନ୍ୟ ଯେ ତାହା ଜାଣେ ଯାଚକ ମନ ।"

ତୁଳସୀସ୍ତବକପରେ "ଯଯାତିକେଶରୀ" ପ୍ରକାଶିତ ହୋଇଅଛି । ତାହା ପୁଣି ମୟୂରଭଞ୍ଜାଧୀଶ୍ୱରଙ୍କ ପ୍ରତିଷ୍ଠିତ "ପ୍ରଭାରେ" । ସ୍ତବକ ପରେ "ଛନ୍ଦାଛନ୍ଦ" "ଦେଖାଦେଖି" ଭାବପୂର୍ଣ୍ଣ କଣ୍ଠୋର କଣ୍ଠୋଷ ପୁଣି କଣ୍ଠୋଷ କଣ୍ଠୋଷ ପ୍ରେମସ୍ତବକ ଅର୍ଥାତ "ଯଯାତିକେଶରୀ" କବିତାଟି ମନ୍ଦ ହୋଇ ନାହିଁ । ଭକ୍ତି ମାର୍ଗରେ ମନ "ଉକ୍ତୀୟମାନ" ହେଲେ ପ୍ରାଣର ଶିଥିଳତା କିନ୍ତୁ ରସକ୍ରୀଡ଼ାକୁ ଆସେ । ନ ଥିଲେ ବେଳେ ପ୍ରେମର ଭବରେ ଅସିବାକୁ ଯତ୍ନଶୀଳ ହୁଅଇ, ତାହା ଯଯାତିକେଶରୀ ରଚନାରୀତିରୁ ଜଣାପଡ଼ୁଅଛି । ଯଥା ।—

"ଜଡାଂଶରେ ନିଶା-ଯୋଗେ ପ୍ରେମ ସୁଖେ
ମଜ୍ଜିଲେ ନାଶ ପୁରୁଷ,
ରସିକ ଯେ, ତାଙ୍କୁ ଜଣା ସେହି ପ୍ରେମ ସୁଖ,
ସେ ଗୁଣ ପୀୟୂଷ"।

ଏଥିରେ ମହାପାତକ ଘଟେ ନାହିଁ, କାରଣ କବି ହୃଦୟ ସାଧୁ ହୃଦୟ ପରି ସଦା ସୁଧାପୂର୍ଣ୍ଣ । ସୁତରାଂ ଯଯାତିକେଶରୀ ପଦ୍ୟରେ କମଳାସୁବର୍ଣ୍ଣ ସହି ଲଳିତାସୁନ୍ଦରୀର ଇଡ଼ାଭଙ୍ଗ ଓ ଅନ୍ୟପ୍ରକାରେ ରସଭୋଗ ଅବଶ୍ୟ ଉଚିତପ୍ରେମର ଉତ୍ତମ ବର୍ଣ୍ଣନା, ହେତୁକ ଭାବରେ ସ୍ୱଜନକନୀ । "ସୁନାଶୀର-ଶିଶୁ" ତୁଲଜଣେ ସଙ୍ଗନେମାନଙ୍କ ଅସ୍ୱାଭାବିକ କବିକଳ୍ପନାପ୍ରେମ ସୁଖକୁ, କବିବରଙ୍କ ବଚନରେ "ସତ" ନୁହେଁ । ବୋଲିବାର ବାହୁଲ୍ୟ, ତୁଳସୀସ୍ତବକ ପରି ଯଯାତିକେଶରୀ ଉଚିତ୍ୟପୂର୍ଣ୍ଣ । ତୁଳସୀସ୍ତବକ ସୁନୀତିର ଆଦର୍ଶ ରଚନା, ଅପରଟି ଉଚିତପ୍ରେମର ଆଦର୍ଶ ଚବ୍ୟକବିତା । କବିବରଙ୍କ ସ୍ୱଜାତି ଭକ୍ତି ଅତି ପ୍ରବଳ ଥିବାର ଶୁଣିଅଛୁଁ, ତାହା ଯଦ୍ୟପି ଦେଶାଭେଦ ଶୂନ୍ୟ ନୁହେ, ତେବେହେଁ ଭକ୍ତିପରିଚୟସୂଚକ ସ୍ତୁତିସ୍ତବକ ସଙ୍ଗେ ଯଯାତିକେଶରୀ ଓ ପାବନ କବିତାରୂପ ଧୂପଦାନରେ ଉତ୍କଳର ରାଜବଂଶର ରାଜନେମାନଙ୍କର ଯେଉଁ ଅର୍ଚ୍ଚନା ଭବତି ବନ୍ଦନା ହେଉଅଛି ତାହା ଅବଶ୍ୟ କବିଶ୍ରୁତି ବୋଲି ଯିବ । ଯଯାତିକେଶରୀ "କବିବରଙ୍କ" ସତ୍ୟ କବିତାକୁ ଜଣି ଯାଇଅଛି ଓ ସେପରି ସ୍ତୁତି ଓ କଳ୍ପନାଶକ୍ତିର ପ୍ରଭାବ ଜହିଁରୁ ପ୍ରକାଶ ପାଉଅଛି ତାହା ସମସ୍ତ ହେଲେ ପରେ ବିଶଦଭାବରେ ପାଠକବର୍ଗଙ୍କ ଦୃଷ୍ଟିଗୋଚରରେ ଆଣିବାର ମାନସ ରହିଲା । କବିତାଟି କାହାରିକୁ ଉତ୍ସର୍ଗିତ ହୋଇ ନାହିଁ । ଉପଯୁକ୍ତ ପାତ୍ରରେ ଅବଶ୍ୟ ତାହା ଅର୍ପିତ ହେବ । ଲୁହା ଜାଣି ପାଣି ଦେବା କଥା ଅବଶ୍ୟ ଲୌହକାର ଜାଣେ; ମୂଳରେ ଏତେକ "ଯଯାତିକେଶରୀ" ଖଣ୍ଡିଏ ଅତି ଉତ୍କୃଷ୍ଟ ! ରାଷ୍ଟ୍ରା କଣ୍ଟକିଆ ହେଲେ କଣ ହେବ ରାଜାମୃତ ସ୍ତବକ ବୋଲି ପଡ଼ୁଅଛି । ଅବଲୀଳାର ଭବ ଅସାଧାରଣ ସୀମାକୁ ବଳ ଯାଇ ଉତ୍ତମ କେନ୍ଦ୍ରରେ ଅସ୍ୱାଭାବିକରୂପେ କ୍ରୀଡ଼ା କରୁଅଛି । ଯଯାତିକେଶରୀ ନ ପଢ଼ିଲେ ତହିଁର ମର୍ଯ୍ୟାଦା ଜଣା ହେବ ନାହିଁ ।

ବଶମ୍ବଦ
ଭକ୍ତକିଶୋରୀ

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

## NOTICE.

Wanted an Assessor on a salary of Rs. 100 per meusem for three months to revise the assessment of the Puri Municipality.

Candidates should apply with their testimonials before 30th November 1894.

JAGABUNDHU PATNAIK
*Vice-Chairman.*

## NOTICE.

The first part of our Key to LETHBRIDGE'S EASY SELECTIONS (MINOR COURSE 1895) is out and available for sale. Intending purchasers of the first part will have to pay the price of the whole Key. The second part will be sent to them free as soon as out.

Price of whole Key Re. 1.
Postage one anna extra for Moffosal.

To be had of the Secretary Printing Company Cuttack.

Cuttack, The 24th Septr, 1894. } Akshoy Kumar Ghose, and Hara Chand Ghose.

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !
ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ
ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ତେଉଁଶତ ।

ଅ ତି ସୁ ଲ ଭ ମୂ ଲ୍ୟ ୦୮/ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲ, ଖେମଟା, ଟପା, ଠୁମ୍ରୀ ପ୍ରଭୃତି ସୁମଧୁର-ସ୍ୱରର ଅତିଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତମା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

# ବେଦନାର ଆଉ କଷ୍ଟ ପାଅନା ।

ରାମର ଅତ୍ୟାଶ୍ଚର୍ଯ୍ୟ ବେଦନାନାଶକ ତୈଳ ବ୍ୟବହାର କର ।

ଅନ୍ୟୂନ ୫୦୦୦୦ ହଜାର ଲୋକଙ୍କର ପରୀକ୍ଷିତ ।

ଯେଉଁ ବ୍ୟକ୍ତି ବାତସମ୍ବନ୍ଧୀୟ ନାନା ଅନ୍ୟାନ୍ୟ କାରଣରେ ଉତ୍ପନ୍ନ ଅଥବା ପଡ଼ଯାଇଁ ନାନା ଆଘାତ ଲାଗି ବେଦନାରେ ଅସହ୍ୟ କଷ୍ଟ ପାଉଅଛନ୍ତି ଏହି ମହୋପକାରୀ ତୈଳ ବ୍ୟବହାର ଦ୍ୱାରା ଟୁନ୍ ଟୁନ୍, କନ୍ କନ୍ ପ୍ରଭୃତି ଅର୍ଥାତ୍ ଛନ୍ଦା ଛୁଟିବା ପ୍ରଭୃତି ସକଳ ପ୍ରକାର ଯନ୍ତ୍ରଣା ତତ୍‌କ୍ଷଣାତ୍ ପ୍ରାୟ ଚଞ୍ଚଳ ଉପଶମ ହୁଅଇ । ସମସ୍ତ ସଂସାରି ଲୋକଙ୍କର ଏକ ଶିଶି ଘରେ ରଖିବାର କର୍ତ୍ତବ୍ୟ । ଏହି ତୈଳରେ ଡାକ୍ତରି ଔଷଧ କିଛି ମାତ୍ର ନାହିଁ । ଏକଜଣ ସନ୍ନ୍ୟାସିଙ୍କ ନିକଟରୁ ମିଳିଅଛି କେବଳ ବନଜାତ ପଦାର୍ଥରେ ପ୍ରସ୍ତୁତ । ଏଥିରେ ଦେହ ଚର୍ମ୍ମର କୌଣସି ପ୍ରକାର ଅନିଷ୍ଟ ହୁଅଇ ନାହିଁ । ବଡ଼ ବଡ଼ ଡାକ୍ତରମାନେ ଏହି ତୈଳର ବିଶେଷ ପ୍ରଶଂସା କରିଅଛନ୍ତି । ମୂଲ୍ୟ ଏକଶିଶିର ଏକ ଟ ୧ ଙ୍କା ପାଇଁ ଟ ୦୮/ ଦୁଇଅଣା, ଡାକମାସୁଲ ଟ ୦। ଚାରିଅଣା ମାତ୍ର ।

ଜେ, ପି, ରାୟ ।
ନଂ ୪୬ ମର୍ ନେବୁତଲା ଲେନ,
ବହୁବଜାର । କଲିକତା ।—

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

# ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମଗ୍ର ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ହଜାର ରୋଗୀ ଯେଉଁମାନଙ୍କୁ ବଡ଼ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିର କରିଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲୁଗାରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହ୍ରାସତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଲବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନ ଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ଙ୍କା ପ୍ୟାକିଂ ଟ ୦୮/ ଅଣା, ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଜେ, ପି, ରାୟ
ନଂ ୪୬ ମର୍ ନେବୁତଲା ଲେନ
କଲିକତା ।

# ରାଗ-ରସଦୀପକ ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରବାଲା
ନୟାସଡ଼କ କଟକ

Digitized by srujanika@gmail.com

Split by PDF Splitter




# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ ୷ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱର ଦକ୍ଷିଣୀ ଓ ଝୁଲଣ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

# New School Books.

JUST TO HAND.

Webb's Two hundred questions on Grammar and Idiom with Answers.
Webb's Keys to English Entrance Course for 1892 and 1893.
S. P. Ghosh's Key to English Entrance Course for 1894.
Chambers' Etymol. Dictionary
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବିଲାତ, ରେସମୀ ଓଗେରେ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗାଉପରେ ଲେଖା ଅଛି ବରଂ ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୂନଫା କଷି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବାହାରଠାରୁ ଅଧିକ ବା ଊଣା ନିଆଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତପସିଲ ।

ଜିନିଷର ନାମ — ମୂଲ୍ୟ
ଅଟମେଷ୍ଟ ପେନସୀଲ — ଗୋ ୧ ଟ ୦ ।/
ଲାଲ ଓ ନୀଳ ପେନସୀଲ — ଗୋ ୧ ଟ ୦ ⁄୯
ଓଡ଼ିଆ ପେନସୀଲ — ଦ ୧ ଟ ୦ ୷
ନକସା କାଗଜ — ଦ ୧ ଟ ୦ ୷
ଫୁଲସ୍କେପ୍ କାଗଜ ସରୁଆ — ଦ ୧ ଟ ୦ ୷
ଏକନ ରୁଲବାଲା — ଦ ୧ ଟ ୦ ⁄୨
ଏକନ ଚଉସା — ଦ ୧ ଟ ୦ ⁄୩
ଫାଉସୀନୋଟପେପର ଓ ଲଫାଫା — ଦ ୧ ଟ ୨ ।
ଡାକକାଗଜ ସରୁଆ — ଦ ୧ ଟ ୦ ⁄
ଏକନ ମଧ୍ୟମ — ଦ ୧ ଟ ୦ /
ଲଫାଫା ସରୁଆ ସ ୧୦୦ ଟ ୦ ⁄ ଗୋ ୨୫ ଟ ୦ ⁄୩
ଏକନ ମଧ୍ୟମ ସ ୧୦୦ ଟ ୦ ୷ ଗୋ ୨୫ ଟ ୦ ୯
ବାଲିକାଗଜ ୧୨ ଖଣ୍ଡି — ଦ ୧ ଟ ୦ ⁄୩
ସୀହାଇ — ବୋ ୧ ଟ ୦ ୷
ଏକନ ଗୁଣ୍ଡି ଏହାକୁ ଅଧ ବୋତଲ ଜଳରେ ସକାଳ ଗୁଳିବଳ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ — ବ ୧ ଖୁଲ ଟ ୦ ⁄୨
ସୀଲଟ ପେନସୀଲ — ବ ୧ ଟ ୦ ୷
ରବର — ଖ ୧ ଟ ୦ ୷
ହଂସପକ୍ଷୀ କଲମ — ଗୋ ୨୫ ଟ ୦ ।/
ଲିଖା କଲମ (ନବ) ସରୁଆ, ଡ୍ର ୧ ଟ ୦ ⁄
ଏକନ ଚଉସା — ଡ୍ର ୧ ଟ ୦ ୯
ଏକନ୍ ଡଡ୍ରମାଗନକୋଲମ — ଗୋ ୧ ଟ ୦ ୯୨
ହାତଦୁଅତ ଢାଙ୍କୁଣି ସହିତ (ଚକଣାକାଲି) — ଗୋ ୧ ଟ ୦ ।
ଏକନ ସାଧାରଣ — ଗୋ ୧ ଟ ୦ ⁄୨
ଚଉଫିଟା ସରୁଆ — ଗ ୧ ଟ ୦ ୷
କୋରୟୁର ଦେଗ ଗୁଞ୍ଜିସହିତ — ଗୋ ୧ ଟ ୦ ୷
ମନିବେଗ — ଗୋ ୧ ଟ ୦ ⁄
ମୁଗୁନିପଥରର ଫସିଡ୍ରା ଓ ରୁପେଇନିକସାବାଲା — ଗୋ ୧ ଟ ୨ ।
ଲେବେଣ୍ଡର — ଗୋ ୧ ଟ ୧୧
ମେକସର ଅଏଲ — ଗୋ ୧ ଟ ୦ ୳
ସାବୁନ ସରୁଆ — ଖ ୧ ଟ ୦ /୯
ଫଲଦାନ — ଗୋ ୧ ଟ ୧⁄
ଦେବାଲଗିର ୨ଡାଳିଆ — ଗୋ ୨ ଟ ୪।
ଏକନ ଏକଡାଳିଆ — ଗୋ ୧ ଟ ୨
ସେଜ — ଗୋ ୧ ଟ ୨
ଅଗରେଟ — ଗୋ ୧ ଟ ⁄୨
ତାସ — ବ ୧ ଟ ୦ /୩
ସାନପଗଡ଼ୀ — ଗୋ ୧ ଟ ୫୧
ବନାରସୀ ସ୍ୱର୍ଣ୍ଣ ତନ୍ତୁ — ଖ ୧
ସିଲଛାଉଏହାକୁ କୌଣସି ପାତ୍ରରେ ରଖି ନିଅଁରେ ତରଳାଇ ବୋଠାଁ ଖଡ଼ର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ ୧ ଟ ୦

କଟକ ଚୌଧୁରୀ ବଜାର } ଅରତବନ୍ଧୁ କର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି — ଟ ୦ ⁄
ଅଧସ୍ତମ୍ଭକୁ — ଟ ୨୧
ପୂର୍ଣ୍ଣ ଏକ ସ୍ତମ୍ଭକୁ — ଟ ୩୮

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୳ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।


ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 8

# ଉତ୍କଳଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ସ / ସ ୪୨ ସଂଖ୍ୟା — ତା ୩ ରା ମାହେ ନଭେମ୍ବର ସନ ୧୮୯୪ ମସିହା । ମୂ । ୧୨୭୦ ଚ କାର୍ତ୍ତିକ ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫
ପଶ୍ଚାଦ୍ଦେୟ ଟ ୭

ବଙ୍ଗୀୟ ଲେଫ୍ଟେନାଣ୍ଟଙ୍କର ସେଲବଦାର ଶେଷ ହୋଇଅଛି । ସେ ଗତ ଗୁରୁବାର ଦାରଜିଲିଂଠାରୁ ଯାତ୍ରା କରି ବିହାର ଅଞ୍ଚଳର କେତେ ସ୍ଥାନର ବନ୍ଦୋବସ୍ତ କାର୍ଯ୍ୟ ପରିଦର୍ଶନରେ ପ୍ରବୃତ୍ତ ହୋଇଅଛନ୍ତି । ଆଗାମି ଡିସମ୍ବରମାସ ତା ୪ ରିଖ ପୂର୍ବାହ୍ନରେ କଲିକତାରେ ଉପସ୍ଥିତ ହେବେ ।

—*—

କାବୁଲର ଅମିର ଏପରି ପୀଡିତ ହୋଇଥିଲେ ଯେ ତାହାଙ୍କର ବଞ୍ଚିବାର ଆଶା ନ ଥିଲା ଏବଂ ତାହାଙ୍କ ଉତ୍ତରାଧିକାରୀ କିଏ ହେବ ଏ କଥାର ଆନ୍ଦୋଳନ ଲାଗିଥିଲା । ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ କାବୁଲର ଶାନ୍ତିରକ୍ଷା ନିକଟରେ ମଧ୍ୟ ବ୍ୟସ୍ତ ହୋଇଥିଲେ । ସୁଖର ବିଷୟ ଯେ ତାହାଙ୍କ ପୀଡ଼ା ଉପଶମ ହେବାର ସମ୍ବାଦ ଆସିଅଛି ।

———

ଆମ୍ଭମାନଙ୍କର ଜଣେ ପରିଚିତ ବ୍ୟକ୍ତି ଲେଖି ଅଛନ୍ତି କି ସାମନ୍ତ ରାଜନାରାୟଣ ଦାସ ଜମିଦାର କଟକରୁ ଫେରିଯିବା କାଳେ ରୁଚିଲଙ୍କଠାରେ ପହଞ୍ଚିବା ସମୟରେ ତାହାଙ୍କ ନାଏବ ବାବୁ ଚତୁର୍ଭୁଜ ଦାସ ପ୍ରଜାଙ୍କର କଷ୍ଟ କଥା ଜଣାଇବାରୁ ଜମିଦାର ମହୋଦୟ ଅତ୍ୟନ୍ତ ବ୍ୟଥିତ ହୋଇ ପାଞ୍ଚହଜାର ଟଙ୍କା ଖଜଣା ଛାଡ଼ିଦେବାର ଆଦେଶ ପ୍ରଦାନ କଲେ । ବର୍ତ୍ତମାନ ସମୟରେ ଏପରି ପ୍ରଜାବତ୍ସଳତା ଅତ୍ୟନ୍ତ ପ୍ରଶଂସନୀୟ ଅଟେ ।

———

ରୁଷିୟାର ସମ୍ରାଟ ଅତ୍ୟନ୍ତ ପୀଡିତ ହୋଇଅଛନ୍ତି । ତାହାଙ୍କ ମୂତ୍ରନଳ ଭିତରେ କ୍ଷତ ଏବଂ ଉଦରୀ ହୋଇଅଛି । ରୋଗ ଏଡ଼େ ବିଷମ ହୋଇଅଛି ଯେ ବଞ୍ଚିବାର ଆଶା ଡାକ୍ତରମାନେ ମଧ୍ୟ ଦେଇ ପାରୁ ନାହାନ୍ତି । ସ୍ୱାମିଙ୍କ ପୀଡ଼ା ଦେଖି ସାମ୍ରାଜ୍ଞୀ ଶଯ୍ୟାଗତା । ଏମନ୍ତ ସମୟରେ ସମ୍ରାଟଙ୍କ ଜ୍ୟେଷ୍ଠପୁତ୍ରର ଶୁଭ ବିବାହ କାର୍ଯ୍ୟ ଗତମାସ ତା ୨୬ ରିଖରେ ସମାଧା ହୋଇଗଲା । ପିତାର ସଙ୍କଟାପନ୍ନ ଅବସ୍ଥାରେ ପୁତ୍ରର ବିବାହ, ଏ ଦୃଶ୍ୟ ଏ ଦେଶରେ କେହି ଦେଖିଅଛନ୍ତି କି ? ଅଥବା ବଡ଼ ଘରର କଥା ଭିନ୍ନ ।

———

ଜାପାନ ଚୀନ ଯୁଦ୍ଧ ସମ୍ବନ୍ଧରେ ଏ ସପ୍ତାହରେ ଯେ ସମସ୍ତ ସମ୍ବାଦ ଆସିଅଛି ଇହାର ସାର ମର୍ମ ଏହି କି ଜାପାନ କ୍ରମାଗତ ଅଗ୍ରସର ହେଉଅଛି ଓ ଚୀନ ପରାଜୟ ପାଉଅଛି । ଉଭୟ ପକ୍ଷର କ୍ଷତି ଶୋଚନୀୟ ଅଟେ । ଏକ ଯୁଦ୍ଧରେ ୩ ହଜାର ଜାପାନୀ ଓ ୪ ହଜାର ଚୀନସେନା ହତ ଓ ଆହତ ହେବାର ପ୍ରକାଶ । ଅନ୍ୟ ଏକ ଯୁଦ୍ଧରେ ଜାପାନୀସେନା ୩ହଜାର ଚୀନ ସେନାଙ୍କୁ ପରାସ୍ତ କରି ଅଗ୍ରସର ହେଲେ । ଏଥିରେ କେତେ ହତ ହେଲେ ପ୍ରକାଶ ହୋଇ ନାହିଁ । ଉଭୟପକ୍ଷ ସଦର୍ପରେ ମାତି ଅଛନ୍ତି । ଅଦ୍ୟାପି ସନ୍ଧିର ପ୍ରସ୍ତାବ ହୋଇ ନାହିଁ ।

———

ଆସାମ ମୁଜଫରନଗରରେ ଗତ ୨୪ ଘଣ୍ଟା ମଧ୍ୟରେ ୧୧ ଇଞ୍ଚ ବୃଷ୍ଟି ହେବାର ସମ୍ବାଦ ଆସିଅଛି । ବୃଷ୍ଟି ସଙ୍ଗେ ପ୍ରବଳ ବତାସ ମଧ୍ୟ ଥିଲା । ଏଥିରେ ଫସଲର ବିଶେଷ କ୍ଷତି ହୋଇଅଛି । ଦୀପାବଳୀ ଅମାବାସ୍ୟା ସମୟରେ ତୋଫାନର ଯେଉଁ ଆଶଙ୍କା ଆମ୍ଭେମାନେ କରୁଥିଲୁଁ ତାହା ଆସାମ ଅଞ୍ଚଳରେ ପ୍ରତ୍ୟକ୍ଷ ହେଲା । ଏହା ଦ୍ୱାରା ଧାନର ବିଶେଷ ଏବଂ ଇକ୍ଷୁକ୍ଷେତର ଅଳ୍ପ କ୍ଷତି ହୋଇ ଅଛି । ବମ୍ବେଇରେ ମଧ୍ୟ ଗତ ଅମାବାସ୍ୟାର ଦୁଇ ଦିନ ପୂର୍ବେ ଭୀଷଣ ତୋଫାନ ହୋଇଥିବାର ସମ୍ବାଦ ଆସିଅଛି । ଏହି ତୋଫାନ ଯୋଗେ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ଭୀଷଣ ବୃଷ୍ଟି ହୋଇଥିଲା ।

———

ମାନ୍ଦ୍ରାଜ ଦକ୍ଷିଣ ବିଭାଗର ନିମକ ଏବଂ ଆବକାରି ରାଜସ୍ୱର ଡେପୁଟି କମିଶନର ଶ୍ରୀଯୁକ୍ତ ଲେଭିସାହେବ ମୋଫସଲରେ ସାମାନ୍ୟ ଜ୍ୱର ରୋଗରେ ପୀଡ଼ିତ ହୋଇ ମଙ୍ଗାଲୁରକୁ ଫେରିଆସି ଇହାଁ ଅରିଦଲ ଜାହାଜରେ ମାନ୍ଦ୍ରାଜକୁ ଯିବା ଅଭିପ୍ରାୟରେ ଆପଣା ଜିନିସ ପତ୍ର ବନ୍ଧାବନ୍ଧି କରିବାରେ ବ୍ୟସ୍ତ ଥିଲେ । ପରେ ତାହାଙ୍କର ମନ କେମନ୍ତ ବିଚଳିତ ହେଲା ଯେ ଖୁରଦ୍ୱାରା ସ୍ୱହସ୍ତେ ଆପଣା ଗଳାକାଟି ଆତ୍ମହତ୍ୟା କଲେ । ଆତ୍ମହତ୍ୟା କ୍ରମାଗତ ବୃଦ୍ଧି ହେବା ବଡ଼ ଦୁଃଖର ବିଷୟ ଅଟେ । ଆତ୍ମହତ୍ୟା ମହାପାପ ମାତ୍ର ବର୍ତ୍ତମାନ ସମୟରେ ଲୋକଙ୍କର

Digitized by srujanika@gmail.com

Split by PDF Splitter



ଧର୍ମ ହେବା ଉଣା ହେବାକୁ ସେ ଖାପରୁ କେହି ଡରୁ ନାହାନ୍ତି ।

---

ଅମ୍ଭମାନଙ୍କର ଏକ୍‌ଟିଂ କଲେକ୍ଟର ସାହେବ ଅଡର ସାହାଯ୍ୟ କାର୍ଯ୍ୟ ପରିଦର୍ଶନ କରି ଫେରି ଆସି ଅଛନ୍ତି । ସାହାଯ୍ୟ ସ୍ୱରୂପ ଯେଉଁ ସତନ କାର୍ଯ୍ୟମାନ ସେଠାରେ ଲଗିଅଛି ତାହା ଶେଷ ହେବାକୁ ଅନ୍ତର ଏକମାସରୁ ଊର୍ଦ୍ଧ୍ୱ ସମୟ ଲଗିବ ଏବଂ ଏଥି ମଧ୍ୟରେ ସାରଧ ଧାନକଟା ଆରମ୍ଭ ହେବ । ସୁତରାଂ ସାହାଯ୍ୟ ନିମନ୍ତେ ଅନ୍ୟ କିଛି ବ୍ୟବସ୍ଥା କରିବାର ଆବଶ୍ୟକ ନାହିଁ । ଅତିଲ ସକା ଅକ୍ଷମ ଲୋକଙ୍କ ନିମନ୍ତେ ଯେଉଁ ଅନ୍ନଛତ୍ର ଫିଟାଇ ଅଛନ୍ତି ତଦ୍ୱାରା ଅନେକ ସାହାଯ୍ୟ ହେଉଅଛି । ପ୍ରଥମେ ଦୈନିକ ଏକ ମଣ ଲେଖାଏ ଚାଉଳ ରନ୍ଧା ହେଉଥିଲା । ପ୍ରାର୍ଥୀଙ୍କ ସଂଖ୍ୟା ଅଧିକ ହେବାରୁ ଦଳାଜୀ ଦେଢମଣ ଚାଉଳର ବରାଦ ହୋଇଅଛି । ସତ୍ୟ ମହାଶୟଙ୍କର ଏ କାର୍ଯ୍ୟ ବଡ଼ ପ୍ରଶଂସନୀୟ ଅଟେ ।

---

ପଦ୍ମନାଭ ସ୍ୟା ବା ଦଅଲ ଅମାବାସ୍ୟା ଧାନ ଫସଲ ପ୍ରତି ଗୋଟିଏ ବିଶେଷ ଘାଟିକାଳ ଏବଂ ଏବର୍ଷ ସେ ସମୟରେ ତୋଫାନ ହେବାର ଆଶଙ୍କା ଅନେକ ଲୋକ କରୁଥିଲେ । ଈଶ୍ୱରଙ୍କ ଅନୁଗ୍ରହରେ ସେ ଆଶଙ୍କା ଦୂର ହୋଇ ଅଛି । ସେଦିନ ସନ୍ଧ୍ୟା ବେଳେ କେବଳ ମେଘ ଉଠାଇ ୦।୦୨ ବୃଷ୍ଟି ହୋଇଅଛି । ଏ ନଗରରେ ତାହା ସ୍ପଷ୍ଟ ହୋଇନାହିଁ । ଏଥିରୁ ସମସ୍ତଙ୍କର ଆଶା ହେଉଅଛି ଯେ ସାରଧ ଧାନ କ୍ଷେତ ନିରାପଦ ହେଲା ଏବଂ ପ୍ରଚୁର ଫସଲ ପାଇ ଲୋକେ ଉନବର୍ଷର କଷ୍ଟରୁ ମୁକ୍ତ ପାଇବେ । ମାତ୍ର ଆକାଶର ଅବସ୍ଥା ସମ୍ପୂର୍ଣ୍ଣରୂପେ ସନ୍ତୋଷଜନକ ହୋଇ ନାହିଁ । ବେଳେବେଳେ ମେଘମାନ ଉଦୟ ହେବା ଏବଂ ଅସ୍ଥିର ପବନ ବହିବା ବଡ଼ ଭୟର କଥା । ଗତ ଗୁରୁବାରଠାରୁ ଅଳ୍ପ ଅଳ୍ପ ବୃଷ୍ଟି ଓ ପବନ ହେଉଅଛି ।

---

ହାବଡା ଜିଲ୍ଲା ଅନ୍ତର୍ଗତ ଅନନ୍ତଗୋସ୍ୱାମୀ ଗ୍ରାମ ନିବାସୀ ବାବୁ ଈଶ୍ୱରଚନ୍ଦ୍ର ହାଜରା ସ୍ୱଗ୍ରାମରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ସ୍ଥାପନ କରିବା ଅଭିପ୍ରାୟରେ ୧୬ ହଜାର ଟଙ୍କାର ପ୍ରମିସରି ନୋଟ ଉକ୍ତ ଜିଲ୍ଲାର ମାଜିଷ୍ଟ୍ରେଟଙ୍କୁ ଦାନ କରିଅଛନ୍ତି ଏବଂ ସେହି ଚିକିତ୍ସାଳୟ ନିମନ୍ତେ ଉପଯୁକ୍ତ ଗୃହ ନିର୍ମାଣ କରିବାକୁ ଯେତେ ଟଙ୍କା ଲଗିବ ତାହା ଦେବାକୁ ଅଙ୍ଗୀକାର କରିଅଛନ୍ତି । ମାନ୍ୟବର ବଙ୍ଗୀୟ ଲେଟେଲଟ ଏଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଇ ଏ ବିଷୟ କଲିକତା ଗେଜେଟରେ ପ୍ରକାଶ କରାଇ ଦେଇ ଅଛନ୍ତି । ମୋଫସଲରେ ଚିକିତ୍ସା ଅଭାବ ଅତ୍ୟନ୍ତ ଶୋଚନୀୟ । ଏ ଅଭାବ ମୋଚନାର୍ଥ ଯେଉଁ ଧନୀମାନେ ମୁକ୍ତହସ୍ତ ସେମାନେ ସର୍ବସାଧାରଣଙ୍କର ବିଶେଷ ଧନ୍ୟବାଦର ପାତ୍ର ସନ୍ଦେହ ନାହିଁ ।

---

ପାଠକମାନଙ୍କର ସ୍ମରଣ ଅଛି ଯେ ଚିଠି ଇତ୍ୟାଦି ଡାକବାକ୍ସରେ ପକାଇବା ପୂର୍ବେ ତହିଁରେ ଲଗିଥିବା ଡାକ ଟିକଟକୁ ରବର ଅଥବା ଅନ୍ୟ ମୋହରର ଛାପାଦ୍ୱାରା ନଷ୍ଟ କରିବାର ପ୍ରଥା ଗବର୍ଣ୍ଣମେଣ୍ଟ ନିଷେଧ କରିଅଛନ୍ତି । ଏହି ନିଷେଧ ଆଜ୍ଞା ଚଳିତମାସ ତା ୧ ରିଖଠାରୁ ଆରମ୍ଭ ହୋଇଅଛି । ଅତଏବ ଭାରତବର୍ଷର ଡାକଘର ଡାଇରେକ୍ଟର ଜେନେରଲ ଘୋଷଣା ପତ୍ରଦ୍ୱାରା ସର୍ବସାଧାରଣଙ୍କୁ ସାବଧାନ କରି ଦେଇ ଅଛନ୍ତି କି ଏଣିକି ଚିଠି ଇତ୍ୟାଦି ଉପରେ ଡାକମାସୁଲ ସ୍ୱରୂପ ଯେଉଁ ଡାକଟିକଟ ଲଗିଥିବ ଯେବେ ସେହି ଟିକଟ ଉପରେ ରବରଷ୍ଟାମ୍ପ କିମ୍ବା ଅନ୍ୟପ୍ରକାର ମୁଦ୍ରାର ଛାପ ଥିବ ତେବେ ସେ ଚିଠି ଇତ୍ୟାଦିରେ ମାସୁଲ ଦିଆ ଯାଇଅଛି ବୋଲି ଡାକଘର ଗ୍ରହଣ ନ କରି ବେରିଂ ସ୍ୱରୂପ ବ୍ୟବହାର କରିବେ ।

---

ଓଡିଶା ବନ୍ଦରମାନଙ୍କରେ ଗତବର୍ଷ ଆୟ ଟ ୧୪୧।୬୪ ଓ ବ୍ୟୟ ଟ ୧୬୭୯୮(କା) ଥିଲା । ତହିଁ ପୂର୍ବ ବର୍ଷର ଆୟ ଟ ୧୩୬୭୦(କା) ଓ ବ୍ୟୟ ଟ ୧୧୯୦୭(କା) ଥିଲା । ସୁତରାଂ ପୂର୍ବ ବର୍ଷଠାରୁ ଆୟ ୫୩୦୪(କା) ଓ ବ୍ୟୟ ଟ ୪୮୪୧(କା) ବୃଦ୍ଧି ହୋଇ ଅଛି । କଲିକତାରୁ ଆସିଥିବା ଜାହାଜମାନ ପୂର୍ବାପେକ୍ଷା ବଡ଼ ଥିବାରୁ ବନ୍ଦର ମାସୁଲ ଅଧିକ ଆଦାୟ ହୋଇ ଅଛି ଏବଂ ସେହି ବନ୍ଦରର ମଦ୍‌କୁମା ଖର୍ଚ୍ଚ ଓ ନୂତନ ବୋୟା ବସାଇବାର ଖର୍ଚ୍ଚ ଅଧିକ ହେବାଯୋଗୁଁ ବ୍ୟୟ ବୃଦ୍ଧି ହୋଇ ଅଛି । ଗତବର୍ଷ ପୂର୍ବାପେକ୍ଷା ବଡ଼ ବଡ଼ ଜାହାଜ ଆସିଥିଲେହେଁ ଅଧିକ ମାଲ ଯାଇ ପାରି ନାହିଁ । ତହିଁର କାରଣ ଏହି କି ଓଡିଶାରେ ଫସଲ ଉଣା ହୋଇ ଥିଲା ଏବଂ ଉତ୍ତରପଡ଼ର ଜିନିଷ ସବୁ ରେଲବାଟେ ବମ୍ବେଇକୁ ବାହାର ଯିବାରୁ ମହାନଦୀ ବାଟେ ଏ ପ୍ରଦେଶକୁ ଅଳ୍ପ ଆମଦାନି ହେଲା ।

---

ବର୍ତ୍ତମାନର କମିଶନର ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ଆପଣା ବାର୍ଷିକ ରିପୋର୍ଟରେ ଲେଖିଅଛନ୍ତି କି ବର୍ତ୍ତମାନର ଅନ୍ତଃପାତି କାଷନ ନଗରରେ ଶ୍ରେଷ୍ଠ ପ୍ରକାରର ତୁଷ ଓ କଲୁଷ ପ୍ରସ୍ତୁତ ହେଉଅଛି । ମାତ୍ର ଦୁଃଖର ବିଷୟ ଯେ ଏହି ସବୁ ଦ୍ରବ୍ୟର କାରିଗର ପ୍ରେମଚାନ୍ଦ ମିସ୍ତ୍ରୀ ଏ ବିଦ୍ୟା ଅନ୍ୟ କାହାରିକି ଶିଖାଇବାକୁ ଇଚ୍ଛା କରୁ ନାହିଁ । ଅତଏବ ସମ୍ଭବ ହେଉଅଛି ଯେ ସେ ମଲେ ଏସବୁ ଦ୍ରବ୍ୟର ବ୍ୟବସାୟ ଉଠିଯିବ । ଆପଣା ପ୍ରାଧାନ୍ୟ ରଖିବା ଆଶାରେ ବିଦ୍ୟା ଗୋପନ ରଖିବା ଏଦେଶରେ ନୂତନ ନୁହେ । ଏହା ବହୁକାଳରୁ ଚଳିଆସିବାର ଶୁଣାଅଛି ଏବଂ ତଦ୍ୱାରା ଏଦେଶର ବିଶେଷ କ୍ଷତି ହୋଇଅଛି । ଆମ୍ଭେମାନେ ମନେ କରୁଥିଲୁଁ ଯେ ଏପ୍ରକାର କ୍ଷୁଦ୍ରାଶୟତା ବର୍ତ୍ତମାନର ଉନ୍ନତ ସମୟରେ ସ୍ଥାନ ପାଇବ ନାହିଁ । ପ୍ରେମଚାନ୍ଦର ସେହି ପୁରୁଣା ଚାଲିଆ ମତି ଦେଖି ବଡ଼ ଦୁଃଖିତ ହେଲୁଁ । ତାହାଙ୍କର ଏହି ଭ୍ରମ କେହି ଭାଙ୍ଗିପାରିବ ନାହିଁ କି ?

---

ବଙ୍ଗପ୍ରଦେଶର ଗତ ବିଆଳି ଫସଲର ସରକାରୀ ଅନୁମାନିକ ହିସାବ କୃଷି ବିଭାଗରୁ ପ୍ରକାଶିତ ହୋଇଅଛି । କୃଷି ବିଭାଗର ଅଧ୍ୟକ୍ଷଙ୍କ ବିବେଚନାରେ ମୋଟରେ ଏବର୍ଷ ଫସଲ ୧୬ ଅଣାରୁ ଉଣା ହୋଇ ନାହିଁ ବରଂ ହାରାହାରିରେ ୧୭ ଅଣା ହୋଇ ପାରେ । ବିଆଳି ଫସଲ ମଧ୍ୟରେ କେବଳ ଧାନ ବୁଝିବାକୁ ହେବ ନାହିଁ ମାତ୍ର ବର୍ଷାକାଳରେ ଯେତେ ପ୍ରକାର ଫସଲ ଅମଳ ହୁଏ ଯଥା ବିଆଳିଧାନ, ମାଣ୍ଡିଆ, ବାଜରା, ମକା, ଝୋଟ, ନୀଳ, କପା ପ୍ରଭୃତି ସମସ୍ତ ଧରିବାକୁ ହେବ । କେବଳ ଅତିବୃଷ୍ଟି ହେତୁ କଟକ ବାଲେଶ୍ୱର ଓ ପୁରୀ ସହିତ ଗୋ ୯ ଟି ଜିଲ୍ଲାରେ ଏବଂ ଧୋଇ ହେତୁ କଟକ ଓ ବାଲେଶ୍ୱରରେ ବିଆଳି କ୍ଷେତର ଆବାଦ ଉଣା ଏବଂ ଫସଲ ନଷ୍ଟ ହୋଇଅଛି । ଏଥିପାଇଁ କଟକରେ ୧୦ ଅଣା ବାଲେଶ୍ୱରରେ ୧୨ ଅଣା ଏବଂ ପୁରୀରେ ୧୩ ଅଣା ବିଆଳି ଫସଲ ଅମଳ ହେବାର ସରକାରୀ ଇଷ୍ଟିମେଟ ହୋଇଅଛି । ଆମ୍ଭମାନଙ୍କର ବିବେଚନାରେ ଏ ଅନୁମାନ ନିତାନ୍ତ ଅସଙ୍ଗତ ନୁହେ ।

---

ଏଠା କଲେକ୍ଟରୀ ହିରସ୍ତାଦାରଙ୍କ ପେନସନ ସମ୍ବନ୍ଧରେ ଆମ୍ଭେମାନେ ଗତ ସପ୍ତାହରେ

Digitized by srujanika@gmail.com